

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୭ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 FEBRUARY 2022
Vol.No. 33 ■ No. 46 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ପାଉଛି....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରଥମ ପର୍ଯ୍ୟାୟ ପଂଚାୟତ ଭୋଟ୍ : ୭୦% ମତଦାନ

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି । କେବଳ କିଛି ସ୍ଥାନରେ ଗଣ୍ଡଗୋଳ ନେଇ ଖବର ଆସିଥିବାବେଳେ, ଆଗକୁ ଯେପରି ଏହାର ପୁନରାବୃତ୍ତି ନହୁଏ ସେଥିପ୍ରତି ଧ୍ୟାନ ଦିଆଯାଉଛି । ପୋଲିସ ଡିଜିଙ୍କୁ ମଧ୍ୟ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ବୁଧବାର ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ପାଇଁ ଭୋଟିଂ ସରିବା ପରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ । ସେ କହିଛନ୍ତି ମୋଟ ୭୧ଟି ବ୍ଲକର ୧୬୬୯ଟି ଗ୍ରାମ ପଞ୍ଚାୟତରେ ୨୦୦ ଜିଲ୍ଲା ପରିଷଦ ସଭ୍ୟ ପାଇଁ ୨୨,୩୭୯ ବୁଥରେ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ଶେ, ହୋଇଛି । କଳାହାଣ୍ଡି ଜିଲ୍ଲାର ଜୁନାଗଡ ବ୍ଲକର ଡୁଣ୍ଡାମେଲା ଗ୍ରାମ ପଞ୍ଚାୟତର ୱାର୍ଡ ନମ୍ବର ୧୧ରେ ବିଶେଷ କାରଣରୁ ନିର୍ବାଚନ ହୋଇନାହି । ଏହା ସହିତ ଢେଙ୍କାନାଳର ୩ଟି ବୁଥ୍, ଯାଜପୁରର ୭ଟି ବୁଥ୍ ଓ ପୁରୀ ଜିଲ୍ଲାର ୫ଟି ବୁଥରେ ନିର୍ବାଚନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ଏ ସମ୍ପର୍କରେ ସମ୍ପୃକ୍ତ ଜିଲ୍ଲାପାଳଙ୍କଠାରୁ ବିସ୍ତୃତ ରିପୋର୍ଟ ପାଇବା ପରେ ରାଜ୍ୟ ନିର୍ବାଚନ କମିଶନ ସେ ବିଷୟରେ ଅନୁଧ୍ୟାନ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଅନ୍ୟପଟେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ୭୦ ପ୍ରତିଶତ ମତଦାନ ହୋଇଛି । ହେଲେ ଆଗକୁ ଏହି ସଂଖ୍ୟା ବଢି ମଧ୍ୟ ପାରେ ବୋଲି ନିର୍ବାଚନ କମିଶନର ସୂଚନା ଦେଇଛନ୍ତି ।



## ଜେଲ୍ ଗଲେ ଅତିରିକ୍ତ ଏସପି ତ୍ରିନାଥ ମିଶ୍ର

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ଆୟ ବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ପୋଲିସ୍ କମ୍ୟୁନିକେସନ ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ଗିରଫ କରିଛି ଭିଜିଲାନ୍ସ। ଗିରଫ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତରେ ରହିବେ। ତ୍ରିନାଥଙ୍କୁ ଗିରଫ ସହ ତାଙ୍କ ପତ୍ନୀଙ୍କ ନାଁରେ ବି ମାମଲା ରୁଜୁ ହୋଇଛି। ତ୍ରିନାଥଙ୍କ ପକ୍ଷରୁ ଜାମିନ ପାଇଁ ଭିଜିଲାନ୍ସ କୋର୍ଟରେ ଆବେଦନ କରାଯାଇଛି। ଆସନ୍ତା ୨୧ ତାରିଖରେ ଏହାର ଶୁଣାଣି ହେବ। ଏଏସପି ତ୍ରିନାଥ ମିଶ୍ର ଗିରଫ ସମ୍ପର୍କରେ ଭିଜିଲାନ୍ସ ଏସପି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ତ୍ରିନାଥଙ୍କର ୧୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତି ଠାବ ହୋଇଛି। ସେଥିରୁ ପ୍ରାୟ ୮ କୋଟି ୬୧ ଲକ୍ଷ ଟଙ୍କା ହେଉଛି ଆୟ ବର୍ହିଭୂତ। ନିଜ ଆୟ ଠାରୁ ୫୦୦ ଗୁଣା ଅଧିକ ସମ୍ପତି ରହିଥିବା ଭିଜିଲାନ୍ସ ଏସପି ସୂଚନା ଦେଇଛନ୍ତି। ଅପରପକ୍ଷରେ ତାଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବବୋଲି ସେ କହିଛନ୍ତି। ଗତକାଲିଠାରୁ କଟକ, ଭୁବନେଶ୍ୱର ସମେତ ୧୧ଟି ସ୍ଥାନରେ ରେଡ୍ କରିଥିଲା ଭିଜିଲାନ୍ସ। ଚଢାଉ ବେଳେ ତାଙ୍କ ନିକଟରେ ୧ କୋଟି ୧୦ ଲକ୍ଷ ଟଙ୍କାର ଏକ ବିଏମଡବ୍ଲ୍ୟୁ କାର , ୧୭ ଲକ୍ଷର ହୁଣ୍ଡାଇ କ୍ରେଟା କାର୍, ମାରୁତି ବାଲେନୋ କାର୍ ଓ ସେଭ୍ରୋଲେ ଟ୍ରେଲବ୍ଲେଜର କାର୍ ମିଳିଥିଲା। ସେହିପରି ୫.୩ ଲକ୍ଷର ଜିଟିଆର ୨୫୦ ହୋସୁଙ୍ଗ ବାଇକ, ୧ ଲକ୍ଷ ୭୫ ହଜାର ମୂଲ୍ୟର ବୁଲେଟ ଓ ୨୦ ଲକ୍ଷ ଟଙ୍କାର ଟ୍ରମ୍ଫ ରକେଟ ବାଇକ୍ ଜବତ କରାଯାଇଛି। ଗତକାଲି ୩ ଏଏସପି, ▶▶ପୃଷ୍ଠା ୭



## ପୁଲିସ ଗାଡ଼ିରେ ଟଙ୍କା ବାଣ୍ଟିଲେ ବିଧାୟକଙ୍କ ଭାଇ

ବଲାଙ୍ଗିର,୧୬/୦୨ (ନି.ପ୍ର): ଭୋଟ ପାଇଁ ଚାଲିଛି ନୋଟ ବଣ୍ଟା। ସେ ପୁଣି ଖୋଦ୍ ବିଧାୟକଙ୍କ ଭାଇ ବାଣ୍ଟୁଛନ୍ତି ଟଙ୍କା। କେବଳ ସେତିକି ନୁହେଁ ପୁଲିସ ଗାଡିରେ ଯାଇ ସେ ଲୋକଙ୍କୁ ବୁଲିବୁଲି ଟଙ୍କା ବାଣ୍ଟୁଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ର ବିଜେଡି ବିଧାୟକ ସରୋଜ ମେହେରଙ୍କ ସମ୍ପର୍କୀୟ ଭାଇ ସୁଜିତ୍ ମେହେର ପୁଲିସ ଗାଡିରେ ଯାଇ ଟଙ୍କା ବାଣ୍ଟିଥିବା ଅଭିଯୋଗ ଆସିଛି। ପାଟଣାଗଡ଼ ବ୍ଲକର ପାଣ୍ଡେସରା ଗାଁକୁ ଯାଇ ଭୋଟ୍ ପାଇଁ ନୋଟ୍ ବାଣ୍ଟିଥିଲେ ସୁଜିତ୍ ମେହେର। ସେ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କ ମ୍ୟାନେଜର ଭାବରେ ସବୁ ଟଙ୍କା କାରବାର ବୁଝିଥାନ୍ତି। ହେଲେ ଏହି ଟଙ୍କା ବଣ୍ଟା ତାଙ୍କୁ ମହଙ୍ଗା ପଡିଛି। ଚାରିଆଡୁ ଲୋକେ ତାଙ୍କୁ ଘେରି ଯାଇଛନ୍ତି। ଏଭଳି ଟଙ୍କା ବଣ୍ଟାକୁ ନେଇ କିଛି ଲୋକେ ବିରୋଧ ମଧ୍ୟ କରିଛନ୍ତି। ଏପରିକି ତାଙ୍କୁ କିଛି ଲୋକେ ଘେରି ଯାଇ ମାରପିଟ୍ କରିବାକୁ ମଧ୍ୟ ଉଦ୍ୟମ କରିଥିବା ଜଣାପଡିଛି।

### ପୋଲିଂ ବୁଥ୍‌ରେ ଲାଗିଛି ମୁଖ୍ୟମନ୍ତ୍ରୀଙ୍କ ଫଟୋ, ଅସନ୍ତୋଷ କେନ୍ଦ୍ରମନ୍ତ୍ରୀ

ବାରିପଦା, ୧୬/୦୨ (ନି.ପ୍ର): ପୋଲିଂ ବୁଥ୍ କେନ୍ଦ୍ର ଭିତରେ ଲାଗିଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଶାଳ ଫଟୋ ଚିତ୍ର। ପୋଲିଂ ବୁଥ୍‌ରେ ଏଭଳି ଚିତ୍ର ଦେଖି ଅସନ୍ତୋଷ ଝାଡିଛନ୍ତି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ। ଆଜି କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ନିଜର ପୈତୃକ ଗ୍ରାମ ମୟୂରଭଞ୍ଜ ଜିଲ୍ଲାର ମୋରୋଡା ବ୍ଲକ୍ ଅନ୍ତର୍ଗତ ୮ନମ୍ବର ବୁଥ୍ ଖୁଣ୍ଟାପାଳ ପ୍ରାଥମିକ ବିଦ୍ୟାଳୟରେ ନିଜର ଭୋଟ ଦେଇଛନ୍ତି। ତେବେ ବୁଥ୍ ଭିତରେ ନବୀନ ପଟ୍ଟନାୟକଙ୍କ ବିରାଟ ଫୋଟ ଚିତ୍ରକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହିତ ଅସନ୍ତୋଷ ପ୍ରକାଶ କରିଛନ୍ତି କେନ୍ଦ୍ରମନ୍ତ୍ରୀ। ଏନେଇ ସେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଜଣାଇଛନ୍ତି। ନିଜର ମତଦାନ ସାବ୍ୟସ୍ତ କରିବା ପରେ କେନ୍ଦ୍ରମନ୍ତ୍ରୀ ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୁଲି ସ୍ଥିତି ପରିଖିଛନ୍ତି। ଏହା ପରେ ସେ କହିଛନ୍ତି, ଭୋଟରଙ୍କ ସଂଖ୍ୟା ଅନୁଯାୟୀ ବୁଥ୍‌ରେ ଠିକ୍ ଭାବେ ବ୍ୟବସ୍ଥା କରାଯାଇନାହିଁ। ଲୋକମାନେ ଭୋଟ ଦେବା ପାଇଁ ଆସି ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ୨୩ ଟି ସ୍ଥାନରେ ମତଦାନ ବନ୍ଦ

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ବିଭିନ୍ନ ସ୍ଥାନରେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁଁ ପ୍ରଥମ ପର୍ଯ୍ୟାୟରେ ୨୩ଟି ସ୍ଥାନରେ ମତଦାନ ବନ୍ଦ ରହିଥିବା ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ମିଳିଛି । ୨୩ଟି ସ୍ଥାନ ମଧ୍ୟରୁ ଗୋଟିଏ ଜିଲ୍ଲା ପରିଷଦ, ୬ଟି ସରପଂଚ ପଦବୀ, ୩ଟି ପଂଚାୟତ ସମିତି ସଭ୍ୟ, ୧୩ଟି ୱାର୍ଡମେମ୍ବର ପଦବୀରେ ନିର୍ବାଚନ ବନ୍ଦ ହୋଇଛି । ଆଉ ୪ ପର୍ଯ୍ୟାୟ ମତଦାନ ବାକିଥିବା ବେଳେ ଉକ୍ତ ସମୟରେ ବନ୍ଦ ହୋଇଥିବା ସ୍ଥାନରେ ମଧ୍ୟ ନିର୍ବାଚନ ହେବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ପ୍ରକାଶ।

## ୮ ହଜାର ଲାଞ୍ଚ ନେଇ ଧରାପଡ଼ିଲେ ଡାକ୍ତର, ଘରୁ ବାହାରିଲା ୧.୧୨ କୋଟି

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ଲାଞ୍ଚ ନେଇ ଆଜି ଗିରଫ ହୋଇଥିବା ଜଣେ ଡାକ୍ତରଙ୍କ ଘରୁ ବାହାରିଛି ୧ କୋଟି ୧୨ ଲକ୍ଷ ଟଙ୍କା। ଏହି ଡାକ୍ତରଙ୍କ ନାଁ ସୁକାନ୍ତ ଜେନା। ସେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର। ସେ ପୁରୀ ଜିଲ୍ଲା ନିମାପଡ଼ା ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ହୋଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଇ ଦେବା ପାଇଁ ଜଣେ ପ୍ରସୂତୀଙ୍କ ସଂପର୍କୀୟଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଡାକ୍ତର ଜେନା ଆଜି ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ। ଏହା ପରେ ଭୁବନେଶ୍ୱରର ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ତାଙ୍କ ବାସଭବନରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ତାଙ୍କ ଘରୁ ନଗଦ ୧ କୋଟି ୧୨ ଲକ୍ଷ ଟଙ୍କା ବାହାରିଥିଲା। ଡାକ୍ତରଙ୍କ ନାଁରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଓ ଖାନତଲାସୀ କରାଯାଉଛି । ନିକଟ ଅତୀତରେ ଏହା ଭିଜିଲାନ୍ସ ଦ୍ୱାରା ଜବତ ହୋଇଥିବା ସର୍ବାଧିକ ପରିମାଣର ନଗଦ । ୨୦୨୨ ମସିହାରେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ଏଯାବତ୍ ୩୧ଟି ଆୟବର୍ହିଭୂତ ମାମଲା ରୁଜୁ କରାଯାଇ ସେଥିରେ ୨୩ଜଣ ସରକାରୀ କର୍ମଚାରୀଙ୍କୁ ଗିରଫ କରାଯାଇଛି । ଏଥିରେ ୪ ଜଣ ପ୍ରଥମ ଶ୍ରେଣୀ କର୍ମଚାରୀ ରହିଛନ୍ତି ।



## ପଞ୍ଚାୟତ ନିର୍ବାଚନ : ଖବର ସଂଗ୍ରହ ବେଳେ ସାମ୍ବାଦିକଙ୍କୁ ଆକ୍ରମଣ

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ପଂଚାୟତ ନିର୍ବାଚନ ପାଇଁ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ଗଣମାଧ୍ୟମ ପ୍ରତିନିଧୀଙ୍କୁ ଆକ୍ରମଣ । ଆକ୍ରମଣର ଶିକାର ହୋଇଛନ୍ତି ନ୍ୟୁଜ୍ ୧୮ ଓ ନ୍ୟୁଜ ସେଭେନର ପ୍ରତିନିଧୀ । ନ୍ୟୁଜ୍ ୧୮ର ସୁମନ୍ତ ସୁନ୍ଦରାୟ, କ୍ୟାମେରାମ୍ୟାନ୍ ଚିତନ ସ୍ୱାଇଁ ଏବଂ ନ୍ୟୁଜ୍ ୭ର ପ୍ରତିନିଧୀ ସରୋଜ ଓ ତାଙ୍କ କ୍ୟାମେରାମ୍ୟାନ୍ ଆକ୍ରମଣର ଶିକାର ହୋଇଛନ୍ତି । ଆଜି ଦିନ ପ୍ରାୟ ୧୧ଟା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ ବଢାଳ ପଂଚାୟତ ମତଦାନ କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଚାଲିଥିବା ବେଳେ ସେମାନେ ଖବର ସଂଗ୍ରହ ପାଇଁ ପହଂଚିଥିଲେ । ଏହି ସମୟରେ କିଛି ଗୁଣ୍ଡା ଗଣମାଧ୍ୟମ ପ୍ରତିନିଧୀଙ୍କୁ ଆକ୍ରମଣ କରିଥିଲେ । କ୍ୟାମେରାମ୍ୟାନ୍ ଚିତନ ସ୍ୱାଇଁଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ଆକ୍ରମଣକାରୀମାନେ କ୍ୟାମେରା ସହ ଉଭୟଙ୍କ ମୋବାଇଲ ଓ ଲାଇଭ ଭିଜୁଆଲ ପ୍ରସାରଣ ସଂରଞ୍ଜାମକୁ ଭାଙ୍ଗିବା ସହ ଛଡାଇ ନେଇଯାଇଛନ୍ତି । ଆକ୍ରମଣରେ ନ୍ୟୁଜ୍ ୭ର ରିପୋର୍ଟର ସରୋଜ ଓ ତାଙ୍କ କ୍ୟାମେରାମ୍ୟାନ୍ ଆହାତ ହୋଇଥିବା ଜଣାପଡିଛି ।

## ବିଧାନସଭା ନିର୍ବାଚନ ପରେ ମହଙ୍ଗା ମାଡ ! ତେଲ ଦର ଲିଟର ପିଛା ବଢିପାରେ ୬ ରୁ ୧୦ ଟଙ୍କା

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ନିର୍ବାଚନ ବି ଆପଣଙ୍କ ପାଇଁ ଏକ ବଡ ଆଶ୍ୱସ୍ତି ଆଣିପାରେ, ଏହା ବୋଧହୁଏ ଆପଣ ଚିନ୍ତା କରିନଥିବେ । କିନ୍ତୁ ଏହି ନିର୍ବାଚନ ପାଇଁ ଆପଣଙ୍କ ପକେଟ ଉପରେ ବେଶି ଚାପ ପଡୁନାହିଁ । ୟୁପି, ପଞ୍ଜାବ ଭଳି ରାଜ୍ୟରେ ନିର୍ବାଚନ ପାଇଁ ପେଟ୍ରୋଲ ଦର ସ୍ଥିର ରହିଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବଢିଚାଲିଥିଲେ ବି ଜନତାଙ୍କ ଉପରେ ବୋଝ ବଢିବା ଆଶଙ୍କାରେ ତେଲ ଦର ବଢାଉ ନାହାନ୍ତି ସରକାର । ଦେଶର ୫ ରାଜ୍ୟରେ ନିର୍ବାଚନ ତାରିଖ ଘୋଷଣା ହେବା ପରଠୁ, ତେଲ ଦର ସ୍ଥିର ରହିଛି । ଜନମତ ପ୍ରଭାବିତ ହେବା ଭୟରେ ଓ ସରକାରଙ୍କ ଚାପରେ ଦର ବଢାଇ ପାରୁ ନାହାନ୍ତି ଭାରତୀୟ ତୈଳ କମ୍ପାନୀ । ଆଉ ଏହା ସାଧାରଣ ଲୋକଙ୍କୁ ମହଙ୍ଗା ମାଡରୁ ଆଶ୍ୱସ୍ତି ଆଣି ଦେଇଛି । ସେପଟେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଲଗାତାର ବଢୁଛି । ଏପଟେ ନିର୍ବାଚନ ଚାପରେ ଦର ବଢାଇନପାରି କ୍ଷତି ସହୁଛନ୍ତି ଭାରତୀୟ ତୈଳ କମ୍ପାନୀ । ତେଣୁ ୫ ରାଜ୍ୟର ନିର୍ବାଚନ ଫଳ ପରେ ଅର୍ଥାତ୍ ମାର୍ଚ୍ଚରେ ପୁଣି ତୈଳ ଦର ବଢିବା ଅନୁମାନ କରୁଛନ୍ତି ବଜାର ବିଶେଷଜ୍ଞ । ପାଖା ପାଖି ଲିଟର ପିଛା ୬ରୁ ୧୦ ଟଙ୍କା ବଢିବ ବୋଲି ଅନୁମାନ କରାଯାଉଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଏବେ ବ୍ୟାରେଲ ପିଛା ୯୩ରୁ ୯୫ ଡଲାର ରହିଛି । ୟୁକ୍ରେନ ଓ ରୁଷ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଯୋଗୁଁ ଅଶୋଧିତ ତୈଳ ଦର ବଢିଚାଲିଥିବା କହୁଛନ୍ତି ଅର୍ଥନୀତି ବିଶେଷଜ୍ଞ । ୟୁକ୍ରେନ ଓ ରୁଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଲେ, ମାର୍ଚ୍ଚରେ ପୁଣି ଅଶୋଧିତ ତୈଳ ଦର ବଢିବ ଏବଂ ଏହାର ସିଧା ପ୍ରଭାବ ଭାରତରେ ଦେଖା ଦେବ ▶▶ପୃଷ୍ଠା ୭




Kalinga Institute of Industrial Technology (KIIT)
Deemed to be University
(Established U/S 3 of UGC Act, 1956), Bhubaneswar, Odisha, India
www.kiit.ac.in

Institution of Eminence | Rank 1 Among Self Financing Institutes of India

**18th Foundation Day**

(2004-2022)

16th February, 2022



*Chief Guest & Foundation Day Lecture by*

**Mr. Bishow Parajuli**

United Nations World Food Programme (WFP)
Representative & Country Director, India

Date : 16th February 2022 | Venue : KIIT Convention Centre

KIIT-DU, At/PO-KIIT, Bhubaneswar-751024, Odisha, Email : kiit@kiit.ac.in

# ଏକତା ଓ କଂଗ୍ରେସ ଗାଁରେ ବିକାଶ ଆଣିବ: ନରସିଂହ

## ନିର୍ବାଚନ ସମୟରେ ଆଦିବାସୀଙ୍କୁ ଦମନ କରିବା ନିନ୍ଦନୀୟ

ବଲାଙ୍ଗିର,୧୬/୨ (ନି.ପ୍ର): ପ୍ରତ୍ୟେକ ନିର୍ବାଚନରେ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ଆପଣମାନଙ୍କ ଠାରୁ ବହୁ ମୁଲ୍ୟ ଭୋଟ ନେଉଛନ୍ତି । ମିଥ୍ୟା ପ୍ରତିଶୃତି ଦେଇ ନିର୍ବାଚନ ଜିତିଲା ପରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । କେଉଁ ଦଳକୁ ଭୋଟ ଦେଲେ ଆପଣଙ୍କ ଅଂଚଳ ପ୍ରକୃତରେ ବିକଶିତ ହେବ ସେପ୍ରତି ଆପଣମାନେ ସଚେତନ ହୁଅନ୍ତୁ । ମୋର ଦୃଢ ବିଶ୍ୱାସ ଯେ, ଆପଣଙ୍କ ଏକତା ଓ ସଠିକ ନିର୍ଣ୍ଣୟ ଆପଣଙ୍କ ଅଂଚଳକୁ ବିକଶିତ କରିବ । ତେଣୁ ସମସ୍ତେ ଏକତ୍ରିତ ହୋଇ ହାତ ଚିହ୍ନରେ ଭୋଟ ଦେଇ କଂଗ୍ରେସ ପ୍ରାର୍ଥିଙ୍କୁ ନିର୍ବାଚିତ କଲେ ଅଂଚଳର ବିକାଶ ସୁନିର୍ଶ୍ଚିତ ହେବ ବୋଲି ଆଜି ପୁଇଁନ୍ତଳା ବ୍ଲକ ୧୭ନଂ ଜୋନର କଂଗ୍ରେସ ପ୍ରାର୍ଥି ଶୁଭ୍ରାଂଶୁ ଶେଖର ପଣ୍ଡାଙ୍କ ସହ ନିର୍ବାଚନୀ ପ୍ରଚାର ସମୟରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଲୋକଙ୍କୁ ନିବେଦନ କରିଛନ୍ତି ।

ଆଜି ପୁଇଁନ୍ତଳା ବ୍ଲକ ଅନ୍ତର୍ଗତ ବୁଣିସିଣ୍ଡଲି, ଜୁହ୍ନାପଦର, ଅଏଁଲାସାର. ଛତାମଖନା ଓ ଲାଦେରବାହାଲ ଆଦି ଗ୍ରାମରେ ପ୍ରଚାର ସମୟରେ ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ଜନତା ଭୋଟ ଦେବା ବେଳେ କାହାରି ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ । ସରକାରୀ ଦଳର ଗୁଣ୍ଡାମାନେ ଆପଣଙ୍କୁ ଭୟଭୀତ କରିବାର ଅପଚେଷ୍ଟା କରୁଥିବା ଖବର ଲଗାତାର ଭାବେ ଆସୁଛି । ବିଜେଡି ଦଳର ବରିଷ୍ଠ ଉପ ସଭାପତି ଯିଏକି ବଲାଙ୍ଗିର ରୁ ଅନେକ ଥର ନିର୍ବାଚିତ ହୋଇ ବିଧାୟକ, ମନ୍ତ୍ରୀ ଓ ସାଂସଦ ହୋଇଛନ୍ତି , ତାଙ୍କ ଦଳର ନିର୍ବାଚନୀ ପ୍ରଚାର ପୂର୍ବରୁ ସେ ଅଂଚଳର ନିରିହ ଆଦିବାସୀମାନଙ୍କ ଉପରେ ପୋଲିସ ଲଗାଇ ଅଯଥା ମାନସୀକ ନିର୍ଯାତନା ଦେଉଥିବା ଏବେ ସର୍ବ ସମ୍ମୁଖକୁ ଆସିଛି । ସେମିତି ବି ପ୍ରଥମରୁ ତାଙ୍କର ବିଜେଡି ସରକାର ଆଦିବାସୀଙ୍କ ନିର୍ବାଚନୀ ସଂରକ୍ଷଣ କାଟି ଆଦିବାସୀମାନଙ୍କୁ ତାଙ୍କର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରିଛି । ପୁଣି ଏବେ ପୋଲିସ ଲଗାଇ ଗରିବ ଆଦିବାସୀଙ୍କୁ ହଇରାଣ କରିବା ଆରମ୍ଭ କରିଛି । ତେଣୁ ବନ୍ଧୁଗଣ ଏଇ ନିର୍ବାଚନରେ ଆଦିବାସୀ, ଓବିସି ଓ ସାଧାରଣ ବର୍ଗର ଲୋକେ ଏକବଦ୍ଧ ହୋଇ ଏହି ବିଜେଡି ବିଜେପି ସରକାରଙ୍କୁ ଉଚିତ ଜବାବ ଦିଅନ୍ତୁ । କଂଗ୍ରେସ ଦଳର ହାତ ଚିହ୍ନରେ ଭୋଟ ଦେଇ ନିଜ ଅଂଚଳର ବିକାଶ ସହ ଲୋକଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୁର୍ଣ୍ଣ ଭୂମୀକା ଗ୍ରହଣ କରନ୍ତୁ । ଆଜିର ଏହି ନିର୍ବାଚନୀ ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉମାଶଙ୍କର ପଣ୍ଡା, ବ୍ଲକ ସଭାପତି ଉମାଶଙ୍କର ସାହୁ, ସାନନ୍ଦ ମିଶ୍ର, ବୁଲୁ ଦାନୀ, ଲୋପନ ମିଶ୍ର, ବିକି ପଣ୍ଡା ଓ ନାସିର ଖାନ ପ୍ରମୁଖ ଉପସ୍ଥିତ ଥିଲେ ।

# ୬ ନଂ. ଜୋନରେ ୩ ମହିଳାଙ୍କ ମଧ୍ୟରେ ହେବ ଟକ୍କର

କେନ୍ଦ୍ରାପଡ଼ା,୧୬/୨ (ନି.ପ୍ର): ଶ୍ୟାମସୁନ୍ଦରପୁର, ଭରତପୁର, ଚକୋଡ଼ା, ଭାଗବତପୁର, ଯମଧର, ଗୁଲନଗର ପ୍ରମୁଖ ପଂଚାୟତକୁ ନେଇ ଗଠିତ ୬ ନଂ. ଜୋନ। ଏହି ଜୋନରେ ୩ ମହିଳାଙ୍କ ମଧ୍ୟରେ ଏବେ ଯୋରଦାର ଟକ୍କର ଚାଲିଛି। ଏହି ୩ ମହିଳାଙ୍କ ମଧ୍ୟରୁ ଜଣେ ହେଲେ ବିଜେଡି ପ୍ରାର୍ଥୀ ନିର୍ମଳା ମହାନ୍ତି। ନିର୍ମଳା ହେଉଛନ୍ତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତିଙ୍କ ପତ୍ନୀ। ପ୍ରଦୀପ୍ତ ୧୯୯୨-୧୯୯୫ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷ ଥିଲେ। ନିର୍ମଳା ମଧ୍ୟ ପୂର୍ବରୁ ୨୦୦୨ ରୁ ୨୦୦୭ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷ ଥିଲେ। ତେଣୁ ଉଭୟ ପତି ପତ୍ନୀଙ୍କର ଏହି ଜୋନରେ ବେଶ ଦବଦବା ରହିଛି। ଏହାସହ ଉଭୟଙ୍କ ବେଶ ଲୋକପ୍ରିୟତା ମଧ୍ୟ ରହିଛି। ଉଭୟ ସେମାନଙ୍କ ଅମଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ନିର୍ମଳା ମହାନ୍ତିଙ୍କୁ ଜିତାଇବା ପାଇଁ ଦଳ, ତାଙ୍କ ସ୍ୱାମୀ ପ୍ରଦୀପ୍ତ ରାତିଦିନ ଏକକାର କରି ଦେଇଛନ୍ତି। ଏ ସଂକ୍ରାନ୍ତରେ ନିର୍ମଳା ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ ମୋ ସ୍ୱାମୀ ପୂର୍ବରୁ କେନ୍ଦ୍ରାପଡ଼ା ବ୍ଲକର ଅଧ୍ୟକ୍ଷ ଥିଲେ। ମୁଁ ମଧ୍ୟ ବ୍ଲକର ଅଧ୍ୟକ୍ଷ ଥିଲି। ଉଭୟ ଆମ ସମୟରେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛୁ। ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ଦଳରେ ଯୋଗ ଦେଇଥିଲୁ। ଏବେ ଆମେ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଛୁ। ନବୀନ ବାବୁଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ, ଜନହିତକାରୀ ଯୋଜନା ମୋର ନିର୍ବାଚନୀ ଅସ୍ତ୍ର ବୋଲି ନିର୍ମଳା କହିଛନ୍ତି। ତେଣୁ ମୋର ପୂର୍ଣ୍ଣ ବିଶ୍ୱାସ ରହିଛି ଲୋକେ ମୋତେ ନିଶ୍ଚିତ ବହୁମତ ଦେବେ। ବିଜେପିର ପ୍ରାର୍ଥୀ ହୋଇଛନ୍ତି ସଙ୍ଗୀତା ରାଉତ। ଏହି ଜୋନରେ ଗତ ଥର ବିଜେପି ଟିକଟରେ ଜିତିଥିଲେ ଦେବାଶିଷ ଦାସ। ହେଲେ ଏଥର ସେ ତାଙ୍କ ପତ୍ନୀ ରଶ୍ମିତା ଦାସଙ୍କ ପାଇଁ ଟିକଟ ପାଇବାକୁ ଦଳରେ ଲବି କରିଥିଲେ। କିନ୍ତୁ ତାଙ୍କ ଲବି କାମ ଦେଲାନି ଅର୍ଥାତ ତାଙ୍କ ପତ୍ନୀଙ୍କୁ ଟିକଟ ମିଳିଲାନି। ଫଳରେ ତାଙ୍କ ପତ୍ନୀ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନରେ ଛିଡା ହୋଇଛନ୍ତି। ତେଣୁ ସେ ବିଜେପି ପ୍ରାର୍ଥୀଙ୍କ ପାଇଁ କ । ହେବେ। ସେ ବିଜେପି ପ୍ରାର୍ଥୀଙ୍କ ଭୋଟ କାଟିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ବିଜେପି ପ୍ରାର୍ଥୀ ସଙ୍ଗୀତା ରାଉତଙ୍କୁ ପଚାରିବାରୁ ସେ କହିଲେ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଓ ତାଙ୍କର ଜାତୀୟ ସ୍ତରରେ ଥିବା ଭାବମୂର୍ତ୍ତି ହେଉଛି ମୋର ନିର୍ବାଚନୀ ଅସ୍ତ୍ର। ବର୍ତ୍ତମାନ ନାରୀ ନିର୍ଯ୍ୟାତନା ରାଜ୍ୟରେ ବଢ଼ି ଚାଲିଛି। ମୁଁ ଜଣେ ନାରୀ ହୋଇଥିବାରୁ ନାରୀମାନଙ୍କୁ ସୁରକ୍ଷା ଦେବା ମୋର ପ୍ରଥମ କର୍ତ୍ତବ୍ୟ ହେବ। କଂଗ୍ରେସରୁ ପ୍ରାର୍ଥୀ ହୋଇଚନ୍ତି ସସ୍ମିତା ପଣ୍ଡା। ନିକଟରେ ସସ୍ମିତା ପଣ୍ଡାଙ୍କ ସ୍ୱାମୀ ରଜନୀକାନ୍ତ ସାମଲଙ୍କୁ ପୁଲିସ ଠକେଇ ଅଭିଯୋଗରେ ତାଙ୍କ ଘରେ ଚଡାଉ କରି ତାଙ୍କୁ ଉଠାଇ ଆଣିଲା। ଏହା ବିଭିନ୍ନ ଗଣମାଧ୍ୟମରେ ବେଶ ରୋଚକ ଚର୍ଚ୍ଚା ସୃଷ୍ଟି କଲା। ଏହା ସସ୍ମିତାଙ୍କ ଭୋଟ ଉପରେ ପ୍ରଭାବ ପକାଇପାରେ ବୋଲି ଆଲୋଚନା ହେଉଛି। ହେଲେ ସସ୍ମିତା ଏହାକୁ ଖଣ୍ଡନ କରିଛନ୍ତି। ଶ୍ରୀମତୀ ପଣ୍ଡା କହିଛନ୍ତି ମୁଁ ଭାରତର ପୂର୍ବତନ ଓ ପ୍ରଥମ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଛି। ମୁଁ ନିର୍ବାଚନରେ ସମ୍ପୂର୍ଣ୍ଣ ଭାବେ ନବାଗତ। ମୁଁ ରାଜନୀତି କରିବାକୁ ଆସିନାହିଁ। ମୁଁ ଏକ ପରିବର୍ତ୍ତନ କରିବାକୁ ଆସିଛି। ମୋ ସ୍ୱାମୀଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଥିଲା ତାହା ଥିଲା ବିରୋଧୀମାନଙ୍କ ଷଡ଼ଯନ୍ତ୍ର।

# ରାଜନୀତିର ମଇଦାନରେ ମଂଜୁଲତା



ବାସୁଦେବପୁର,୧୬/୨ (ନି.ପ୍ର): ଲକ୍ଷ୍ମୀଦାସପୁର ପଂଚାୟତରେ ସର୍ବାଙ୍ଗୀନ ପ୍ରଗତି ପାଇଁ ସମିତି ସଭ୍ୟା ପ୍ରାର୍ଥୀ ମଂଜୁଲତା ପୂହାଣ ଷ୍ଟଲ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଭୋଟର ଙ୍କ ପାଖକୁ ଯାଇ ଗାଁ କୁ ଗାଁ ବୁଲି ସେ ବିଜୟ ଲାଭ କରିବେ ବୋଲି ଉଦ୍ୟମ ଚଳାଇଛନ୍ତି । ଏଥି ସହିତ ସରପଂଚ ପ୍ରାର୍ଥୀ ରଙ୍ଗଲତା ସ୍ୱାଇଁ ସୂର୍ଯ୍ୟ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ବିଶ୍ୱାସ, ବିକାଶ ଓ ବିଜୟ କୁ ଲକ୍ଷ୍ୟ ରଖି ପ୍ରାର୍ଥୀନୀ ଦ୍ୱୟ ଆଗେଇ ଚାଲିଛନ୍ତି ।

# ବିଛଣାରେ ଶୋଇ ଭର୍ଚୁଆଲ ସାକ୍ଷ୍ୟ ପ୍ରମାଣ ପ୍ରଦାନ କଲେ ଦୁର୍ଘଟଣାଗ୍ରସ୍ତ

କେନ୍ଦ୍ରାପଡ଼ା,୧୬/୨ (ନି.ପ୍ର): ଅଦାଲତଙ୍କ ନିର୍ଦ୍ଦେଶରେ ଜଣେ ଶଯ୍ୟାଶାୟୀ ଚଳନ ଶକ୍ତିହୀନ ବୃଦ୍ଧଙ୍କ ଠାରୁ ଭର୍ଚୁଆଲ ମାଧ୍ୟମରେ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇ ଥିବା ଜଣାପଡିଛି । ଦୀର୍ଘ ୧୧ବର୍ଷ ହେଲା ମାମଲା ଫଇସଲା ପାଇଁ ସାକ୍ଷ୍ୟ ପ୍ରଦାନ ଅନିବାର୍ଯ୍ୟ ଥିବାବେଳେ ସାକ୍ଷୀ ଜଣକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଚଳନ ଶକ୍ତିହୀନ ହୋଇଛନ୍ତି । ଫଳରେ ଅଦାଲତ ସଂପୃକ୍ତ ବୃଦ୍ଧଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରିବା ପାଇଁ ତାଙ୍କ ବାସ ଭବନରେ ଭର୍ଚୁଆଲ ସିଷ୍ଟମ ସ୍ଥାପନା କରି ସାକ୍ଷ୍ୟ ଗ୍ରହଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ୨୦୧୧ ମସିହାରେ ଜିଆର କେସ ନଂ-୧୦୫୫/ ୧୧ରେ ଏକ ଫୌଜଦାରୀ ମାମଲା ଦାଏର କରାଯାଇ ଥିଲା। ଏଥିରେ ସାକ୍ଷୀ ଥିବା ମାର୍ଶାଘାଇ ଥାନା ଅଧିନ ସଂଗ୍ରାମପୁର ଶାସନ ଗ୍ରାମର ଶ୍ରୀନିବାସ ରଥ ମୋଟର ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଭାବେ ଆହତ ହୋଇ ଚଳନ ଶକ୍ତିହୀନ ଶଯ୍ୟାଶାୟୀ ରହିଛନ୍ତି । ଦୀର୍ଘ ୧୧ବର୍ଷ ହେଲା ସାକ୍ଷୀ ଜଣକ ଶଯ୍ୟାଶାୟୀ ରହି ଚିକିତ୍ସାଧିନ ଥିବାରୁ ମାମଲା ଫଇସଲାରେ ଅହେତୁକ ବିଳମ୍ବ ଘଟୁଥିଲା । ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ମାନ୍ୟବର ଜିଲ୍ଲା ଓ ଦୌରାଜଜ ଙ୍କ ନିର୍ଦ୍ଦେଶରେ ସାକ୍ଷୀଙ୍କ ଘରେ କୋର୍ଟ ତରଫରୁ କମ୍ପ୍ୟୁଟର ଓ ନେଟର ସମସ୍ତ ସରଞ୍ଜାମ ବ୍ୟବସ୍ଥା କରାଯାଇ ମାନ୍ୟବର ଜେଏମଏଫସି ଶ୍ମୃତକୀର୍ତ୍ତି ଆଚାର୍ଯ୍ୟଙ୍କ କୋର୍ଟରେ ଭର୍ଚୁଆଲ ମାଧ୍ୟମରେ ସାକ୍ଷୀ ପ୍ରଦାନ କରିଥିଲେ । ଏହା ଜିଲ୍ଲାରେ ସର୍ବ ଏଭଳି ସାକ୍ଷ୍ୟ ପ୍ରଦାନ ହୋଇ ଥିବାରୁ ବହୁ ଆଇନଜୀବି ମାନେ ଏହାକୁ ପ୍ରଶଂସା କରିଛନ୍ତି ।

# ସମାଜସେବୀ ହେମଚନ୍ଦ୍ର ବୈଠାରୁଙ୍କ ପରଲୋକ

ନୂଆପଡା,୧୬/୨ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ସିଂହଝର ଗାଁର ବିଶିଷ୍ଟ ସମାଜସେବୀ ତଥା ସମାଜ ସଂସ୍କାରକ ହେମଚନ୍ଦ୍ର ବୈଠାରୁଙ୍କ ୭୩ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ସେ ଦୀର୍ଘ ଦିନରୁ ମଧୁମୋହ, ରକ୍ତଚାପ ଓ ଯକ ?ତ ରୋଗରେ ପୀଡିତ ଥିଲେ । ସେ କିଛି ଦିନ ହେବ ରାୟପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉ ଥିଲେ। ଅପରାହ୍ନରେ ନିଜ ସିଂହଝର ଘରେ ତାଙ୍କର ପରଲୋକ ହୋଇ ଯାଇଛି । ସେ ସିନାପାଲି ବ୍ଲକ ତଥା ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ । ସେ ଜିଲ୍ଲା ସ୍ୱର୍ଣ୍ଣକାର ସଂଘର ସଭାପତି, କେନ୍ଦୁମୁଣ୍ଡା ପଂଚାୟତର ସଂପାଦକ,କେନ୍ଦୁମୁଣ୍ଡା ଓ ସିଂହଝର ହାଇସ୍କୁଲର ପରିଚାଳନା କମିଟି ସଂପାଦକ,ଜିଲ୍ଲା ପଂଚାୟତ ସଂଘର ସଂପାଦକ ଆଦି ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ । ତାଙ୍କର ପରଲୋକରେ ନୂଆପଡା ଜିଲ୍ଲା ସ୍ୱର୍ଣ୍ଣକାର ସମାଜ, କୋମନା ବ୍ଲକ ସ୍ୱର୍ଣ୍ଣକାର ସମାଜ ତରଫରୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

# ୬୦୦ କେଜି ମହୁଲ ପୋଚ ନଷ୍ଟ : ୩ ଗିରଫ

ଘସିପୁରା ,୧୬/୨ (ନି.ପ୍ର): ଘସିପୁରା ଥାନା ଅନ୍ତର୍ଗତ , ବରାଙ୍ଗ, କଇନିପୁରକ୍ଷ, ସାଇକୂଳ, ଆଦିଗ୍ରାମରେ ଚୋରା ମହୁଲି ମଦ କାରବାର କରୁଥିବା ବେଳେ ଖବର ପାଇ ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଗ୍ରାମରେ ଚଢାଉ କରି ୯୭ ଲିଟର ମହୁଲି ମଦ ଜବତ କରିବା ସହିତ ୬୦୦ କେଜି ମହୁଲ ପୋଚ ନଷ୍ଟ କରାଯାଇଛି । ଏହି ଚଢଉରେ ୩ଜଣଙ୍କୁ ଗିରଫ କରିଥିବା ଜଣାପଡିଛି । ଏହି ଚଢଉରେ ପ୍ରଫୁଲ କୁମାର ମହାନ୍ତ,ନରେନ୍ଦ୍ର କୁମାର ପ୍ରଧାନ, ସଂଜବ ସେଠୀ . ସୁଶାନ୍ତ କୁମାର ରାଉତ, ଲକ୍ଷ୍ମଣ ମହାନ୍ତ ପ୍ରମୁଖ ସାମିଲ ଥିଲେ।

# ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଗଞ୍ଜାମ,୧୬/୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ପଚାଂୟତର କାଠଛାଲିଆ ଗ୍ରାମର ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ସମ୍ପୃକ୍ତ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ହୋଇଛି । ଗତ ୧୨ ତାରିଖରେ ଛାତ୍ରୀଙ୍କ ମା ଓ ବାପା ନଣନ୍ଦ ଘରକୁ ଯାଇଥିଲେ । ଫେରିଲା ବେଳେକୁ ଘରେ ତାଙ୍କ ଝିଅ ନଥିବା ଜାଣିବାକୁ ପାଇଥିଲେ । ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଘର ଖୋଜାଖୋଜି କରିବା ପରେ ଛାତ୍ରୀଙ୍କ କୌଣସି ସନ୍ଧାନ ମିଳିନଥିଲା । ସେହି ଗ୍ରାମର ଜଣେ ପିଲା ଠାରୁ ଏହି ଦମ୍ପତି ସୂଚନା ପାଇଥିଲେ ଯେ, ଦୁଇ ଜଣ ଯୁବକ ତାଙ୍କ ଝିଅକୁ ବାଇକ୍ ରେ ବସାଇ ନେଇଯାଇଛନ୍ତି । ସେ ଏହା ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି । ରମ୍ଭା ଥାନା ପୋଲିସ ଏ ସଂକ୍ରାନ୍ତରେ ୬୫/୨୨ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ନେଇ ଏସଆଇ ଦେବଦତ ପ୍ରିୟଦର୍ଶିନୀ ସୂଚନା ଦେଇଛନ୍ତି ।

# ଫୁଲବାଣୀରେ ୨୦ ତାରିଖରେ ହେବ ଦ୍ୱିତୀୟ ଜାତୀୟ ଯୁବ ସମ୍ବିଧାନ ମହୋତ୍ସବ କାର୍ଯ୍ୟକ୍ରମ

କନ୍ଧମାଳ,୧୬/୨ (ନି.ପ୍ର): ନେହେରୁ ଯୁବକେନ୍ଦ୍ର ଫୁଲବାଣୀ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ଭାରତ ସରକାରଙ୍କ ତରଫରୁ ୨୦ ଫେବୃଆରୀ ଦିନ ଫୁଲବାଣୀ ସଦର ମହକୁମାଠାରେ ଦ୍ୱିତୀୟ ଜାତୀୟ ଯୁବ ସମ୍ବିଧାନ ମହୋତ୍ସବ କାର୍ଯ୍ୟକ୍ରମ ଭର୍ଚୁଆଲ ମୋଡ ମାଧ୍ୟମରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୁଳ ଜିଲ୍ଲାର ୧୦ ଜଣ ଲେଖାଏଁ ପ୍ରତିଯୋଗୀ ଭାଗ ନେବେ । ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ପ୍ରତିଯୋଗୀମାନଙ୍କର ବୟସ ସୀମା ୧୫ରୁ ୨୯ ବୟସ ( ୧୩ ଫେବୃଆରୀ ୨୦୨୨) ମଧ୍ୟରେ ହୋଇଥିବା ଆବଶ୍ୟକ । ଏହି ପ୍ରତିଯୋଗିତାର ବିଷୟବସ୍ତୁ ଗୁଡ଼ିକ ଯଥା ଇନକ୍ରିଡିବୁଲ ଇଣ୍ଡିଆ, ଆୟୁଷ୍ମାନ ଭାରତ, ବେଟି ବଚାଓ ବେଟି ପଢାଓ, ସ୍କିଲ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ସ୍ୱଚ୍ଛ ଭାରତ ସ୍ୱସ୍ଥ ଭାରତ ଇତ୍ୟାଦି । ଏହି ପ୍ରତିଯୋଗିତାରେ ପ୍ରତିଯୋଗୀ ମାନେ ଇଂରାଜୀ ଓ ଓଡ଼ିଆ ଭାଷାରେ ବକ୍ତୃତା ଦେବେ । ଏଥି ସହିତ ଫୁଲବାଣୀ ଜିଲ୍ଲାର ପ୍ରତିଯୋଗୀ ମାନେ ବୌଦ୍ଧ, ବରଗଡ଼, ନୂଆପଡ଼ା ଜିଲ୍ଲାର ପ୍ରତିଯୋଗୀ ମାନଙ୍କ ସହିତ ପ୍ରତିଯୋଗିତା କରିବେ । ଇଚ୍ଛୁକ ପ୍ରତିଯୋଗୀ ମାନେ ନେହେରୁ ଯୁବ କେନ୍ଦ୍ର ଫୁଲବାଣୀ କାର୍ଯ୍ୟାଳୟରେ ଯୋଗାଯୋଗ କରିପାରିବେ ।

# ପଢୁଆଁ ପଂଚାୟତରେ ସ୍ନେହଲତା ଓ ନିରୂପମାଙ୍କ ପ୍ରଚାର



ବାସୁଦେବପୁର,୧୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ର ପଢୁଆଁ ପଂଚାୟତରେ ସର୍ବାଙ୍ଗୀନ ଉନ୍ନତି ପାଇଁ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀନୀ ସ୍ନେହଲତା ଦାସ ଖୋଲା ଛତା ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ଏଥି ସହିତ ସମିତି ସଭ୍ୟା ପ୍ରାର୍ଥୀନୀ ନିରୂପମା ମହାଳିକ ବସ ଚିହ୍ନ ରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଏହି ଦୁଇଜଣ ପ୍ରାର୍ଥୀ ଙ୍କ ବିଜୟ ପାଇଁ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଜୋରଦାର ପ୍ରଚାର କରିବା ସହିତ ଭୋଟର ଭାଇ ଭଉଣୀ ମାନଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ । ଏଥି ସହିତ ବାସୁଦେବପୁର ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ,ଜିଲ୍ଲା ପରିଷଦ ପ୍ରାର୍ଥୀ ଯଦୁନାଥ ନାୟକ, ବିଧାୟକ ପ୍ରତିନିଧି ଅସିତ ଦାଶ ଓ ଅନ୍ୟ କର୍ମୀ ମାନେ ଯୋଗ ଦେଇଥିଲେ ।

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ,୧୬/୨ (ନି.ପ୍ର): ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ସମ୍ଭାବ୍ୟ ଦୁଇ ଦିନିଆ ପୁରୀଗସ୍ତ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରାଜ ଭବନରେ ଉକ୍ତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ପୁରୀଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ଶ୍ରୀଜିଉଙ୍କୁ ଦର୍ଶନ କରିବା ସହ ଶରଧାବାଲି ଠାରେ ଶ୍ରୀ ଚୈତନ୍ୟ ଗୌଡିୟ ମଠର ଏକ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟସୂଚୀ ରହିଛି । ଏଥିନିମନ୍ତେ ଅଧିକାରୀ ମାନଙ୍କୁ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି । ହେଲିପ୍ୟାଡ, ଶ୍ରୀମନ୍ଦିର, ରାଜଭବନ ଏବଂ ଶରଧାବାଲିକୁ ସଂଯୋଗ କରୁଥିବା ରାସ୍ତା ମରାମତି ଓ ଯାଞ୍ଚ, ନିରବଚ୍ଛିନ ବିଦ୍ୟୁତ ସେବା, ଡାକ୍ତରୀ ଦଳ ଓ ଆମ୍ବୁଲାନ୍ସ ମୁତୟନ, ଆତିଥେୟତା ଆଦି ସଂପର୍କରେ ଆଲୋଚନା ହୋଇଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ରାଜ ଭବନରେ ସମସ୍ତ ପ୍ରସ୍ତୁତି ଯୋରଦାର କରାଯାଇଛି । ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅବସରରେ ଅନ୍ୟାନ୍ୟ ଅଧିକାରୀଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସୁଭାଷଚନ୍ଦ୍ର ନାଥଶର୍ମା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜ୍ୟୋତି ଶଙ୍କର ମହାପାତ୍ର, ରାଜ୍ୟପାଳଙ୍କ କମ୍ପ୍ଟ୍ରୋଲର ଗୌତମ ଚୌଧୁରୀ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଶ୍ରୀ କୈଳାଶ ଚନ୍ଦ୍ର ନାୟକ, ଉପ ଜିଲ୍ଲାପାଳ ଭବତାରଣ ସାହୁ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଜିତ ମହାପାତ୍ର, ଡେପୁଟି କଲେକ୍ଟର ଜିତେନ୍ଦ୍ର କୁମାର ପାତ୍ର, ପ୍ରଶାନ୍ତ କୁମାର ଜେନା, ଗୋପିନାଥ ମିଶ୍ର, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇନସେବା ତରଫରୁ ମଟର ଦୁର୍ଘଟଣା ଜନିତ ସଚେତନତା ଶିବିର

କେନ୍ଦ୍ରାପଡ଼ା,୧୬/୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ନୂଆ ସିଭିଲ କୋର୍ଟ ସମ୍ମିଳନୀ କକ୍ଷରେ ଏକ ସଚେତନତା ଶିବିର ଜିଲ୍ଲା ଦୌରାଜଜ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସଡ଼କ ସୁରକ୍ଷା, ମଟର ଦୁର୍ଘଟଣା, ଏମ୍.ଏ.ସି.ଟି. ଏମ୍.ଭି.ଆକ୍ଟ, ମଟର ଦୁର୍ଘଟଣା ସଂଶୋଧିତ ଆଇନ ୨୦୧୯(ଏମ୍‌ସିଟିଏପି) ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିବିରରେ ଉପସ୍ଥିତ ଥିବା ଆଇନଜୀବି ଏବଂ ପାରା ଲିଗାଲ ଭଲେଂଟରମାନଙ୍କୁ ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବି ସମ୍ପର୍କରେ ଅବଗତ କରାଇଥିଲେ। ଉପସ୍ଥିତ ଥିବା ଆଇନଜୀବିମାନଙ୍କ ମଧ୍ୟରୁ ଆଇନଜୀବି ସଂଘର ସଭାପତି ଆଶୁତୋଷ ମହାନ୍ତି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶିବିରରେ ପ୍ରାଧିକରଣର ତାଲିକାଭୁକ୍ତ ଆଇନଜୀବି, ବୀମା ମାମଲା ପରିଚାଳନା କରୁଥିବା ଆଇନଜୀବି ଓ ପାରା ଲିଗାଲ ଭଲେଂଟରମାନେ ଯୋଗଦେଇ ଦୁର୍ଘଟଣା ଜନିତ ବିଭିନ୍ନ ସମସ୍ୟା ଉପରେ ପଚାରି ବୁଝିଥିଲେ। ଏହି ଶିବିରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସଙ୍ଗିତା ପାଣିଗ୍ରାହୀ ଶିବିରକୁ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲାଜଜ୍ ଅଜୟ ପ୍ରଧାନ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୀମତୀ ପ୍ରଗତୀ ପଟ୍ଟନାୟକଙ୍କ ସମେତ ଅନ୍ୟ ଜୁଡିସିଆଲ ଅଫିସର ଓ ଆଇନଜୀବି ପ୍ରମୋଦ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## AFFDAVIT

By Virtue of an affidavit Before Notary public Balasore I Sri Ram Bachan Giri, aged about 53, S/o-late Baleshwar Giri of Village Kandh Bahuare, Po- Gorari, Ps- Karakat, Dist- Rohtas in the State of Bihar at present Birla Tyres Chhanapur, P.s- Industrial, Dist- Balasore, do declare that the moveable and immoveable properties which I have possessed in my native place is my own properties. From today onwards I declare that I debard from the title of the moveable and immoveable properties in favour of my son Pintu Kumar Giri and daughter-in-law Guddi Kumari. They never claim in future if caused on the contrar the same shall be void under law by virtue of this declaration in any court of law.

S/d: Ram Bachan Giri

# ଫଲ୍‌ଗୁ ସାହିତ୍ୟ ସଂସଦର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୧୬/୨ (ନି.ପ୍ର): ଓଡ଼ିଶାର ଅନ୍ୟତମ ପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଫଲଗୁ' ସାହିତ୍ୟ ସଂସଦର ନବ ଗଠିତ କାର୍ଯ୍ୟକାରିଣୀ ସଦସ୍ୟଙ୍କ ପ୍ରଥମ ବୈଠକ ସଂସଦର ସଭାପତି ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀଙ୍କ ସଭାପତିତ୍ୱରେ ସ୍ଥାନୀୟ କେ.ସି. ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସାଧାରଣ ସମ୍ପାଦକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକାରିଣୀର ସଭ୍ୟ ମାନେ ସଂସଦର ଦିବଂଗତ ସଦସ୍ୟଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଫଲଗୁ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରଫେସର ମେଜର ରମାରମଣ ପାଢ଼ୀ ଅନୁଷ୍ଠାନକୁ ଏକ ସମୃଦ୍ଧ ଅନୁଷ୍ଠାନ ଭାବେ ଗଢ଼ି ତୋଳିବା ପାଇଁ ପ୍ରତିବଦ୍ଧତା ସହ ସମସ୍ତଙ୍କ ସହଯୋଗ କାମନା କରି କହିଥିଲେ ଯେ , ଏହି ପ୍ରାଚୀନ ଅନୁଷ୍ଠାନ ଗତ ଚାରି ଦଶନ୍ଧି ଧରି ଅନେକ ସାହିତ୍ୟିକଙ୍କୁ ସୃଷ୍ଟି କରି ଓଡ଼ିଆ ସାହିତ୍ୟ ଜଗତରେ ନିଜର ଗାରିମା ଅକ୍ଷୁର୍ଣ୍ଣ ରଖି ଆସିଛି । ଏହି ବୈଠକରେ ଉପସଭାପତି ଡଃ. ବିଦ୍ୟୁତପ୍ରଭା ସାହୁ ଏବଂ କୋଷାଧ୍ୟକ୍ଷ ପ୍ରଫେସର ଡଃ. ସନ୍ତୋଷ କୁମାର ଦାଶ ବିଭିନ୍ନ ପ୍ରସଙ୍ଗରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଫଲଗୁ ସାହିତ୍ୟ ସଂସଦର ସାହିତ୍ୟ ଆସର ପ୍ରତି ଦୁଇ ମାସ ଅନ୍ତରରେ ଅନୁଷ୍ଠିତ ହେବା ସହ ଫଲଗୁର ମୁଖପତ୍ର ପ୍ରକାଶ କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଭାରତ ରତ୍ନ ଲତା ମଙ୍ଗେସକର, ପକ୍ଷୀ ବିଶେଷଜ୍ଞ ଉଦୟ ନାରାୟଣ ଦେଓ, ଓଡ଼ିଶୀ ସଙ୍ଗୀତର ପ୍ରବାଦ ପୁରୁଷ ଡଃ. ଦାମୋଦର ହୋତା, ଶ୍ରୀମତୀ ରୋଷଣୀ ସିଂ ଦେଓଙ୍କ ସମେତ ରାଜନୀତି ବିଜ୍ଞାନୀ ଗାଳ୍ପିକ ପ୍ରଫେସର ହରିହର ଦାସ, ଡଃ. ରବି ନାରାୟଣ ମିଶ୍ର, ଡା. ସଚଳା ଅଧିକାରୀ ଦାସ, ଦେବରାଜ ସାହୁ, ଡ଼ା. ଚନ୍ଦ୍ରମଣି ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ଓ ଅଭିରାମ ପଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ନୀରବ ପ୍ରାର୍ଥନା କରାଯାଇଥିଲା।

## ନରସିଂହପୁରରେ ହାତୀ ମାରି ପୋତିଦେବା ଘଟଣା

# ଅଭିଯୁକ୍ତଙ୍କ ବିରୋଧରେ ଆଠଗଡ଼ ଡିଏଫଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି: ପିସିସିଏଫ

କଟକ,୧୬/୨ (ନି.ପ୍ର): କଟକ ଜିଲ୍ଲା ନରସିଂହପୁର ଅଂଚଳରେ ହାତୀ ମାରି ପୋତିଦେବା ଘଟଣାରେ ଆଜି ପିସିସିଏଫଙ୍କୁ ରିପୋର୍ଟ ପ୍ରଦାନ କରିବେ ଆଠଗଡ଼ ଡିଏଫଓ । ଏନେଇ ସୂଚନା ଦେଇ ପିସିସିଏଫ ଶଶି ପଲ୍ କହିଛନ୍ତି ଯେ, ଘଟଣାରେ କିଛି ବନ କର୍ମଚାରୀଙ୍କ ଅବହେଳା ରହିଥିବା ଜଣାପଡିଛି । ସେମାନଙ୍କ ବିରୋଧରେ ଆଠଗଡ଼ ଡିଏଫଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ତେବେ ରାଜ୍ୟରେ ହାତୀ ଶିକାର କମିଛି । କାଁ ଭାଁ ଗୋଟିଏ ଦୁଇଟି ସ୍ଥାନରେ ହାତୀ ଶିକାର ହେଉଛି । କିନ୍ତୁ, ବିଦ୍ୟୁତ ଆଘାତଜନିତ ହାତୀ ମୃତ୍ୟୁ ଚିନ୍ତା ବଢାଇଛି । ସେଥିପାଇଁ ବିଦ୍ୟୁତ ବିତରଣ କମ୍ପାନୀ ସହ ଯୋଗାଯୋଗ କରି ବିଦ୍ୟୁତ ତାର ଗୁଡିକର କେବୁଲିଙ୍ଗ ପାଇଁ ଯୋଜନା ହେଉଛି । ଟ୍ରେନ୍ ଦୁର୍ଘଟଣାଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ଏସଏମଏସ ଆଲର୍ଟ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଟ୍ରେନ୍ ଲାଇନ୍ ର ୫ କି.ମି. ପରିଧି ଭିତରେ ହାତୀ ପଶିଲେ ବନ କର୍ମଚାରୀଙ୍କ ନିକଟକୁ ମେସେଜ୍ ଆସିବ । ମେସେଜ୍ ପାଇବା ପରେ ସେମାନେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବେ । ଏନେଇ ଅଧିକ ସୂଚନା ଦେଇ ପିସିସିଏଫ (ବନ୍ୟପ୍ରାଣୀ) ଶଶି ପଲ୍ କହିଛନ୍ତି ଯେ, ଏସଟିଏଫ ଏହାକୁ ଧରିଥିଲା। ଏ ସଂକ୍ରାନ୍ତରେ ମାମଲା ରୁଜୁ କରିବା ସହ ହାତୀର ଦେହାବଶେଷ ଜବତ କରିଥିଲା। ଗତକାଲି ଏନେଇ ଆଠଗଡ଼ ଡ଼ିଏଫଓ ଏସଟିଏଫ ଠାରୁ ରିପୋର୍ଟ ପାଇଛନ୍ତି। ମାମଲାରେ ସନ୍ଦେହ ପରିସରକୁ ଆସିଥିବା ବନ କର୍ମଚାରୀଙ୍କ ବିରୋଧରେ ଆଠଗଡ଼ ଡିଏଫଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଜି ଏନେଇ ସେ ରିପୋର୍ଟ ପ୍ରଦାନ କରିବେ । ଏହାପରେ ମାମଲାରେ ଜଡ଼ିତ ଥିବା ଅନ୍ୟ ମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# କରଞ୍ଜଆଡ଼ିଆରେ ମାର୍କଣ୍ଡ ଓ ସୁନତୀଙ୍କ ନିର୍ବାଚନ ପ୍ରଚାର



ବାସୁଦେବପୁର,୧୬/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କରଞ୍ଜ ଆଡ଼ିଆ ଗ୍ରାମ ପଂଚାୟତ ରେ ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ମାର୍କଣ୍ଡ ତରାଇ ସୂର୍ଯ୍ୟ ଚିହ୍ନ ରେ ଓ ସମିତି ସଭ୍ୟା ପ୍ରାର୍ଥୀ ସୁନତୀ ଦାସ ବସ ଚିହ୍ନ ରେ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଭୋଟର ମାନଙ୍କ ଆଶୀର୍ବାଦ, ଆଶା, ବିଶ୍ୱାସ,ଭରସା କୁ ପାଥେୟ କରି ପ୍ରାର୍ଥୀ ଦ୍ୱୟ ପ୍ରଚାର କରି ଆଗେଇ ଚାଲିଛନ୍ତି । ପ୍ରାର୍ଥୀ ମାନେ ବିଜୟ ଲାଭ କରିବେ ବୋଲି ଆଶା ରଖିଛନ୍ତି । ଏହି ଗାଁ କୁ ଗାଁ ପ୍ରଚାର ସମୟରେ ପ୍ରଫୁଲ୍ଲ ପୂହାଣ ଓ ଅନ୍ୟ କର୍ମୀବନ୍ଧୁ ମାନେ ଉପସ୍ଥିତ ଥିଲେ ।

# ୨ ହଜାର ପ୍ରକାରର ଇଡ୍‌ଲି



ଦକ୍ଷିଣ ଭାରତୀୟ 'ଇଡ୍‌ଲି' ର ଲୋକପ୍ରିୟତା ପୂରା ବିଶ୍ୱସ୍ତରରେ ଅଛି । ଭାରତର ଯେ କୌଣସି ପ୍ରାନ୍ତକୁ ଗଲେ ମଧ୍ୟ ଇଡ୍‌ଲି ଖାଦ୍ୟ ସହଜରେ ମିଳିଯାଇଥାଏ । ଅଧିକାଂଶ ଲୋକ ଜଳଖିଆରେ ଇଡ୍‌ଲି-ସାମ୍ବର ଖାଇବାକୁ ପସନ୍ଦ କରନ୍ତି । ପ୍ରତ୍ୟେକ ସ୍ଥାନର ଇଡ୍‌ଲିର ସୁଆଦ ଓ ଆକାର ଭିନ୍ନଭିନ୍ନ । ଚେନ୍ନାଇ ଇଡ୍‌ଲିର ସ୍ୱାଦ କିନ୍ତୁ ସବୁଠୁ ଆଗରେ । ଚେନ୍ନାଇନିବାସୀ ଏମ୍,ଏନ୍ନିୟାବନ୍ ସ୍ଥାନୀୟ ଅଂଚଳରେ 'ଇଡ୍‌ଲି ଇନୋଭେଟର୍' ଭାବେ ଜଣାଯାନ୍ତି । କାରଣ ସେ ୨ ହଜାର ପ୍ରକାରର ଇଡ୍‌ଲି ତିଆରି କରିବାର ଶୈଳୀ ଜାଣିଛନ୍ତି । ଛୋଟରୁ ବଡ ଆକାର ସହ ବିଭିନ୍ନ ସ୍ୱାଦର ଇଡ୍‌ଲି ତିଆରି କରିବାରେ ଏନ୍ନିୟାବନ୍ ଖୁବ୍ ପାରଙ୍ଗମ । ପିଲାଙ୍କ ପାଇଁ ସେ ରଙ୍ଗବେରଙ୍ଗର କାର୍ଟୁନ ଇଡ୍‌ଲି ତିଆରି କରି ରେକର୍ଡ ସ୍ଥାପନ କରିସାରିଥିବାବେଳେ ତାଙ୍କ ହାତ ତିଆରି 'ଫଳ-ଇଡ୍‌ଲି' ଗ୍ରାହକଙ୍କର ଖୁବ୍ ପ୍ରିୟ । ସବୁଠୁ ବଡ ଇଡ୍‌ଲି ତିଆରି କରିବାର ରେକର୍ଡରେ ମଧ୍ୟ ଏନ୍ନିୟାବନ୍‌ଙ୍କ ନାମ ଉଲ୍ଲେଖ ହୋଇଛି । ଏହି ବଡ ଇଡ୍‌ଲିର ଓଜନ ୧୨୪ କିଲୋ । ଆଗାମୀ କିଛି ମାସ ମଧ୍ୟରେ ସେ ୩୦୦ ପ୍ରକାରର ନୂତନ ଆକାରର ଇଡ୍‌ଲି ତିଆରି କରିବେ ବୋଲି ଗଣମାଧ୍ୟମକୁ ଅବଗତ କରାଇଛନ୍ତି ।



# କ୍ଷତିକାରକ ପ୍ଲାଷ୍ଟିକ୍ ଷ୍ଟ୍ର

ପ୍ଲାଷ୍ଟିକ୍‌ର ଯେ କୌଣସି ଜିନିଷ ବ୍ୟବହାର କରିଥିଲେ, ସତର୍କ ଓ ସାବଧାନ ହୋଇଯାନ୍ତୁ । ଏହା ଆପଣଙ୍କ ସ୍ୱାସ୍ଥ୍ୟ ସହ ଆଗାମୀ ପିଢ଼ିର ସ୍ୱାସ୍ଥ୍ୟ ଅବନତିର ମୁଖ୍ୟ କାରଣ ହୋଇପାରେ । ଇଉରୋପୀୟ ଓ ଆମେରିକୀୟ ରାଷ୍ଟ୍ରରେ ପ୍ଲାଷ୍ଟିକ୍ ବ୍ୟବହାର ନେଇ କଡା ନିୟମ ପ୍ରଣୟନ କରାଯାଇଥିବାବେଳେ ଭାରତର ମହାନଗରୀଗୁଡିକରେ ମଧ୍ୟ ଲୋକ ସତର୍କ ହେଉଥିବାର ଦେଖାଯାଉଛି । ପ୍ଲାଷ୍ଟିକ୍ ପଲିଥିନ୍‌ର ବ୍ୟବହାରରେ ଅନେକ ନିୟନ୍ତ୍ରଣ ହୋଇଥିବାବେଳେ ପ୍ଲାଷ୍ଟିକ୍ ଷ୍ଟ୍ରର ଚାହିଦା ଓ ଉପଯୋଗିତା ଏ ପର୍ଯ୍ୟନ୍ତ କମ୍ ହୋଇନାହିଁ । ବିଶେଷଜ୍ଞଙ୍କ ମତରେ ପ୍ଲାଷ୍ଟିକ୍ ଷ୍ଟ୍ର ଉଭୟ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ କୁପ୍ରଭାବ ପକାଇଥାଏ । ନିକଟରେ ହୋଇଥିବା ଏକ ଅନୁସନ୍ଧାନରୁ ଜଣାପଡିଛି ଯେ ନିୟମିତ ପ୍ଲାଷ୍ଟିକ୍ ଷ୍ଟ୍ର ବ୍ୟବହାର କରୁଥିବା ଲୋକଙ୍କ ତ୍ୱଚାରେ ଶୀଘ୍ର ଭାଙ୍ଗ ପଡିଥାଏ । ଧୂମପାନ କଲେ ଯେପରି ଆମ ଓଠ ଓ ଆଖି ଚାରିପାଖେ କଳା ଦାଗ ପଡେ, ଠିକ୍ ସେଇପରି ପ୍ଲାଷ୍ଟିକ୍ ଷ୍ଟ୍ର ବ୍ୟବହାର କଲେ ମଧ୍ୟ ଅସୁବିଧା ହୋଇଥାଏ ।





◆ ପ୍ଲାଷ୍ଟିକ୍ ଷ୍ଟ୍ରରେ ଆମେ ପାନୀୟ ଶୋଷି ପିଇବା ସମୟରେ ତାହାର କ୍ଷତିକାରକ ଗ୍ୟାସ୍ ପେଟକୁ ଯାଇ ଅମ୍ଳ ସମସ୍ୟା ସୃଷ୍ଟି କରିବା ସହ ପେଟର ଅନ୍ୟ ରୋଗର କାରଣ ମଧ୍ୟ ହୋଇଥାଏ । ପଲିମାନେ ପ୍ଲାଷ୍ଟିକ୍ ଷ୍ଟ୍ରକୁ ଚୋବାଉଥିବାର ଦେଖାଯାଇଛି, ତାହା ସବୁଠୁ କ୍ଷତିକାରକ । ଏହା କାରଣରୁ କର୍କଟ ହେବାର ଆଶଙ୍କା ଥିବାର ଗବେଷକ ପ୍ରକାଶ କରିଛନ୍ତି ।

◆ ଏହା କାରଣରୁ ଦାନ୍ତ ମାଡି ସମସ୍ୟା ମଧ୍ୟ ଉପୁଜିଥାଏ । ପିଲାଙ୍କ ଦାନ୍ତ ଖରାପ ହେଲେ, ଆମେ ଭାବିଥାଉ ଚକୋଲେଟ୍ ଅଧିକ ଖାଇବା କାରଣରୁ ସମସ୍ୟା ଉପୁଜିଛି ।

# ଶୀତଦିନିଆ ରୋଗ ସର୍ଦ୍ଦି ଓ ଥଣ୍ଡା

ସର୍ଦ୍ଦି ଓ ଥଣ୍ଡାକୁ ଅନେକେ ହେୟ ଜ୍ଞାନ କରି ଏହାର ପ୍ରତିକାର କରିନଥାନ୍ତି । ଫଳରେ ପରବର୍ତ୍ତୀ ସମୟରେ ଉପଶମ ମିଳିବା ମଧ୍ୟ କଷ୍ଟକର ହୋଇପଡେ । ସାଧାରଣତଃ ଏହି ରୋଗ ଶୀତ ଓ ବର୍ଷା ଋତୁରେ ଅଧିକ ଦେଖାଯାଉଥିଲେ ମଧ୍ୟ କେତେକଙ୍କଠାରେ ବର୍ଷସାରା ଲାଗିରହିଥାଏ । ଏହି ରୋଗ ପୁରୁଣା ହୋଇଗଲେ ରୋଗୀ ବହୁବିଧ ସମସ୍ୟା ଦେଇ ଗତି କରନ୍ତି । ତେଣୁ ଏଥିପ୍ରତି ସଚେତନ ରହିବା ଆବଶ୍ୟକ ।

ଶରୀରର ପ୍ଲୀହା ଯକୃତକୁ ରକ୍ତକଣା ପହଞ୍ଚାଇବା କାର୍ଯ୍ୟ କରିଥାଏ । ଯଦି ଏହା ଦୁର୍ବଳ କିମ୍ବା ପ୍ଲୀହା ବୃଦ୍ଧି ପରେ ରୋଗାକ୍ରାନ୍ତ ହୋଇପଡେ ତେବେ ରକ୍ତ ଯକୃତ ନିକଟରେ ପହଞ୍ଚି ପାରେନାହିଁ । ଏହି ସୁଯୋଗରେ ରକ୍ତରେ ଇସିନୋଫିଲିଆ ସୃଷ୍ଟି ହୋଇ ଥଣ୍ଡା, ସର୍ଦ୍ଦି ଓ କାଶ ରୋଗ ସୃଷ୍ଟି ହୋଇଥାଏ । କାଶର ବେଗ ଅଧିକ ହେଉଥିଲେ ଖାଦ୍ୟ ଖାଇବା, ଦୌଡାଦୌଡି ଓ କାନ୍ଦିବା ସମୟରେ ରୋଗୀ ନିଃଶ୍ୱାସ ନେବାବେଳେ ବାୟୁର ଗତି ଉର୍ଦ୍ଧ୍ୱମୁଖୀ ହୁଏ । ଏହାକୁ ହୁପିଙ୍ଗ୍ ବା ଲଟରା କାଶ କୁହାଯାଏ । ଏହା ଛୋଟ ପିଲାଙ୍କଠାରେ ମଧ୍ୟ ପରିଲକ୍ଷିତ ହୁଏ । ବାୟୁ ପ୍ରଦୂଷଣ ଯୋଗୁ ବାହାରେ ଉଡୁଥିବା ଧୂଳିକଣା ମୁଖ କିମ୍ବା ନାକବାଟେ ପ୍ରବେଶ କରେ । ଶ୍ୱାସନଳୀରେ ଖାଦ୍ୟଦ୍ରବ୍ୟ ସହ ପ୍ରବେଶ କରି ପରେ ତାହା ମଳ, ମୂତ୍ର ଓ ଛିଙ୍କର ବେଗ ଆଦି କାରଣରୁ ପିତ୍ତ ଓ ଶ୍ଳେଷ୍ମାକୁ କୁପିତ କରିବାରୁ ଏହି ରୋଗ ହୋଇଥାଏ ।

କାଶ ରୋଗର ଉପଶମ ପାଇଁ ରୋଗୀ ଆବଶ୍ୟକ ଚିକିତ୍ସା ଗ୍ରହଣ କରିବାରେ ଅବହେଳା କଲେ ତାହା ଶ୍ୱାସରୋଗରେ ପରିଣତ ହୁଏ । ଖାଦ୍ୟଗ୍ରହଣରେ ତରତମ୍ୟ, ଅତ୍ୟଧିକ ରାତି ଅନିଦ୍ରା ଶ୍ୱାସରୋଗର ପ୍ରମୁଖ କାରଣ ହୋଇଥିବାବେଳେ ଛାତିରେ ଦୀର୍ଘଦିନ ଧରି କଫ ଜମିବା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ, କାଶ ହେଉଥିବାବେଳେ ବାୟୁ ଉର୍ଦ୍ଧ୍ୱମୁଖୀ ହେଲେ ତାହା ଶ୍ୱାସରୋଗ ବୋଲି ଜଣାପଡେ । ଏହି ରୋଗ ଅଧିକ ଦିନ ରହିଲେ ରୋଗୀର ଶରୀର ଦୁର୍ବଳ ହୋଇପଡେ । ଏଥିରେ କେତେକ ରୋଗୀଙ୍କ ମୁଣ୍ଡବିନ୍ଧା ହୁଏ, ଯାହାକୁ ସାଇନୋସାଇଟିସ୍ ବା ମାଇଗ୍ରେନ୍ କହନ୍ତି ।

ଏହି କାଶରୋଗ ସର୍ଦ୍ଦିରୁ ହିଁ ସୃଷ୍ଟି । ବ. ପର୍ଟିୟୁସେସ୍ ଜୀବାଣୁ ଦ୍ୱାରା ଏହା ଆକ୍ରାନ୍ତ କରେ । ଶରୀରରେ ପ୍ରବେଶ କରିବାର ୧୫ ରୁ ୨୧ ଦିନ ମଧ୍ୟରେ ଏହି ରୋଗର ଲକ୍ଷଣ ପ୍ରକାଶ ପାଇଥାଏ । ଏହି ପିଲାଙ୍କୁ ହେଉଥିଲେ ମଧ୍ୟ ଲୋକଙ୍କଠାରେ ଦେଖାଦିଏ ଏବଂ ସହଜରେ ଅନ୍ୟକୁ ସଂକ୍ରମଣ କରିଥାଏ । ଏହି ରୋଗରେ ଅଧିକାଂଶ ସମୟ ଜ୍ୱର ଲୁକ୍କାୟିତ ଭାବେ ରହେ । ନାସାସର୍ଦ୍ଦି ଲାଗି ରହେ । ଫଳରେ ପାଚନ ଶକ୍ତି ଓ ଶ୍ୱାସଯନ୍ତ୍ର ଦୁର୍ବଳ ହୋଇପଡେ । ଏହି ରୋଗର ସଫଳ ଚିକିତ୍ସା ପୁରାତନ ଆୟୁର୍ବେଦୀୟ ପଦ୍ଧତିରେ ହିଁ ସମ୍ଭବ । ଏଥିପାଇଁ ଅଭିଜ୍ଞ ଆୟୁର୍ବେଦ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଫଳପ୍ରଦ ଔଷଧ ସେବନ କରିବା ସହିତ ଦହି, ବାସିପଖାଳ, ପାଚିଲା କଦଳୀ ଓ ଥଣ୍ଡା ପାନୀୟ ବର୍ଜନ କରି ସିଝା ପାଣି ପିଇବା ଆବଶ୍ୟକ ।



# ସବୁଠୁ ମହଙ୍ଗା ମଦ

ହଙ୍ଗେରୀର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଟୋକ୍‌ଜରେ ଦୁନିଆରେ ସବୁଠୁ ମହଙ୍ଗା ମଦ 'ଇସିୟୋଂସିୟା ୨୦୦୮ ଡିସେଣ୍ଟର୍' ପ୍ରସ୍ତୁତ କରାଯାଇଛି । ଦେଢଲିଟର ମଦ ଥିବା ଏକ ବୋତଲର ମୂଲ୍ୟ ପ୍ରାୟ ୨୮.୪୧ ଲକ୍ଷ ଟଙ୍କା । ସମ୍ପୃକ୍ତ କମ୍ପାନୀ ମାତ୍ର ୨୦ ବୋତଲ ମଦ ପ୍ରସ୍ତୁତ କରିଛି । ସେଥିରୁ ଗତବର୍ଷ ୧୮ଟି ବୋତଲ ବିକ୍ରି ହୋଇଥିଲା । ଏହା ଉତ୍ପାଦନ ସମୟରୁ ହିଁ ମହଙ୍ଗା ମଦ ରୂପେ ଚର୍ଚ୍ଚିତ । ଡିସେଣ୍ଟରର ପ୍ରତ୍ୟେକ ବୋତଲକୁ ଏକ ଚିକ୍‌ଚିକ୍ କରୁଥିବା ବ୍ଲାକ୍ ବକ୍ସରେ ରଖାଯାଇଛି । ମଦର ଏକ୍ସପାୟରି ବର୍ଷ ୨୩୦୦ ମସିହା । ବର୍ଷର ଏକ ଖାସ୍ ସମୟରେ ତିଆରି କରାଯାଉଥିବାରୁ ସୀମିତ ମାତ୍ରାରେ ଏହା ପ୍ରସ୍ତୁତ ହେଉଛି । ଏକ ବୋତଲ ମଦ ପାଇଁ ପ୍ରାୟ ୨୦ କିଲୋ ଅଙ୍ଗୁର ଆବଶ୍ୟକ ।



# ଫୋଲ୍ଡିଂ ସ୍କୁଟର ଗାଡ଼ି



ଗାଡି ପାର୍କିଂ କରିବା ଏବେ ବଡବଡ ମହାନଗରୀର ମୁଖ୍ୟ ସମସ୍ୟା ହୋଇଛି । ମଲ୍, ସିନେମା ହଲ୍‌ରେ ବର୍ତ୍ତମାନ ଲେଭଲ୍ ପାର୍କିଂ କରାଯାଉଥିବାବେଳେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକରେ ଗାଡି ପାର୍କିଂ ନିମନ୍ତେ ମୋଟା ଅଙ୍କର ପାଉଣା ମଧ୍ୟ ଦେବାକୁ ଚାହୁଁଥିବା ଲୋକଙ୍କ ପାଇଁ ଆସିଛି 'ଫୋଲ୍ଡିଂ ସ୍କୁଟର' । ଏଇ ଫୋଲ୍ଡିଂ ଗାଡିକୁ ଆପଣ ହାତରେ ଧରି ମଲ୍ ଭିତରକୁ ଯାଇପାରିବେ । ନଚେତ୍ କାର୍ଯ୍ୟାଳୟ ଭିତରେ ମଧ୍ୟ ସହଜରେ ରଖିପାରିବେ । ଜର୍ମାନୀର ନାମୀ କମ୍ପାନୀ ଉର୍ମୋ ଏହି ସୁନ୍ଦର ଗାଡିକୁ ତିଆରି କରିଥିବାବେଳେ ଇଂଜିନିୟରଙ୍କ ମତରେ ଆପଣଏହାକୁ ନିଜ ଡ୍ର କିମ୍ବା ଟେବୁଲ୍ ପାଖରେ ଆରାମରେ ରଖିପାରିବେ । ଫୋଲ୍ଡିଂ ସ୍କୁଟର୍‌ର ଓଜନ ୬.୫କିଲୋ, ଘଣ୍ଟା ପ୍ରତି ଏହା ୧୫ କିମି ବେଗରେ ଗତି କରେ । ବ୍ୟାଟେରି ଚାଳିତ ଫୋଲ୍ଡିଂ ସ୍କୁଟର୍‌କୁ ଥରେ ଚାର୍ଜ କଲେ ଆପଣ ୨୦ କିମି ସହଜରେ ଯାତ୍ରା କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛନ୍ତି ।

# ସୁନ୍ଦର ଓଠ ପାଇଁ ହଳଦୀ

ସୁନ୍ଦର ତ୍ୱଚା ସହ ସୁନ୍ଦର ଓଠ ସମସ୍ତଙ୍କୁ ଦରକାର। ସେଥିପାଇଁ ଆମେ ବହୁତ କିଛି କସ୍‌ମେଟିକ ଜିନିଷ ବଜାରରୁ ଆଣି ବ୍ୟବହାର କରିଥାଉ। କେତେ କ'ଣ ଲଗାଇଥାଉ। କିନ୍ତୁ ପ୍ରାକୃତିକ ଉପାୟରେ ମଧ୍ୟ ଓଠ ସୁନ୍ଦର ହୋଇପାରିବ। ରୋଷେଇ ଘରେ ପ୍ରତିଦିନ ବ୍ୟବହାରରେ ଲାଗୁଥିବା ହଳଦୀ ଓଠର ସୁନ୍ଦରତାକୁ ଦ୍ୱିଗୁଣିତ କରିପାରିବ।

ହଳଦୀରେ ଥିବା ଅନେକ ଔଷଧୀୟ ଗୁଣ ଶରୀରପାଇଁ ଯେତିକି ଉପକାରୀ ତ୍ୱଚା ପାଇଁ ମଧ୍ୟ ସେତିକି ଲଭାଦାୟୀ। ଏହା ଆମ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଆମ ତ୍ୱଚାକୁ ଅଧିକ ଲାଭ ପଞ୍ଚାଇଥାଏ। ସେଥିପାଇଁ କିଛି ନାଚୁରାଲ ବିୟୁଟି ପ୍ରଡକ୍ଟ ପାଇଁ ଏହାକୁ ବ୍ୟବହାର କରାଯାଏ। ସାଧାରଣତଃ ଫେସପ୍ୟାକ୍, ହେୟାର ପ୍ୟାକ୍ ,ସ୍କର୍ବ ପାଇଁ ହଳଦୀକୁ ବିଶେଷ ରୂପେ ବ୍ୟବହାର କରାଯାଇଥାଏ। କେବଳ ସେତିକି ନୁହେଁ ଓଠର କଳାପଣ, ଓଠ ଫାଟିବା ସମସ୍ୟା ଦୂର କରିବା ପାଇଁ ମଧ୍ୟ ହଳଦୀ କାମରେ ଆସିଥାଏ।

ଶୀତ ଦିନରେ ଓଠ ଫାଟିବା ସହ ଆମ ଓଠ କଳା ପଡିଯାଇଥାଏ। ସେଥିପାଇଁ ହଳଦୀର ଲିପ ବାମ୍ ଏବଂ ସ୍କର୍ବ ଓଠ ପାଇଁ ବେଶ୍ ଲାଭଦାୟକ। ତେବେ ହଳଦୀ ଦ୍ୱାରା ଘରେ ବସି ଲିପ ବାମ୍ ଓ ସ୍କର୍ବ କିପରି ତିଆରି କରିପାରିବେ ଆସନ୍ତୁ ଜାଣିବା



ଲିପ ବାମ୍ ତିଆରି କରିବାର ପ୍ରଣାଳୀ- ୨ ଚାମଚ ପେଟ୍ରୋଲିଅମ ଜେଲି ବା ଦେଶୀ ଘିଅରେ ଗୋଟିଏ ଚାମଚ ଗ୍ଲିସେରିନ୍, ୧ ଚାମଚ ମହୁ ସହ ଏଥିରେ କିଛି ଟି- ଟ୍ରି ଅୟଲ, ଏବଂ ଅଳ୍ପ କିଛି ହଳଦୀ ମିଶାଇ ୩ ଘଣ୍ଟା ଫ୍ରିଜରେ ରଖିଦିଅନ୍ତି। ଏହାପରେ ଏହି ପେଷ୍ଟକୁ ଆପଣ ଲିମ୍ ବାମ୍ ଭଳି ପ୍ରତିଦିନ ନିଜ ଓଠରେ ଲଗାଇପାରିବେ। ଶୀତ ଦିନେ ଏହି ଲିପ୍‌ବାମ୍‌କୁ ପ୍ରତିଦିନ ବ୍ୟବହାର କରିବା ଦ୍ୱାରା ଆପଣଙ୍କ ଓଠି ଫାଟିବା ସମସ୍ୟା ଦୂର ହୋଇଯିବ।

# ରକ୍ତଚାପ ନିୟନ୍ତ୍ରଣ କରେ ମୂଳା



ମୂଳାରେ ପୋଟାଶିସୟମର ମାତ୍ରା ଅଧିକ ଥାଏ । ଏହା ଶରୀରରେ ସୋଡିୟମ୍-ପୋଟାଶିୟମ୍ ମାତ୍ରା ସନ୍ତୁଳନରେ ସାହାଯ୍ୟ କରିଥାଏ । ଯାହାଦ୍ୱାରା ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ । ଏହା ତ୍ୱଚାକୁ ମଧ୍ୟ ହେଲ୍‌ଦି ରଖିଥାଏ ।

ଥଣ୍ଡା-କାଶରୁ ମୁକ୍ତି ପାଇଁ ଡାଏଟ୍‌ରେ ମୂଳା ସାମିଲ କରନ୍ତୁ । ଏହାକୁ ସାଲାଡରେ ବ୍ୟବହାର କରିପାରିବେ । ଏଥିରେ ଡି-କଞ୍ଜେଷ୍ଟେଣ୍ଟ୍ ଯୌଗିକ ରହିଛି । ହାର୍ଟ ସମସ୍ୟା ଦୂର କରିବାରେ ସାହାର୍ଯ୍ୟ କରେ । ସୁଗର ନିୟନ୍ତ୍ରଣ କରିଥାଏ । ମୂଳାରେ ଫାଇବରର ମାତ୍ରା ରହିଛି ଯାହା ପେଟ ରୋଗରୁ ମୁକ୍ତି ଦିଏ । ଖାଦ୍ୟ ହଜମରେ ସାହାର୍ଯ୍ୟ କରେ । ଏହାଦ୍ୱାରା ସୁଗର ସ୍ତର ଅଚାନକ ବଢେ ନାହିଁ ଯାହା ଡାଇବିଟିସ୍ ରୋଗୀଙ୍କ ଜରୁରୀ । ମୂଳା ଇନସୁଲିନ୍ କଣ୍ଟ୍ରୋଲ କରିଥାଏ । ମୂଳାରେ ଥିବା ଡାଇୟୁରେଟିକ୍ କ୍ୱାଲିଟି କିଡନୀ ଡିଟକ୍ସ କରିବାରେ ସାହାର୍ଯ୍ୟ କରେ ।

# କାମଳ ଭାଇରାଲ ହେପାଟାଇଟିସ୍

କାମଳ ବା ଜଣ୍ଡିସ୍ ହେବାର ବିଭିନ୍ନ ପ୍ରକାର କାରଣ ମଧ୍ୟରୁ ଭାଇରାଲ ହେପାଟାଇଟିସ୍ ପ୍ରମୁଖ । ଏଥିରେ ଭୂତାଣୁ ଯକୃତ (ଲିଭର) କୁ ଆକ୍ରମଣ କରି ପ୍ରଦାହ (ଇନ୍‌ଫ୍ଲାମେସନ୍) ସୃଷ୍ଟି କରନ୍ତି । ଏଥିରେ ଯକୃତ ଫୁଲି ବଡ ହୋଇଯାଏ ଏବଂ ଏହାର କୋଷଗୁଡିକ ବହୁ ସଂଖ୍ୟାରେ ନଷ୍ଟ ହୁଏ । ହେପାଟାଇଟିସ୍ ଏ', ବି', ସି', ଡି' ଏବଂ ଇ'ର ପ୍ରଦୁର୍ଭାବ ଅଧିକ । ଭାଇରାଲ ହେପାଟାଇଟିସ୍‌ର ଲକ୍ଷଣଗୁଡିକ ହେଲୋ-ଶରୀର ପୀଡା, ଜ୍ୱର, ହଳଦିଆ ପରିସ୍ରା, ପେଟରେ ଯନ୍ତ୍ରଣା, ଡାହାଣ ପଟ ପେଟ ଦରଜ ହେବା, ଭୋକ ନହେବା, ଦୁର୍ବଳ ଲାଗିବା, କାଦୁଅ ମଳତ୍ୟାଗ ହେବା, ଓଜନ କମିଯିବା ଏବଂ ଆଖି, ନଖ ଓ ଚର୍ମ ହଳଦିଆ ଦେଖାଯିବା ଇତ୍ୟାଦି ।ହେପାଟାଇଟିସ୍ ଏ' ଏବଂ ଇ' ସାଧାରଣତଃ ଖାଦ୍ୟ ଓ ପାନୀୟ ମାଧ୍ୟମରେ ଶରୀରକୁ ସଂକ୍ରମିତ କରେ । ରୋଗୀର ମଳ ଓ ମୂତ୍ରରୁ ଜଳ ସ ଂକ୍ରମିତ ହୋଇ ଅନ୍ୟ ଲୋକଙ୍କୁ ଏହି ରୋଗ ବ୍ୟାପିଥାଏ । ହେପାଟାଇଟିସ୍ ବି', ସି' ଓ ଡି' ମୁଖ୍ୟତଃ ରୋଗୀର ରକ୍ତ ସଂସ୍ପର୍ଶରେ ଆସିଲେ ରୋଗ ସୃଷ୍ଟି କରେ । ବି' ଓ ସି' କ୍ରନିକ୍ ହେପାଟାଇଟିସ୍ ସୃଷ୍ଟି କରିବା ସହ ୬ ମାସରୁ ଉର୍ଦ୍ଧ୍ୱ ଲାଗିରହେ । ଦୀର୍ଘଦିନ ଧରି ଏହା ଲାଗି ରହିଲେ ଲିଭର ସିରୋସିସ୍ ଏବଂ ଲିଭର କ୍ୟାନ୍‌ସର ହେବାର ଆଶଙ୍କା ରହିଛି । ଜଣ୍ଡିସ୍ ପାଇଁ ଗୁଣିଗାରେଡି, ଝଡାଫୁଙ୍କା ଆଦି କରିବା ଅନୁଚିତ । ଭୂଇଁ ଅଁଳା ଓ କାଲ୍‌ମେଘ ଭଳି ଆୟୁର୍ବେଦୀୟ ଔଷଧ ଅନେକ ସମୟରେ ହେପାଟାଇଟିସ୍ ବି' ନିରାକରଣରେ ସହାୟକ ହୁଏ । ତେବେ ଧୌର୍ଯ୍ୟର ସହ ଚିକିତ୍ସା, କରାଇବା, ସହଜରେ ହଜମ ହେଉଥିବା ଖାଦ୍ୟ ଖାଇବା, ଗ୍ଲୁକୋଜ୍ ପାଣି, ଇଲେକ୍ଟ୍ରୋଲାଇଟ୍‌ଯୁକ୍ତ ପାଣି ପିଇବା ଏବଂ ଲକ୍ଷଣ ମୁତାବକ ଔଷଧ ଖାଇଲେ ରୋଗୀ ସହଜରେ ସୁସ୍ଥ ହୋଇଯାଏ ।




ଜଣ୍ଡିସ୍ ହେବାର ଅନ୍ୟାନ୍ୟ କାରଣ ମଧ୍ୟରେ ପିତ୍ତକୋଷରେ ପଥର, ଲିଭର କ୍ୟାନ୍‌ସର୍, ହେମୋଲିଟିକ୍ ଏନିମିଆ ଇତ୍ୟାଦି ରହିଛି । ରକ୍ତ ଓ ପରିସ୍ରା ପରୀକ୍ଷା, ପେଟରେ ଅଲ୍‌ଟ୍ରାସାଉଣ୍ଡ ଓ ସିଟିସ୍କାନ୍ ଦ୍ୱାରା ଏହା ସହଜରେ ନିରୂପିତ ହେବାରୁ ଚିକିତ୍ସା କରିବା ସହଜସାଧ୍ୟ ହୋଇଥାଏ । ପ୍ରଦୂଷିତ ପାନୀୟ ଜଳ ଯୋଗାଣ ବି ଏହାର ଗୁରୁତ୍ୱପୂର୍ଣ୍ଣ କାରଣ ହୋଇଥିବାରୁ ଜଳ ପରୀକ୍ଷା କରାଇବା ସହ ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର ପ୍ରତି ଦୃଷ୍ଟି ଦିଅନ୍ତୁ । ପ୍ରଦୂଷିତ ଛୁଞ୍ଚି ଏବଂ ସିରିଜ୍‌ରେ ଇଞ୍ଜେକ୍‌ସନ ଏବଂ ରକ୍ତ ଦେବା ସମୟରେ ବି ସାବଧାନ ରହିବା ଜରୁରୀ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଆଭିମୁଖ୍ୟର ପରିବର୍ତ୍ତନ...

ବଜେଟ୍ ୨୦୨୨-୨୩ ଏଇ ମାସ ପ୍ରଥମ ଦିନରେ ଉପସ୍ଥାପିତ ହୋଇ ସାରିଛି ସଂସଦରେ ଏବଂ ଅନେକେ ଏହାର ପ୍ରଶଂସା କରି ସାରିଛନ୍ତି । ଏକ ଦୂରଦୃଷ୍ଟି ସମ୍ପନ୍ନ ବଜେଟ୍ ଭାବରେ । ସରକାର ମଧ ଏହାକୁ ବର୍ଣ୍ଣନା କରିଛନ୍ତି 'ଦେଶ'ର ଦୃଢ଼ 'ପ୍ରତିରୋଧ' ସାମର୍ଥ୍ୟକୁ ପ୍ରତିଫଳିତ କରୁଥିବା 'ଅର୍ଥନୀତିର ସାମୁହିକ, ଅତି କ୍ଷୀପ୍ର ଗତିରେ ପ୍ରତ୍ୟାବର୍ତ୍ତୀ ପୁନୁରୁଦ୍ଧାର' ଭାବରେ । ପରନ୍ତୁ, ଶିଳ୍ପ ଉତ୍ପାଦନର ସୂଚକାଙ୍କ (ଆଇଆଇପି) ଦ୍ୱାରା ମାପ କରାଯାଇଥିବା କଳକାରଖାନାଗୁଡ଼ିକର ଉତ୍ପାଦନ କ୍ଷେତ୍ରରେ ଲଗାତର ଚତୁର୍ଥ ମାସ ପାଇଁ ଦେଖିବାକୁ ମିଳିଛି ନିମ୍ନଗତି । ଡିସେମ୍ବର ୨୦୨୧ର ଉତ୍ପାଦନ ୨୦୨୦ର ସମାନ ମାସ ତୁଳନାରେ ତଥା ବିଗତ ଦଶ ମାସ ଭିତରେ ସର୍ବନିମ୍ନ ହୋଇ ପହଞ୍ଚିଛି ୦.୪ ପ୍ରତିଶତରେ । ଏଥିରେ ସନ୍ଦେହ ନାହିଁ ଯେ ମହାମାରୀ କୋଭିଡ୍-୧୯ର ନୂଆ ଭାରିଆଣ୍ଟ୍ ଓମିକ୍ରନ୍ ସେତେବେଳେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ଥିଲା । କିନ୍ତୁ ଏହାର ପ୍ରଭାବ ନିର୍ମାଣ କାର୍ଯ୍ୟକଳାପ ସହିତ ସମ୍ପୃକ୍ତ କ୍ଷେତ୍ରଗୁଡ଼ିକ ଅପେକ୍ଷା ପରସ୍ପରକୁ ଛୁଇଁବା ବା ସଂସ୍ପର୍ଶରେ ଆସିବା ସେବା କ୍ଷେତ୍ରରେ ଅଧିକ ସୀମିତ ଥିଲା । ତେଣୁ ନିର୍ମାଣ କାର୍ଯ୍ୟକଳାପ ଉପରେ କୌଣସି ପ୍ରକାରର ପ୍ରତିବନ୍ଧକ ଜାରି କରାଯାଇ ନଥିଲା । ଅଗଷ୍ଟ ୨୦୨୧ରେ ବର୍ଷାନୁକ୍ରମିକ ଭାବରେ ହାରାହାରି ୧୩ପ୍ରତିଶତ ଅଭିବୃଦ୍ଧିରୁ ଆଇଆଇପି ଅଭିବୃଦ୍ଧି ପ୍ରତି ମାସରେ ଧୀରେ ଧୀରେ ହ୍ରାସ ପାଇଁ ଚାଲିଥିବା ଦେଖା ଯାଇଛି, ଯେତେବେଳେ କି ମହାମାରୀର ପ୍ରାଦୁର୍ଭାବ ମଧ ସେତେ ଚିନ୍ତାଜନକ ନଥିଲା । ଏହା ସେପ୍ଟେମ୍ବରରେ ୪.୩୫ ପ୍ରତିଶତରୁ ଅକ୍ଟୋବରରେ ୪ ପ୍ରତିଶତକୁ ଏବଂ ନଭେମ୍ବରରେ ମାତ୍ର ୧.୩ ପ୍ରତିଶତକୁ ହ୍ରାସ ପାଇଛି । ସ୍ମରଣଯୋଗ୍ୟ ଯେ ୨୦୨୦ ସେପ୍ଟେମ୍ବର ମାସ ସୁଦ୍ଧା କଳକାରଖାନାଗୁଡ଼ିକୁ ପଙ୍ଗୁ କରି ଦେଇଥିବା ଅଧିକାଂଶ ଲକ୍‌ଡାଉନ୍ କଟକଣା ଉଠାଇ ଦିଆଯାଇଥିଲା । ତେଣୁ ବୋଧହୁଏ ଶ୍ରମ ଶକ୍ତିର ଅନ୍ତର ଏବଂ ଉତ୍ପାଦନ ପରିଚାଳକମାନଙ୍କର ଚାହିଦାକୁ ନେଇ ବିଶ୍ୱାସରେ ରହିଥିବା ଅଭାବ ଅଧିକ ଉତ୍ପାଦନ କରିବାରୁ ନିରୁତ୍ସାହିତ କରିଥିଲା । ବିଶ୍ୱାସ କରାଯାଉଥିଲା ଯେ ୨୦୨୧ରେ ମହାମାରୀର ଦ୍ୱିତୀୟ ଲହର କମିଯିବା ପରେ ଏହି ନିରୁତ୍ସାହ ଭାବ ଦୂର ହୋଇ ଯାଇଥିବ । ଯଦି ତାହା ହୋଇଥାନ୍ତା, ତା' ହେଲେ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ କ୍ରମାନ୍ୱୟରେ ହ୍ରାସ ପରିବର୍ତ୍ତେ ବୃଦ୍ଧିକୁ ପରିଲକ୍ଷିତ କରିଥାନ୍ତା, ବିଶେଷକରି ଏହା ଭିତରେ ଯେଉଁ ପର୍ବପର୍ବାଣିର ଋତୁ ଥିଲା, ଅନ୍ତତଃପକ୍ଷେ ସେ ସମୟରେ । କିନ୍ତୁ ତାହା ନ ହୋଇ ଏହା ମାସିକ ହାରାହାରି ୨.୫ ପ୍ରତିଶତ ହିସାବରେ ରହିଛି । ଡିସେମ୍ବର ମାସର କାର୍ଯ୍ୟକଳାପକୁ ପ୍ରତିଫଳିତ କରୁଥିବା ଜାନୁଆରୀ ମାସର ଜିଏସ୍‌ଟି ଆଦାୟ ଏକ ରେକର୍ଡ ପରିମାଣର ହୋଇଥିବାରୁ ଧରି ନିଆଯାଇପାରେ ଯେ ସବୁକିଛି ଠିକ୍‌ଠାକ୍ ଅଛି, କିନ୍ତୁ ଟିକସ ଆଦାୟ ମୁଦ୍ରାସ୍ଫୀତି ଏବଂ କ୍ଷୁଦ୍ର ଟିକସଦାତାମାନଙ୍କ ନିମନ୍ତେ ପ୍ରଦାନ କରାଯାଇଥିବା ତ୍ରୈମାସିକ ଟିକସ ଦାଖଲ କରିବାର ବିକଳ୍ପ ଯୋଗୁଁ ହୋଇଥାଇ ପାରେ । ସର୍ବୋପରି, ସେବା ଆମଦାନୀ ଅନ୍ତର୍ଭୁକ୍ତ ଘରୋଇ କାରବାର ଅପେକ୍ଷା ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକ ଉପରୁ ଆଦାୟ କରାଯାଉଥିବା ଜିଏସ୍‌ଟି ଲଗାତାର ଭାବରେ ବୃଦ୍ଧି ପାଇ ଚାଲିଛି । ତେବେ ଏସବୁ ଭିତରେ ଯାହା ସବୁଠୁ କଠିନ, ତାହା ହେଉଛି- ପ୍ରତି ମାସରେ ଏହି ସୂଚକରେ ସଂକୁଚନ ଓ ସମ୍ପ୍ରସାରଣରେ ଏଭଳି ପରିବର୍ତ୍ତନ ଘଟି ଚାଲିଛି ଯେ ସେ ସମ୍ପର୍କରେ କିଛି କହିବା ସହଜ ହେଉନାହିଁ, ଯେତେବେଳେ କି ବର୍ଷାନୁକ୍ରମିକ ବୃଦ୍ଧିର ହାରରେ ଧୀରେ ଧୀରେ ଅବନତି ଦେଖା ଦେଉଛି । ଅପରପକ୍ଷରେ, ୨୦୨୧-୨୨ର ଅର୍ଥନୀତିକ ସର୍ଭେ କିଛି ନୂଆ ଚିତ୍ର ପ୍ରଦର୍ଶନ କରିଥିବା ଭଳି ମନେହୁଏ । ଏହା ଉଲ୍ଲେଖ କରିଛି ଯେ କର୍ପୋରେଟ୍ ଲାଭ ତଥା ଅର୍ଥ ସୃଷ୍ଟିକାରୀ କାର୍ଯ୍ୟକଳାପ ଆରମ୍ଭ ହୋଇ ଯାଇଥିବାରୁ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇବା ଆଶା କରାଯାଏ । ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ସର୍ଭେକୁ ଉଦ୍ଧାର କରି ଏହା କହିଛି, 'ଘରୋଇ ଉପଭୋଗ ବା କଞ୍ଜମ୍ପସନ୍‌ରେ ବୃଦ୍ଧି ସାମର୍ଥ୍ୟ ଉପଯୋଗକୁ ପ୍ରୋତ୍ସାହିତ କରିବ, ଯାହା ଘରୋଇ ପୁଞ୍ଜିନିବେଶ କାର୍ଯ୍ୟକଳାପକୁ ଉତ୍ସାହ ଯୋଗାଇବ ।' ସରକାରୀ ଅର୍ଥ ବ୍ୟୟ ଏକ ଉପଭୋଗ ଏବଂ ପୁଞ୍ଜିନିବେଶ- ପ୍ରୋତ୍ସାହନକାରୀ ପୁନରୁଦ୍ଧାର ନିମନ୍ତେ ଉତ୍‌ପ୍ରେରକ ଭାବରେ କାମ କରିବ ବୋଲି ବଜେଟ୍ ଯେଉଁ ବାଜି ମାରିଛି, ତାହା ଦୁର୍ବଳ ପଦକ୍ଷେପ ବୋଲି ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି । ଡିସେମ୍ବର ମାସରେ ପ୍ରକୃତରେ ବିନିର୍ମାଣ କ୍ଷେତ୍ରରେ ସଂକୁଚନ ଘଟିଛି, ଯାହା ୨୦୨୦ ସ୍ତରଠାରୁ ୪.୬ ପ୍ରତିଶତ କମ୍ ହେବା ସହିତ ପ୍ରାକ୍- ମହାମାରୀ ଅବସ୍ଥାର ନିମ୍ନରେ ରହିଛି । ସେହିପରି ଲଗାତର ଭାବରେ ଚତୁର୍ଥ ମାସରେ କଞ୍ଜ୍ୟୁମର ଡ୍ୟୁରେବଲସ୍ କ୍ଷେତ୍ରରେ ସଂକୁଚନ ଦେଖିବାକୁ ମିଳିଛି, ଯେତେବେଳେ କି ଅଣ- ଡ୍ୟୁରେବଲ୍‌ଗୁଡ଼ିକ ମଧ ମାସ ମାସର ଧୀମା ଅଭିବୃଦ୍ଧି କାରଣରୁ ଜମା ହୋଇ ରହିଛି । ଗୋଟିଏ ପଟେ ସାମଗ୍ରୀଗୁଡ଼ିକର ଅଧିକ ଦର ଉତ୍ପାଦନକର୍ତ୍ତାମାନଙ୍କ ହାତ ବାନ୍ଧି ଦେଉଥିବା ବେଳେ ଖାଉଟିମାନେ ଏବେ ବି ସାମଧାନତା ଅବଲମ୍ବନ କରି ଚଳିବାକୁ ପସନ୍ଦ କରୁଛନ୍ତି ଏବଂ ମାର୍ଚ୍ଚ ୧୦ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ତୈଳ ଦରରେ ବୃଦ୍ଧି ଘଟିବାର ସମ୍ଭାବନାର ଆଶଙ୍କା ରହି ଥିବାରୁ ପରିସ୍ଥିତିରେ ଖୁବ୍ ଶୀଘ୍ର ପରିବର୍ତ୍ତନ ଆସିବାର ସମ୍ଭାବନା କ୍ଷୀଣ । ଭାରତୀୟ ରିଜର୍ଭ ବ୍ୟାଙ୍କ ଅଭିବୃଦ୍ଧିକୁ ସୁହାଇବା ମାନସିକତାରେ ରହିଥିବା ବେଳେ ବିଶ୍ୱ ଅର୍ଥନୀତି ମୁଦ୍ରାସ୍ଫୀତିକୁ ମୁକାବିଲା କରିବା ପାଇଁ ତା'ର କୌଶଳରେ ପରିବର୍ତ୍ତନ କରିବା ଅଭିମୁଖୀ ହେଉଛି, ଯାହା ଭାରତର ଅର୍ଥନୀତିକ ପୁନରୁଦ୍ଧାରର ସ୍ଥାୟିତ୍ୱ ଏବଂ ଗୁଣାତ୍ମକତା ଉପରେ ଶଙ୍କା ପ୍ରକଟ କରୁଛି । ସମୟ ଉପଗତ ହୋଇଛି, ସରକାର କାଗଜ ଚାଷ କରିବା ଅପେକ୍ଷା ତାଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବା ଉଚିତ, ଯଦ୍ୱାରା ପୁନରୁଦ୍ଧାରକୁ ନେଇ ତାଙ୍କର ଆଶାବାଦ କଳକାରଖାନା ଓ ଖାଉଟିମାନଙ୍କ କ୍ଷେତ୍ରରେ ପରିଲକ୍ଷିତ ହେବ ।

# ଆସ ଆମେ ଭୋଟ୍ ଦେବା



**ଶରତ କୁମାର ଦାସ**

ଖ୍ରୀ.ପୂ.ପଂଚମ ଶତାବ୍ଦୀରେ ଉଦ୍ଭବ ଗଣତନ୍ତ୍ର ଶବ୍ଦର ସଫଳତାକୁ ନେଇ ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତବର୍ଷର ପ୍ରତିଟି ଗଣତନ୍ତ୍ର ପ୍ରେମୀଙ୍କ ମନରେ ସ୍ୱତଃ ପ୍ରଶ୍ନଟିଏ ସୃଷ୍ଟି ହେବା ସ୍ୱାଭାବିକ । ଗଣତନ୍ତ୍ରର ତୃଣମୂଳ ସ୍ତରୀୟ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପ୍ରଚ୍ଛଦପଟ୍ଟକୁ ଅବଲୋକନ କଲେ ଏହାର ବାସ୍ତବ ସ୍ୱରୂପ ସହଜରେ ପ୍ରତୀୟମାନ ହୋଇଥାଏ। ଆମ ଗଣତନ୍ତ୍ରର ଜାଜ୍ୱଲ୍ୟମାନ ବିଭବ ତଥା କଳକଳ ପ୍ରବହମାନତା ଯେ ନିଷ୍ପ୍ରଭ, ନିସ୍ପନ୍ଦ ଓ ନିଶ୍ଚଳ ହେବାକୁ ବସିଲାଣି ଏଥେରେ ଆଦୌ କୌଣସି ସନ୍ଦେହ ନାହିଁ ।

ନିର୍ବାଚନକୁ ଗଣତନ୍ତ୍ରର ମହାପର୍ବ ବା ମହୋତ୍ସବ ବୋଲି କୁହାଯାଏ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ବର୍ଷରେ ତୃଣମୂଳ ସ୍ତରରୁ ଆରମ୍ଭ କରି ଜାତୀୟ କୌଣସି ସ୍ତର ପର୍ଯ୍ୟନ୍ତ ନିର୍ବାଚନ ମାଧ୍ୟମରେ ପ୍ରତିନିଧି ଚୟନ କରିବା ସହିତ ଗଣତନ୍ତ୍ରର ଭିତ୍ତିଭୂମିକୁ ସଶକ୍ତ କରିବା ଏକ ଦୁରୂହ ବ୍ୟାପାର କହିଲେ ଅତ୍ୟୁକ୍ତି ହେବନାହିଁ । ତଥାପି ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ସମ୍ବିଧାନ କାର୍ଯ୍ୟକାରୀ ହେବା ଦିନଠାରୁ ଆମ ଦେଶରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିର୍ବାଚନଗୁଡିକ ସଫଳତାର ସମ୍ପାଦିତ ହେବା ନିଶ୍ଚୟ ଏକ ଗୌରବର ବିଷୟ । ଭାରତରେ ଭୋଟ ଦେବା କେବଳ ଏକ ଆଇନଗତ ଅଧିକାର ନୁହେଁ ବରଂ ସାମ୍ବିଧାନିକ କର୍ତ୍ତବ୍ୟ ମଧ । ଭୋଟଦାନ ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟା ତଥା ବିଶେଷକରି ନିଷ୍ପତ୍ତି ନିର୍ଣ୍ଣୟ ପ୍ରକ୍ରିୟାରେ ଲୋକମାନଙ୍କର ଅଂଶଗ୍ରହଣ ବୃଦ୍ଧି ପାଇଥାଏ ଓ ଅଂଶଗ୍ରହଣର ସୀମାରେଖା ବ୍ୟାପକ ହେଲେ ଗଣତନ୍ତ୍ର ସୁଦୃଢ଼ ହେବା ସହିତ ଏହାର ଦିଗ ବହୁମୁଖୀ ହେବା ସହିତ ନିଷ୍ପତ୍ତି ନିର୍ଣ୍ଣୟ ପ୍ରକ୍ରିୟା ଲୋକାଭିମୁଖୀ ତଥା ସୁସଂଗଠିତ ହୋଇଥାଏ।

ଭାରତରେ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମ୍ବିଧାନ ଅନୁଯାୟୀ ସ୍ଥାନୀୟ ଶାସନର ବ୍ୟବସ୍ଥା କରାଯାଇଛି । ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାଇଁ ସ୍ୱାୟତ୍ତ ଶାସନର ବ୍ୟବସ୍ଥା ଥିଲେ ମଧ ଗ୍ରାମାଞ୍ଚଳ ସ୍ଥାନୀୟ ଶାସନ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବା ଆମ ସମ୍ବିଧାନବିତମାନଙ୍କର ଦୂରଦୃଷ୍ଟିର ପରିଚୟ ପ୍ରଦାନ କରେ । ଏହାର ଅର୍ଥ ଆମ ସମ୍ବିଧାନ ଭାରତର ପୂର୍ଣ୍ଣାଙ୍ଗ ବିକାଶରେ ଗ୍ରାମୀଣ ବିକାଶର ମହାର୍ଘ ଅବଦାନକୁ କୋଉଠି ନା କୋଉଠି ସ୍ୱୀକାର କରିଛି । ଗ୍ରାମାଞ୍ଚଳର ଉନ୍ନତି ବିନା ଦେଶର ଉନ୍ନତି ଯେ ଅସମ୍ଭବ- ଏହା ଏକ ନିଚ୍ଛକ ବାସ୍ତବତା ବ୍ୟତୀତ ଅନ୍ୟ କିଛି ନୁହେଁ ।

ଭାରତ ଏକ ଗ୍ରାମବହୁଳ ଦେଶ। ପାଖାପାଖି ୭୦ ପ୍ରତିଶତ ଲୋକ ଗ୍ରାମଗୁଡିକରେ ହିଁ ରୁହନ୍ତି । ଗ୍ରାମାଞ୍ଚଳର ବିକାଶ ତଥା ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ଗ୍ରାମାଞ୍ଚଳ ଆଧିବାସୀମାନଙ୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବାକୁ ଯାଇ ଆମ ସମ୍ବିଧାନର ୪୦ ଧାରାରେ (ରାଷ୍ଟ୍ରୀୟ ନିର୍ଦ୍ଦେଶମୂଳକ ନୀତିସମୂହ) ଗ୍ରାମ ସ୍ତରରେ ଗ୍ରାମପଞ୍ଚାୟତ ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଫଳସ୍ୱରୂପ ଗ୍ରାମପଞ୍ଚାୟତଗୁଡିକ ଗ୍ରାମ୍ୟ ବିକାଶର ସାରଥି ରୂପେ କାର୍ଯ୍ୟ କରୁଛନ୍ତି ଓ ଗ୍ରାମୀଣ ଭାରତର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ଶତପ୍ରତିଶତ ପ୍ରଚେଷ୍ଟା ଜାରି ରଖିଛନ୍ତି ।ଦେଶ ବିକାଶରେ ଗ୍ରାମଗୁଡିକ ମେରୁଦଣ୍ଡ ସଦୃଶ । ତୃଣମୂଳ ସ୍ତରୀୟ ଗ୍ରାମାଞ୍ଚଳ ବିକାଶ ବିନା ଦେଶର ବିକାଶ କଳ୍ପନା କରାଯାଇପାରେନା। ଗ୍ରାମଗୁଡିକର ବିକାଶ ନିମନ୍ତେ ସରକାର ଗ୍ରାମାଞ୍ଚଳରେ ଅନେକ ଜନହିତକର ଯୋଜନା କାର୍ଯ୍ୟକାରୀ କରିଥାନ୍ତି । ପ୍ରତିଟି ଯୋଜନାର ସଫଳ ତଥା ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟାନ୍ୱୟନ ଉପରେ ଗ୍ରାମ ତଥା ଦେଶର ଭାଗ୍ୟ ନିର୍ଭର କରେ । ବିକାଶମୂଳକ କାର୍ଯ୍ୟଗୁଡିକୁ ସଠିକ ଦିଗରେ ପରିଚାଳନା କରିବା ଉଦ୍ଦେଶ୍ୟରେ ଗ୍ରାମାଞ୍ଚଳର ଅଧିବାସୀମାନେ ପଂଚାୟତ ସ୍ତରରେ ସେମାନଙ୍କର ପ୍ରତିନିଧି ଯଥା- ୱାର୍ଡ ସଭ୍ୟ, ସରପଞ୍ଚ ଓ ସମିତି ସଭ୍ୟ ପ୍ରଭୃତିଙ୍କୁ ଭୋଟ ଦେଇ ନିର୍ବାଚିତ କରିଥାନ୍ତି ।

ଦିନ ଥିଲା ଯେତେବେଳେ କୌଣସି ଦଳୀୟ ରାଜନୀତି ଆଧାରରେ ନୁହେଁ ବରଂ ପରସ୍ପର ସହମତି ତଥା ସହଯୋଗ ଆଧାରରେ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେଉଥଲା। ପ୍ରତିଦ୍ୱନ୍ଦିତା ଥିଲା ମାତ୍ର ଆଜି ଭଳି ନିର୍ବାଚନରେ ଉଗ୍ର ତଥା ହିଂସାତ୍ମକ ପ୍ରତିଦ୍ୱନ୍ଦିତା ନଥିଲା। ନିଜ ପସନ୍ଦର ଯୋଗ୍ୟ ପ୍ରାର୍ଥୀ ବା ପ୍ରାର୍ଥିନୀମାନଙ୍କୁ ଲୋକେ ଅବାଧରେ ନିର୍ବାଚିତ କରୁଥିଲେ । ଲୋକମାନଙ୍କର ଦଳୀୟ ମନୋଭାବ ବା ନିମ୍ନମାନର ତଥା ଘୃଣ୍ୟ ରାଜନୀତି ଆଦୌ ନଥିଲା । ନିର୍ବାଚନ ଶେଷରେ ଗାଆଁଗଣ୍ଡା ହସିଉଠୁଥିଲା। ଭାଇଚାରା ଭାବ ସୃଷ୍ଟି ହେଉଥିଲା। ଦୁଃଖସୁଖରେ ସମସ୍ତେ ସମସ୍ତଙ୍କର ସାଥୀହୋଇ ଚଳୁଥିଲେ । ପ୍ରତ୍ୟେକ ପ୍ରତ୍ୟେକଙ୍କର ଭଲ ସହଯୋଗୀଟିଏ ଥିଲେ । ରାଜନୈତିକ ବାତାବରଣ ଅତ୍ୟନ୍ତ ଶାନ୍ତ ଓ ମଧୁର ଥିଲା । ପ୍ରତିନିଧିମାନେ ନୀତିବାନ ହେବା ସହିତ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ଥିଲେ । କୁତ୍ସିତ ଦଳୀୟ ରାଜନୀତିରୁ ମୁକ୍ତ ରହି ସେମାନଙ୍କର ଉତ୍ତରଦାୟିତ୍ୱ ଅତି ଉଚ୍ଚମାନର ଥିଲା । ଗ୍ରାମ୍ୟ ଶୃଙ୍ଖଳା ଆଦର୍ଶ ପରିବେଶ ସୃଷ୍ଟି କରିବାରେ ସହାୟକ ହେଉଥିଲା।

ମାତ୍ର ସାଂପ୍ରତିକ ପରିସ୍ଥିତିରେ ସବୁକିଛି ବଦଳି ଯାଇଛି । ବଦଳି ଯାଇଛି ମଣିଷର ସ୍ୱଭାବ। ବଦଳି ଯାଇଛି ରାଜନୀତିର ସଂଜ୍ଞା। ଆଉ ବଦଳି ଯାଇଛି ମଧ ନିର୍ବାଚନର ତରିକା। ସେବାକରିବାର ମନସ୍ତାତ୍ତ୍ୱିକ ବିଚାରଧାରା ଏବେ ସଂପୂର୍ଣ୍ଣ ଭିତ୍ତିହୀନ । ତ୍ୟାଗ ବଦଳରେ ଭୋଗ ସର୍ବତ୍ର ଆଦୃତ । ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ ଗ୍ରାମପଞ୍ଚାୟତଗୁଡିକ ପାଇଁ ନିର୍ବାଚନ ମାଧ୍ୟମରେ ଉପଯୁକ୍ତ ତଥା ଦକ୍ଷ ପ୍ରତିନିଧିମାନଙ୍କୁ ଚୟନ କରିବା ନିଶ୍ଚିତ ଭାବରେ ଏକ ଦୁରୂହ ବ୍ୟାପାର । ମୁକ୍ତ, ଅବାଧ ତଥା ନିରପେକ୍ଷ ନିର୍ବାଚନ କେବଳ ମନର ଏକ ଅବାସ୍ତବ ଧାରଣା ରୂପେ ପ୍ରତୀୟମାନ ହୁଏ । କେଉଁ ପ୍ରାର୍ଥୀ ଯୋଗ୍ୟ ଆଉ କିଏ ପୁଣି ଅଯୋଗ୍ୟ ତାହା ଜାଣିବା ଆଦୌ ସମ୍ଭବ ନୁହେଁ । ସତ କଥା କହିବାକୁ ଗଲେ ବର୍ତ୍ତମାନର ନିର୍ବାଚନର ଶିରାପ୍ରଶିରାରେ ଯେପରି ଦୁର୍ନୀତି ଖୁନ୍ଦି ହୋଇ ରହିଛି କହିଲେ ହୁଏତ ଭୁଲ୍ ହୋଇନପାରେ । ସ୍ୱାଧୀନ ତଥା ଭୟ ରହିତ ନିର୍ବାଚନୀ ବାତାବରଣ ଅପହଂଚ ଜଣାପଡେ । ଲାଂଚ, ମିଛ, ହିଂସା, ଭୟ, କ୍ରୋଧ, ଦଙ୍ଗା, ରକ୍ତପାତ, ଲୁଟ୍ ପ୍ରଭୃତି ନିର୍ବାଚନର ବୈଶିଷ୍ଟ୍ୟ ରୂପେ ପରିଚିତ । ଅର୍ଥବଳ ଓ ବାହୁବଳ ନିର୍ବାଚନୀ ବୈତରଣୀକୁ ଅତିକ୍ରମ କରିବାରେ ସାହାଯ୍ୟ କରୁଛି । ପ୍ରତିନିଧିମାନଙ୍କର ନୀତିଗତ ଉତ୍ତରଦାୟିତ୍ୱ ଏବେ ଅପ୍ରାସଙ୍ଗିକ ମନେହୁଏ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ଦୁର୍ଭାଗ୍ୟଜନକ ପ୍ରସଙ୍ଗ ହେଉଛି ଯେ ପଂଚାୟତ ନିର୍ବାଚନରେ ରାଜନୈତିକ ଦଳଗୁଡିକର ଉଚ୍ଚ ପ୍ରଭାବ ରହୁଛି । ଯଦିଓ ଆମ ସମ୍ବିଧାନରେ ଦଳୀୟ ରାଜନୀତି ଆଧାରରେ ପଂଚାୟତ ନିର୍ବାଚନ କରିବାକୁ ସଂପୂର୍ଣ୍ଣ ରୂପେ ବାରଣ କରାଯାଇଛି, ତଥାପି ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ପଛରେ ଦଳୀୟ ସମର୍ଥନ ରହିବା ଓ ଭୋଟରଙ୍କୁ ଦଳୀୟ ଚାପ ପ୍ରୟୋଗକରିବା ଆମ ଗଣତନ୍ତ୍ରର ବିକାଶ ପାଇଁ କେତେଦୂର ସହାୟକ ତାହା ବିଚାରଯୋଗ୍ୟ । ଗ୍ରାମାଞ୍ଚଳର ବିକାଶକୁ ନିରପେକ୍ଷ କରିବା ସହିତ ଦଳ ମତ ନିର୍ବିଶେଷରେ ସମସ୍ତଙ୍କର ସହଭାଗୀତା ବଜାୟ ରଖିବା ପାଇଁ ପଂଚାୟତ ନିର୍ବାଚନକୁ ରାଜନୀତିକରଣରୁ ମୁକ୍ତ କରାଯାଇଛି । ମାତ୍ର ପ୍ରକୃତ ବାସ୍ତବତା ସଂପୂର୍ଣ୍ଣ ଭିନ୍ନ । ପଂଚାୟତ ନିର୍ବାଚନରେ ସଂରକ୍ଷଣ ପାଇଁ ରାଜନୈତିକ ଦଳଗୁଡିକ ମଧ୍ୟରେ ଛକାପଞ୍ଝା ଲାଗିରହୁଛି । ଗ୍ରାମର ସାମୂହିକ ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେବା ନିଶ୍ଚିତ ଭାବେ ଏକ ଉଦବେଗର ବିଷୟ । ଭୋଟ ରାଜନୀତିକୁ ନେଇ ଘର ମଝିରେ ପାଚେରୀ ଉଠୁଛି। ଭାଇ ଭାଇର ଭଗାରୀ। ସ୍ୱାମୀ ସ୍ତ୍ରୀ, ବାପ ପୁଅ, ଭାଇ ଭଉଣୀଙ୍କ ମଧ୍ୟରେ ବିବାଦ । ଏ କିପ୍ରକାର ସାମାଜିକ ଚିତ୍ର ? ଏହା ସମାଜିକ ସଂହତି ନା ଦୁର୍ଗତି ପାଇଁ ଅଭିପ୍ରେତ ? ଏଭଳି ସ୍ଖଳିତ ରାଜନୈତିକ ବିଧିବ୍ୟବସ୍ଥା ସାମାଜିକ ସନ୍ତୁଳନ ପଥରେ ସାହାଯ୍ୟ କରିପାରିବ ତ ? ଏହାର ଉତ୍ତର ବୋଧହୁଏ ଆମ କାହା ନିକଟରେ ନାହିଁ ।

ଆଉ କେତେଦିନ ପରେ ଆମ ରାଜ୍ୟରେ ପଂଚାୟତ ନିର୍ବାଚନ ପାଂଚ ପର୍ଯ୍ୟାୟ ଯଥା ଫେବୃଆରୀ ୧୬,୧୮,୨୦,୨୨ ଓ ୨୪ ତାରିଖରେ ସମ୍ପାଦିତ ହେବ । ଏଥର ୮୫୩ ଜିଲ୍ଲା ପରିଷଦ ସଭ୍ୟ, ୯୧,୯୧୩ ward ସଭ୍ୟ, ୬୭୯୪ ଗ୍ରାମପଞ୍ଚାୟତ ଓ ୬୭୯୩ ସମିତିସଭ୍ୟଙ୍କ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ଯେଉଁଥିରେକି ୨୦୧୭ ମସିହାରେ ୨.୬ କୋଟି ଭୋଟରଙ୍କ ତୁଳନାରେ ୨୦୨୨ରେ ୨.୭୯ କୋଟି ଗ୍ରାମାଞ୍ଚଳ ଭୋଟର ସେମାନଙ୍କର ମତଦାନ ସାବ୍ୟସ୍ତ କରି ନିଜ ନିଜର ପ୍ରତିନିଧିମାନଙ୍କୁ ନିର୍ବାଚିତ କରିବେ।

ବର୍ତ୍ତମାନର କୋଭିଡ ପରିସ୍ଥିତିରେ ଶୃଙ୍ଖଳିତ ନିର୍ବାଚନ କରିବା ନିର୍ବାଚନ ଆୟୋଗଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । କୋଭିଡ ଆଚରଣ ବିଧି ଅନୁପାଳନ ପୂର୍ବକ ଏଥର ନିର୍ବାଚନ ହେବ ବୋଲି ଆୟୋଗ ଘୋଷଣା କରିଛନ୍ତି । ସେଥିପାଇଁ କୌଣସି ପ୍ରକାର ସାଇକେଲ କିମ୍ବା ମୋଟର ସାଇକେଲ ରାଲି, ପଦଯାତ୍ରା, ବିଜୟ ଶୋଭାଯାତ୍ରା, ବଡ ବଡ ସଭା ଉପରେ କଡା କଟକଣା ଲାଗୁକରାଯାଇଛି । ପ୍ରାର୍ଥୀମାନେ ଡିଜିଟାଲ୍ ପ୍ରଚାର ଉପରେ ଗୁରୁତ୍ୱ ଦେଉଛନ୍ତି । ଦୂରଦର୍ଶନ, ଆକାଶବାଣୀ, ଫେସ୍ ବୁକ, ଇନଷ୍ଟାଗ୍ରାମ୍, ଟୁଇଟର ଇତ୍ୟାଦି ଜରିଆରେ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି । ଏହା ହୁଏତ ଅନେକାଂଶରେ ରାଜନୈତିକ ହିଂସା ରୋକିବାରେ ସାହାଯ୍ୟ କରିପାରେ।

ବର୍ତ୍ତମାନ ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଯେ ଆମେ କ'ଣ ପଂଚାୟତ ନିର୍ବାଚନକୁ ମୁକ୍ତ ଓ ଅବାଧ କରିପାରିବା ? ନିର୍ବାଚନରୁ ହିଂସା ଦୂର କରିପାରିବା ? ଲାଂଚ, ମିଛ, ଅନ୍ୟାୟ, ଅନୀତି, ଦୁର୍ନୀତି, ବାହୁବଳ ଓ ଅର୍ଥବଳକୁ ରୋକିପାରିବା ? ଯୋଗ୍ୟ ପ୍ରତିନିଧିମାନଙ୍କୁ ନିଜ ବିବେକ ମୁତାବକ ନିର୍ବାଚିତ କରିପାରିବା ? ପଂଚାୟତ ସ୍ତରରେ ଏକ ସ୍ୱଚ୍ଛ ଉତ୍ତରଦାୟୀ ସରକାର ଗଠନ କରିପାରିବା ତ ? ଏସମସ୍ତ ପ୍ରସଙ୍ଗର ସ୍ଥିର ଓ ସୁଚିନ୍ତିତ ଆଲୋଚନା ସହିତ ବିହିତ ସମାଧାନ ଆବଶ୍ୟକ ।

ଏବେ ଆମ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଅନେକ ଘାତପ୍ରତିଘାତ ଦେଇ ଗତି କରୁଛି । ପ୍ରତିଦିନ ଆମକୁ ଅନ୍ତଃ ଓ ବାହ୍ୟିକ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ଏକ ସଙ୍କଟଜନକ ପରିସ୍ଥିତିରେ ଜଣେ ଜଣେ ବିଚାରବନ୍ତ ନାଗରିକ ଓ ଦେଶର ଭବିଷ୍ୟତ ଦାୟାଦ ରୂପେ ଆସନ୍ତୁ ଆମେ ସମସ୍ତେ ଦୃଢ଼ ଶପଥ ନେବା ଉଚିତ୍ ଯେ କୌଣସି ପ୍ରକାର ଚାପ ତଥା ଲୋଭ କିମ୍ବା ଭୟର ବଶବର୍ତ୍ତୀ ନହୋଇ ମୁକ୍ତ ଓ ନିରପେକ୍ଷ ଭାବେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ନିର୍ବାଚିତ କରିବା ଓ ତୃଣମୂଳ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହିତ ଭାରତବର୍ଷର ଗଣତନ୍ତ୍ର ମୂଳଦୁଆକୁ ସଶକ୍ତ କରିବା । ଆମ ସମସ୍ତେ ବ୍ୟକ୍ତିଗତ କିମ୍ବା ଦଳୀୟ ସ୍ୱାର୍ଥ ଅପେକ୍ଷା ଜାତୀୟ ସ୍ୱାର୍ଥ ପ୍ରତି ସର୍ବାଧିକ ସଚେତନ ହେବା ଆବଶ୍ୟକ । ଏହାଦ୍ୱାରା ଗ୍ରାମର ବିକାଶ ହେବା ସହିତ ଗାନ୍ଧିଜୀଙ୍କ ରାମରାଜ୍ୟର ପରିକଳ୍ପନା ସାକାର ହୋଇପାରିବ।

ଅଧ୍ୟାପକ
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ ,
ବଡ଼ବିଲ, ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

# ରାଜନୀତି ଓ ଅପରାଧ



**କବି ବିପ୍ଳବ**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଓମିକ୍ରମର ସାଙ୍ଘାତିକ ବିସ୍ତାର ଫଳରେ ଏମିତି କଟକଣା ଲଗାଇବାକୁ ନିର୍ବାଚନ ଆୟୋଗ ବାଧ ହୋଇଛନ୍ତି। ଏହା ଗଣତନ୍ତ୍ର ପାଇଁ ଗୋଟିଏ ଶୁଭଲକ୍ଷଣ । କାରଣ ଗୋଟିଏ ପ୍ରାର୍ଥୀର ନିର୍ବାଚନୀ ଖର୍ଚ୍ଚ ଯେତେବୃଦ୍ଧି ପାଇବ ସେ ସବୁ ଖର୍ଚ୍ଚ ସେ ୫ବର୍ଷ କ୍ଷମତାରେ ରହିବା ସମୟରେ ଆତ୍ମସାତ କରିବା ପାଇଁ ଚେଷ୍ଟା କରିବ । କାରଣ ରାଜନୀତି ଆଉ ସମାଜସେବୀମାନଙ୍କର ପେଣ୍ଡସ୍ଥଳୀ ହୋଇ ନାହିଁ । ଏହା କିଛି ବର୍ଷ ମଧରେ ଏକ ସୁନ୍ଦର ବ୍ୟବସାୟରେ ପରିଣତ ହୋଇଛି । ଯଦି ଅର୍ଥବଳ ଆଉ ବାହୁବଳ ଅଛି ତେବେ ଜନମତକୁ ସହଜରେ ପ୍ରଭାବିତ କରିହେଉଛି । କିନ୍ତୁ ଗୋଟିଏ ସଫଳ ଗଣତନ୍ତ୍ରର ମୂଳଲକ୍ଷ୍ୟ ସେଇଆ ନୁହେଁ । କଥା ଆଦର୍ଶବାଦର, ସମାଜସେବାର, କାର୍ଯ୍ୟ କେବଳ ଆତ୍ମ ସେବା । ଇଏ ଆଜିକାଲିର ରାଜନୀତି । ଯଦି ଗୋଟିଏ ସାଧାରଣ ନାଗରିକ ବା ଗରିବ ଭୋଟର ଘରଟିଏ ପାଇବା ପାଇଁ, ଭତ୍ତା ପାଇବା ପାଇଁ ବା ଅନ୍ୟାନ୍ୟ ସରକାରୀ ଯୋଜନାର ସୁଫଳ ପାଇବା ପାଇଁ ୱାର୍ଡ ମେମ୍ବର ବା ସରପଞ୍ଚକୁ ଟଙ୍କାଟିଏ ହାତଗୁଞ୍ଜା ନଦେଲା ତେବେ ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରରେ ଏହା ଗୋଟିଏ ସୁନ୍ଦର ବାର୍ତ୍ତା ଯିବ । ତଳସ୍ତରରେ ଦୁର୍ନୀତି, ଲାଞ୍ଚକୁ ବିରୋଧ କରିବାକୁ ଗଲେ ଉପରସ୍ତରରେ ତାହାର ପ୍ରଭାବ ପଡିବ । ଗାଁ ଗହଳିଗୁଡିକୁ ରାଜନୀତିକ ବିଷ ବଳୟରୁ ମୁକ୍ତ ରଖିବା ପାଇଁ ଆଜି ପର୍ଯ୍ୟନ୍ତ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚେଷ୍ଟା କରାଯାଇଛି । ସେଥି ପାଇଁ ବୋଧ ହୁଏ ୱାର୍ଡମେମ୍ବର ଅବା ସରପଞ୍ଚ ପ୍ରାର୍ଥୀଙ୍କୁ କୌଣସି ଦଳୀୟ ଚିହ୍ନ ଦିଆଯାଇ ନାହିଁ ଆଜି ପର୍ଯ୍ୟନ୍ତ । କାରଣ ନିର୍ବାଚିତ ପ୍ରାର୍ଥୀଟି କେବେ ନିଜକୁ ସଂକୀର୍ଣ୍ଣ ଦଳୀୟ ଗଣ୍ଡି ଭିତରେ ଆବଦ୍ଧ ନକରି ସମୂହ ଉନ୍ନତି ପାଇଁ ଦୃଷ୍ଟି ଦେବ । ପଞ୍ଚାୟତର ଉନ୍ନତି କଥା ଚିନ୍ତା କରିବ । ଲୋକ ସଭା କିମ୍ବା ବିଧାନ ସଭା କ୍ଷେତ୍ର, ପଞ୍ଚାୟତ ତୁଳନାରେ ଯଥେଷ୍ଟ ବେଶୀ । ସମସ୍ତ ପାର୍ଥୀଙ୍କ ଇତିହାସ ଜାଣିବା ଏତେ ସହଜ ନୁହଁ । ମାତ୍ର ପଞ୍ଚାୟତ ସ୍ତରରେ ଆମକୁ ଭୋଟ ଭିକ୍ଷା କରୁଥିବା ପ୍ରାର୍ଥୀ ଆମ ଗାଁ ବା ପଡିଶା ଗାଁର । ତାଙ୍କୁ ଆମେ ଜନ୍ମରୁ ଦେଖିଛେ ଆଉ ପରଖିଛେ । ତାଙ୍କର ଭଲମନ୍ଦ, ନୀତିଆଦର୍ଶ ବିଷୟରେ ଉଣାଅଧିକେ ଜାଣିଛେ । ତେଣୁ ସେମାନଙ୍କୁ ନିର୍ବାଚିତ କରିବା ପୂର୍ବରୁ ଆମକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ । ତାଙ୍କର ଅପରାଧିକ ପୃଷ୍ଠଭୂମି ଅଛିକି ନାହିଁ, ସେ ଗାଁରେ ଅରାଜକତା ସୃଷ୍ଟି କରନ୍ତି କି ନାହିଁ, ଗାଁରେ ରହି ଆମର ସୁଖଦୁଃଖରେ ସାମିଲ୍ ହୋଇ ପାରିବ ନାହିଁ, ସାମୟିକ ଭାବରେ ମଦ, ମାଂସ, ଟଙ୍କା ବାଣ୍ଟି ଆମକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି କି ନାହିଁ । ଗୋଟିଏ କଥା ମନେ ରଖିବାକୁ ହେବଯେ ଆମେ ଖାଇଥିବା ମାଂସ, ପିଇଥିବା ମଦ ଆଉ ନେଇଥିବା ଟଙ୍କା ସର୍ବାଧିକ ଦିନେ ଦୁଇଦିନ ଭିତରେ ସରିଯାଏ । ମାତ୍ର ତା'ର ପ୍ରଭାବରେ ପ୍ରଭାବିତ ହୋଇ ନିର୍ବାଚିତ କରିଥିବା ପ୍ରାର୍ଥୀଟି ୫ବର୍ଷ ଯାଏଁ ଆମ ଉନ୍ନତିରେ କଣ୍ଟା ହୋଇ ଠିଆ ହୁଏ, ଦୁର୍ନୀତି କରେ, ନିଜେ ବଦନାମ ହୁଏ ଏବଂ ପଞ୍ଚାୟତକୁ ବଦନାମ କରେ । ଏହା ଗଣତନ୍ତ୍ର ପାଇଁ ବିପଦ । କେବଳ ଗୋଟିଏ ସୁଦୃଢ ନିଅଁ ଉପରେ ମଜବୁତ ଅଟ୍ଟାଳିକା ଠିଆ ହୋଇ ପାରିବ । ତେଣୁ ତୃଣମୂଳସ୍ତରରେ ଯଦି ଗୋଟିଏ ଭଲଲୋକ ୱାର୍ଡ ମେମ୍ବର ବା ସରପଞ୍ଚ ପାର୍ଥୀ ରୂପେ ନିର୍ବାଚିତ ହୁଏ ତେବେ ଉପରସ୍ତରରେ ତାହାର ସକରାତ୍ମକ ପ୍ରଭାବ ପଡିବାର ଆଶା କରାଯାଏ । ତେଣୁ ଉପରସ୍ତରରେ ଶାସନକୁ ଅପରାଧମୁକ୍ତ କରିବା ପାଇଁ ତଳସ୍ତରରୁ ଉଦ୍ୟମ ଆରମ୍ଭ ହେବା ଦରକାର ଏବଂ ଏଥିପାଇଁ ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳି ଦେବା ଅପରିହାର୍ଯ୍ୟ । ତେବେ ଯାଇଁ ଦେଶର ଗଣତନ୍ତ୍ର ସୁରକ୍ଷିତ ରହିପାରିବ । (ସମାପ୍ତ)

♥ ମକୁନ୍ଦପୁର,ବାଙ୍କୀ
ମୋ-୯୪୩୭୪୬୮୦୧୬




## ମଶାଣି

**ଦିବାକର ନାୟକ**



ମଶାଣି ରେ ମଶାଣି ତୁ କେଡ଼େ ଉଦାର
ଧନୀ ମାନୀ ନିରିଧନ
ତୋ ପାଇଁ ସବୁ ସମାନ
ସଭିଙ୍କୁ କୋଳେଇ ନେଉ କରି ଆଦର।

ଜୀବନର ଅହମିକା ଯେତେ ମୋହ ମାୟା
ଏଇ ଗୋଟିଏ ଜାଗାରେ
ହଜିଯାଏ କାୟା ।
ଜୁଇ ପାଉଁଶର ନାହିଁ ଭିନ୍ନ ଭିନ୍ନ ରୂପ
ବାରି ପାରିବକି କିଏ ରଙ୍କ ଅବା ନୃପ ।
ପିଣ୍ଡରୁ ଉଡିଲେ ପକ୍ଷୀ
ଚିରନିଦ୍ରା ଗଲେ ଆଖି
କୋକେଇରେ ସୁଖ ଦିଏ ଧଳା ଚାଦର..
ମଶାଣି ରେ ମଶାଣି ତୁ କେଡ଼େ ଉଦାର।

ଭାଇ ଭଉଣୀ ଘରଣୀ ପୁଅ ଅବା ଝିଅ
ସବୁ ଭୁଲିଯିବେ ପରେ ଶୁଖିଗଲେ ଲୁହ ।
ଜୀବନେ ନଦେଲେ ଯାହା
ଦେବେ ମଲାପରେ
ସବୁ ଦେଖି ନୀରବେ ତୁ
ହସୁ ଧୀରେ ଧୀରେ ।
କିଏ କହେ ସ୍ୱର୍ଗଦ୍ୱାର
ଶେଷ ଦୃଶ୍ୟ ନାଟକର
ରାମ ନାମ ସତ୍ୟ ଧ୍ୱନି ଶେଷ ମନ୍ତର..
ମଶାଣି ରେ ମଶାଣି ତୁ କେଡ଼େ ଉଦାର।

ପାଟପୁର, କନିସି-୭୬୧ ୦୦୮
ଗୋଳନ୍ଥା, ଗଞ୍ଜାମ
(ମୋ) ୯୯୩୮୬ ୧୯୯୮୧

## ତୁମେ ଆସ ନାହିଁ

**ଉମେଶ ଚନ୍ଦ୍ର ଯେନା**



ତୁମେ ଆସ ନାହିଁ
ଏବେ ତୁମେ ଆସ ନାହିଁ
ଏଠି ପ୍ରେମ ନାହିଁ, ସ୍ୱପ୍ନ ନାହିଁ
ରାତି ନାହିଁ
ସକାଳର କଅଁଳ ଖରା ନାହିଁ
ଗୋଧୂଳି ସନ୍ଧ୍ୟା ନାହିଁ
ସେଥିପାଇଁ କହୁଛି
ତୁମେ ଆସ ନାହିଁ ।

ହଁ ମୁଁ ଜାଣେ ଫଗୁଣ ଫେରିଛି
ତୁମରି ପ୍ରେମ ନେଇ
ତୁମ ବଗିଚାରୁ ଗୋଲାପ ନେଇ
ତୁମର ପ୍ରଥମ ଚିଠି ନେଇ
ତୁମ ଛାତିରେ ତାତି ନେଇ
ଏ ସବୁକୁ ନେଇ
ମୁଁ କଣ କରିବି କୁହ ଯେ ।

ମୋ ଚତୁର୍ପାର୍ଶ୍ୱରେ
ଏବେ ଫଗୁଣ ଅଛି
ଫଗୁଣର ପ୍ରେମିକ ଅଛି
ଫୁଲ ଫୁଟିଛି
କୋଇଲି ଗୀତ ଗାଉଛି
ଆମ୍ବ ଗର୍ଭବତୀ ଅଛି
ହେଲେ ତୁମେ ଆସି
କରିବ କଣ ଯେ
ଏଠି ଫୁଲ ବଗିଚାରେ
ରକ୍ତଲଗା ଛୁରୀ ପଡିଛି
ଘର ଚାଳ ଉପରେ
ପେଚା ବସି ଗୀତ ଗାଉଛି
ମଦ ନିଶାରେ ସ୍ୱାମୀଟା
ଗର୍ଭବତୀର ପେଟକୁ ଲାତ ମାରୁଛି ।

ଏଇ ତ ଆରମ୍ଭ ମାତ୍ର
ଆହୁରି ବହୁତ ବାକି ଅଛି
ସେଥିପାଇଁ କହୁଛି
ତୁମେ ଆସ ନାହିଁ
ତୁମ ଦୂରତାକୁ ବୁଝୁଛି
ତୁମ ପାଇଁ
ଫଗୁଣକୁ ମୋ ଛାତିରେ ରଖୁଛି
ପ୍ରେମର ଫଗୁଣ ଟେ ଆସିବା ଯାଏ ।

+ କଲ୍ୟାଣ ପୁର,
ବିଂଝାରପୁର,ଯାଜପୁର
(ମୋ)୯୯୩୮୩୧୬୭୩୨

## ମୋକ୍ଷ

**ସୁବ୍ରତ କୁମାର ଜେନା**



ଯେତେ ଯେତେ ଲହୁ ଲୁହ ଢାଳି,
ଦିଅଁ ପୂଜିବାର ଏକି ପ୍ରସାଦ,
ଜୀବନ ତମାମ ମାନସିକ ଓ
ଏକ ବ୍ରତୀ,
କେବେପୁଣି ନିରଟା ନିଷ୍ଫଳା ଉପବାସ,
ନିଜ ଲାଗି ନୁହଁମ, ନିଜର ନିଜରଙ୍କ ଲାଗି,
ଖାଲି ଟିକେ ସୁଖ ଓ ସମୃଦ୍ଧି ଆଉବା କଣ ?
ନା ଜୀବନର ଶେଷେ ମୋକ୍ଷ ପ୍ରାପ୍ତି।

ହେଲେ କିଏ ଜାଣିଥିଲା,
ଭାଗ୍ୟର ମାୟାବୀ ଖେଳକୁ,
ମୁହୂର୍ତ୍ତକରେ କାମନାର ମଣୋହୀ ସବୁ,
ଏମିତି ଦେଖାଦେଲେ ଚୋଉଷଠି ଯୋଗିନୀ ହୋଇ,
ଥରେବି ବୁଝିଲେନି ଆତ୍ମା ପକ୍ଷୀର ଆକୁଳ ଡାକକୁ,
ମୁହୂର୍ତ୍ତରେ ବଦଳିଗଲା ଦୃଶ୍ୟରାଜି,
କାଲିର ବର୍ଷା ପରେ,
ଅଚାନକ ଭରିଥିଲା ସବୁଜିମା ଅନେକ ସମୟାନ୍ତରରେ,
ବର୍ଷାରେ ଭିଜିବା ଆଗରୁ,
ଛିଡି ପଡୁଥିଲା ସାଇତା ଗୁନ୍ଥା ମାଳରୁ ମାଳିସବୁ,
ଖାଁ ଖାଁ ଶ୍ରୀହୀନ କରିବାକୁ
ସଧବାରୁ ବିଧବାର ଭାଗ୍ୟର ଭୋଗରେ,
ଯଦିଓ ଏଯାଏ ଲିଭିନଥିଲା ସଧାବା ପାଦରୁ ଅଳତାର ଗାର,
ଭରିନଥିଲା ପ୍ରେମର ତାଜମହଲ ତିଆରିର ସ୍ୱପ୍ନ ।

ପ୍ରଶ୍ନ ପରେ ପ୍ରଶ୍ନ କାଠଗଡ଼ାରେ ଈଶ୍ୱରଙ୍କୁ,
ଥରେ ହେଲେ କୁହ,
ଏତେ ଲମ୍ବା ପ୍ରତିକ୍ଷାର ମୌନତା,
କଳବଳ ଅସ୍ତବ୍ୟସ୍ତରେ ଭରିଛି ଅଗଣା,
ତେବେ ଏଥିଲାଗି ଦୋଷୀ କିଏ ?
ତଥାପି ମନ ବୁଝେନି ଅଭାଗିନୀର,
ସଫା ଧଳାର ବସ୍ତ୍ରତଳେ ଯେତେ ଜଳିଲେବି ସେ !
ଧାଇଁ ଯାଇ ଜାଳିଦିଏ ସଞ୍ଜ ଦୀପ,
ତେଣିକି ତାକୁ ଯେତେ ଶୁଣିବାର ହେଉ ଅବା ସହିବାର,
ଆଶିଣର କାଶତଣ୍ଡି ଅବା ପୂର୍ଣ୍ଣମୀର ଚାନ୍ଦରେ କଳଙ୍କ ବୋଲି,
ତଥାପି ଖୁସି ହୁଏ ମନେ ମନେ,
ଲୋକମୁଖରେ ନଦୀ ଆଉ
ନାରୀ ସର୍ବଂସହା ବୋଲି ଶୁଣିଦେଲେ ।

♥ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ)୮୨୪୯୨୨୦୮୩୦ .





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

**ଭାଗ-୪୮**

ମୋ ଚାରିପଟେ କେବଳ ଗୁଞ୍ଜରିତ ହୋଇ ଉଠୁଥିଲା କୃଷ୍ଣନାମ । କୃଷ୍ଣ । କୃଷ୍ଣ । କୃଷ୍ଣ । କୃଷ୍ଣ ଆସୁଛନ୍ତି । ଯଦୁକୁଳ ଚନ୍ଦ୍ର । ଯଶୋଦାନନ୍ଦନ କୃଷ୍ଣ ଆସୁଛନ୍ତି ପାଣ୍ଡବ ଦୂତ ସାଜି । ଉଦ୍ଦେଶ୍ୟ ତାଙ୍କର ମହତ । ଉଭୟ ପକ୍ଷ ମଧ୍ୟରେ ଶାନ୍ତିସ୍ଥାପନ। ଭ୍ରାତୃବିବାଦର ଅନ୍ତିମ ଯବନିକା ଟାଣି ପରସ୍ପର ମଧ୍ୟରେ ମିତ୍ରତା ବନ୍ଧନରେ ବାନ୍ଧିଦେବେ । ଆସନ୍ନ ବିପତ୍ତିରୁ ଉଦ୍ଧାର କରିବେ। ନିଜେ ମହାରାଜ ମଧ୍ୟ ଉତ୍‌ଫୁଲ୍ଲିତ । ମୁଁ ନିଜେ ତାଙ୍କ ଦର୍ଶନ ଲାଗି ବ୍ୟାକୁଳିତ ।

କୃଷ୍ଣଙ୍କ ସ୍ୱାଗତ ଲାଗି ସ୍ୱତନ୍ତ୍ର ଆୟୋଜନ ହୋଇଛି । ହସ୍ତିନାପୁରୀ ଅପୂର୍ବ ସାଜସଜ୍ଜାରେ ବେଶ୍ ଅପୂର୍ବ ଦିଶୁଛି । ନିଜେ ମହାମନ୍ତ୍ରୀ ବିଦୁର ଏ ସମସ୍ତ ଦାୟିତ୍ୱରେ ରହିଛନ୍ତି । ମହାରାଜ ନିଜେ ସଂଜୟଙ୍କ ଠାରୁ ପଚାରି ବୁଝି ନେଉଛନ୍ତି କେଉଁଠି ଯେମିତି ଦୋଷତ୍ରୁଟି ରହି ନଯାଏ । ସେଥିପାଇଁ ପ୍ରତ୍ୟେକେ ତତ୍ପର । ସମଗ୍ର ନଗର ମଧ୍ୟରେ ଠାଏଠାଏ ସ୍ୱାଗତ ତୋରଣ ହସ୍ତିନାପୁର ପ୍ରବେଶଦ୍ୱାର ନିକଟରେ ଜନପଦବାସୀମାନେ ପ୍ରତୀକ୍ଷାରେ ରହିଥାନ୍ତି । କେତେବେଳେ କୃଷ୍ଣ ଆସିବେ । ହାତରେ ପୁଷ୍ପାର୍ଘ୍ୟ, ମନରେ ଉଦ୍‌ବେଗ। ଅନ୍ୟମାନଙ୍କ ପରି ମୋ ମନରେ ମଧ୍ୟ ବ୍ୟଗ୍ରତା । ମୁଁ ଓ ଅଶ୍ୱତ୍ଥାମା ତାଙ୍କୁ ସ୍ୱାଗତ କରିବାପାଇଁ ଠିଆ ହୋଇଥିଲୁ । ରଥ ଅଟକିଲା ମହାଦ୍ୱାର ନିକଟରେ । ଯାଦବରାଜ କୃଷ୍ଣ । ନୀଳ କଳେବର । ସ୍ୱର୍ଣ୍ଣଖଚିତ ମୁକୁଟରେ ଶୋଭା ପାଉଥାଏ ମୟୂରପୁଚ୍ଛ । ଯାହା ତାଙ୍କର ଶୋଭାକୁ ଆହୁରି ସୁନ୍ଦର କରି ତୋଳୁଥାଏ । ମୁଖମଣ୍ଡଳରେ ଅପୂର୍ବ ଜ୍ୟୋତି । ଆଖି ମୋର ସ୍ଥିର ହୋଇ ରହିଯାଇଥିଲା ଏହି ଅପରୂପ ଶୋଭା ଦର୍ଶନରେ।

ମହାଦ୍ୱାର ନିକଟରେ ତାଙ୍କୁ ପାଛୋଟି ନେବାପାଇଁ ଅପେକ୍ଷା କରିଥାନ୍ତି ପିତାମହ ଭୀଷ୍ମ। ମହାରାଜ ଧୃତରାଷ୍ଟ୍ର, ଦ୍ରୋଣାଚାର୍ଯ୍ୟ ଓ କୃପାଚାର୍ଯ୍ୟ ଇତ୍ୟାଦି । ଉପସ୍ଥିତ ସମସ୍ତ ଗୁରୁଜନମାନଙ୍କୁ ପ୍ରଣାମ କରି ଆଗେଇ ଯାଉଥିଲେ କୃଷ୍ଣ । ମହାମନ୍ତ୍ରୀ ବିଦୁର ତାଙ୍କୁ ପାଛୋଟି ନେଉଥିଲେ ସଭାଗୃହକୁ । ସ୍ୱାଗତ, ଅଭ୍ୟର୍ଥନା ସମାପ୍ତ ହେବାପରେ କୃଷ୍ଣ ସ୍ୱୟଂ ନିଜ ଆସନରୁ ଉଠି ତାଙ୍କର ବକ୍ତବ୍ୟ ରଖିଲେ । ଉପସ୍ଥିତ ସମସ୍ତଙ୍କୁ ଯଥାମାନ୍ୟ ଜଣାଇ କହିଲେ ଆପଣମାନେ ସମସ୍ତେ ମନଧ୍ୟାନ ଦେଇ ଶୁଣନ୍ତୁ, ମୁଁ ଏଠାକୁ ଯଦୁକୁଳ ପତି କୃଷ୍ଣ ହିସାବରେ ଆସିନାହିଁ । ଆସିଛି ପାଣ୍ଡବମାନଙ୍କ ପକ୍ଷରୁ ଶାନ୍ତିର ବାର୍ତ୍ତା ନେଇ । ଆପଣମାନେ ସମସ୍ତେ ଏ ପର୍ଯ୍ୟନ୍ତ ଦେଖି ଆସିଛନ୍ତି ପାଣ୍ଡବମାନଙ୍କ ପ୍ରତି କିପରି ଗୋଟିକ ପରେ ଗୋଟିଏ ଅନ୍ୟାୟ କରାଯାଇଛି। ତଥାପି ସେମାନେ ଅସୀମ ଧୈର୍ଯ୍ୟ ସହ ସବୁ ସହିସହି ନିଜର ସହନଶୀଳତାର ପ୍ରମାଣ ମଧ୍ୟ ଦେଖାଇଛନ୍ତି । ଏବେ ସହିବାର ସୀମା ଅତିକ୍ରାନ୍ତ। ଆଉ ଅଧିକ ସହିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ମୁଁ ତେଣୁ ସେମାନଙ୍କ ପକ୍ଷରୁ ଦୂତରୂପେ ଏତିକି କହିବାକୁ ଚାହେଁ, ସେମାନଙ୍କୁ ସେମାନଙ୍କର ହୃତରାଜ୍ୟ ଫେରାଇ ଦିଆଯାଉ । ସେମାନେ ନିଜ ରାଜ୍ୟରେ ରହି ଅବଶିଷ୍ଟ ଜୀବନ ଶାନ୍ତିରେ ବିତାଇବାକୁ ଚାହାଁନ୍ତି । ତାଙ୍କର ପିତ୍ରାର୍ଜିତ ରାଜ୍ୟରୁ ଅର୍ଦ୍ଧେକ ନହେଲେ ମଧ୍ୟ ଅନ୍ତତଃ ପକ୍ଷେ ଇନ୍ଦ୍ରପ୍ରସ୍ଥ ତାଙ୍କୁ ଫେରାଇ ଦିଆଯାଉ । ଯାହା ସେମାନେ ନିଜ ଉଦ୍ୟମରେ ଗଢ଼ିଛନ୍ତି, ସମୃଦ୍ଧ କରିଛନ୍ତି ।

ଏଥର ଉତ୍ତେଜିତ ହୋଇ ଉଠିଲେ ଦୁର୍ଯ୍ୟୋଧନ । ଅସମ୍ଭବ ଅସମ୍ଭବ । ଏସବୁ ବନ୍ଦ କରନ୍ତୁ । ପାଣ୍ଡବମାନେ ଯେତେବେଳେ ରାଜ୍ୟ ହରାଇ ସାରିଛନ୍ତି, ସେମାନଙ୍କୁ ଆଉ କିଛି ଫେରାଇ ଦେବାର ପ୍ରଶ୍ନ ଉଠୁନି । ପାରୁଛନ୍ତି ଯଦି ଯୁଦ୍ଧରେ ବିଜୟୀ ହୋଇ ତାଙ୍କ ରାଜ୍ୟ ନେଇପାରନ୍ତି ।

କୃଷ୍ଣ ତଥାପି ଧୈର୍ଯ୍ୟର ସହ ବୁଝାଇ ଚାଲିଥାନ୍ତି ମହାରାଜଙ୍କୁ । ତାଙ୍କ ମୁଖମଣ୍ଡଳରେ କ୍ରୋଧ ମିଶା ବିରକ୍ତିର ସାମାନ୍ୟତମ ସୂଚନା ନଥିଲା । ଗୁରୁ ଶିଷ୍ୟଙ୍କୁ ବୁଝାଇଲା ଭଳି ସେ ବହୁତ ସ୍ଥିର ମନରେ ଶାନ୍ତ ଚିତ୍ତରେ ବୁଝାଇ ଚାଲିଥାନ୍ତି । ପାଣ୍ଡବମାନେ ଯୁଦ୍ଧ ନୁହେଁ, ଶାନ୍ତି ଚାହାଁନ୍ତି । ତେଣୁ କିଛି ନ ହେଲେ ମଧ୍ୟ ସେମାନଙ୍କ ଭରଣପୋଷଣ ଲାଗି ପାଞ୍ଚଭାଇଙ୍କ ପାଇଁ ପାଞ୍ଚଖଣ୍ଡି ମାତ୍ର ଗାଁ ଦେଲେ ଚଳିଯିବ । ହସ୍ତିନାପୁର ରାଜସିଂହାସନ ନିକଟରୁ ଏଇ ସାମାନ୍ୟ ମୌଳିକ ନ୍ୟାୟ ମିଳିବାରୁ ସେମାନଙ୍କୁ ବଞ୍ଚିତ କରାନଯାଉ ।

ସମସ୍ତେ ଥିଲେ ନିରୁତ୍ତର । ଏମିତିକି ସ୍ୱୟଂ ମହାରାଜ ଯେମିତି ପାଷାଣ ପ୍ରତିମାଟିଏ । ରାଜକୀୟ ପୋଷାକ ଓ ମୁକୁଟ ମଧ୍ୟରେ ସିଂହାସନ ଆରୋହଣ କରିଥିବା ମହାରାଜ ସତେଯେମିତି ପାଲଟି ଯାଇଥିଲେ ନିର୍ଜୀବ ପିଣ୍ଡଟିଏ ।

କି ଆଶ୍ଚର୍ଯ୍ୟ ! ଦୁର୍ଯ୍ୟୋଧନ ଏକାକୀ ହିଁ କୃଷ୍ଣଙ୍କର ସବୁ ପ୍ରଶ୍ନର ଉତ୍ତର ଦେଉଥିଲେ । ବିନା ଯୁଦ୍ଧରେ ପାଣ୍ଡବମାନଙ୍କୁ ସୂଚ୍ୟଗ୍ର ପରିମିତ ମେଦିନୀ ଦିଆଯାଇପାରିବ ନାହିଁ । ଏହା କେବଳ ମୋର ମତ ନୁହେଁ, ରାଜସଭାରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସହ ମହାରାଜଙ୍କର ମଧ୍ୟ ଏଇଆ ମତ। ସାହସ ଅଛି ଯଦି ପାଣ୍ଡବମାନେ ଆମସହ ଯୁଦ୍ଧ କରନ୍ତୁ ।

ତଥାପି କୃଷ୍ଣଙ୍କର ଧୈର୍ଯ୍ୟଚ୍ୟୁତି ଘଟି ନଥାଏ। ମହାରାଜଙ୍କୁ ଲକ୍ଷ୍ୟକରି କହୁଥାନ୍ତି କୁହନ୍ତୁ ମହାରାଜ, ଏଇଆ କ'ଣ ଆପଣଙ୍କର ଶେଷ ନିଷ୍ପତ୍ତି । ରାଜା ଦ୍ରୁପଦ ପୁରୋହିତଙ୍କୁ ଠିକ୍ ଏଇକଥା କହି ଆପଣମାନେ ଫେରାଇ ଦେଇଥିଲେ । ତା ସତ୍ତ୍ୱେ ପାଣ୍ଡବମାନେ ପୁଣିଥରେ ମୋତେ ପଠାଇଛନ୍ତି । କାରଣ ଶାନ୍ତି, ସୌହାର୍ଦ୍ଦ୍ୟ, ମିତ୍ରତା ସେମାନଙ୍କର ଲକ୍ଷ୍ୟ । ସେମାନଙ୍କ ପାଇଁ ମୁଁ ଯେଉଁ ନ୍ୟୂନତମ ଦାବି କରୁଛି ତାହାକୁ ଆପଣମାନେ ଅସ୍ୱୀକାର କରୁଛନ୍ତି । ଆପଣମାନଙ୍କର ନିରବତା, ମୌନତାରୁ ମୁଁ କ'ଣ ଧରିନେବି ରାଜ୍ୟପାଇଁ ଯୁଦ୍ଧ ନିଶ୍ଚିତ । ତେବେ ଏତିକି ଜାଣିରଖନ୍ତୁ ପାଣ୍ଡବମାନେ ଯୁଦ୍ଧ କରିବେ ସ୍ୱଇଚ୍ଛାରେ ନୁହେଁ, ବାଧ୍ୟବାଧକତାରେ । ପରିସ୍ଥିତିର ଚାପରେ । ତେଣୁ ଏ ଯୁଦ୍ଧ ପାଇଁ ଆଗାମୀ ଇତିହାସ ଦିନେ କୁରୁ ସିଂହାସନର ମହାରାଜଙ୍କୁ ହିଁ ଉତ୍ତରଦାୟୀ କରିବେ । ଆପଣମାନଙ୍କର ନିଷ୍ପତ୍ତିରୁ ମୁଁ ଏଇଆ ଧରିନେବି ଯେ କୁରୁ ସିଂହାସନର ମହାରାଜ କେବଳ ଚକ୍ଷୁରେ ଅନ୍ଧ ନୁହଁନ୍ତି, ତାଙ୍କର ଅନ୍ଧତ୍ୱ ରହିଛି ଚିନ୍ତା ଚେତନାରେ, ବିବେକ, ବୁଦ୍ଧିରେ । ଏ ରାଜ୍ୟ ଚାଲେ ମହାରାଜଙ୍କ କଥାରେ ନୁହେଁ କୁରୁ ଯୁବରାଜଙ୍କ କଥାରେ । ଆଉ ଏହା ମଧ୍ୟ ସତ୍ୟ ଯେ ଏ ଯୁଦ୍ଧ ହେବନି କେବଳ କୌରବ, ପାଣ୍ଡବ ମଧ୍ୟରେ । ବରଂ ନ୍ୟାୟଅନ୍ୟାୟ ବିରୁଦ୍ଧରେ, ସତ୍ୟ ଅସତ୍ୟ ବିରୁଦ୍ଧରେ । ଏଠି ବିଜୟ କିମ୍ବା ପରାଜୟ କୌଣସି ପକ୍ଷକୁ ଯିବନି । ବରଂ ଅନ୍ୟାୟ, ଅଧର୍ମ, ଅସତ୍ୟର କବର ଉପରେ ବିଜୟର ଧ୍ୱଜା ଉଡ଼ାଇବ ନ୍ୟାୟ, ଧର୍ମ, ସତ୍ୟ ।

କୃଷ୍ଣଙ୍କର ବାକ୍ୟବାଣରେ ଉତ୍ତେଜିତ ହୋଇଉଠିଲେ ଦୁର୍ଯ୍ୟୋଧନ । ଭୀଷଣ କ୍ରୋଧରେ ଗର୍ଜିଉଠି କହିଲେ । ସାମାନ୍ୟ ଦୂତ ମୁହଁରେ କୁରୁ ସିଂହାସନ ପ୍ରତି ଏଭଳି ଅବମାନନା ଅସହ୍ୟ । ପରେପରେ ପ୍ରହରୀ ମାନଙ୍କ ପ୍ରତି ଆଦେଶ ଦେଇ କହିଲେ, ବନ୍ଦୀକର, ଏ ଭଣ୍ଡ ଗୋପାଳକୁ । ସାମାନ୍ୟ ଦୂତ ହୋଇ କୁରୁ ସିଂହାସନ ପ୍ରତି ଯିଏ ଆଙ୍ଗୁଳି ନିର୍ଦ୍ଦେଶ କରିବାକୁ ସାହସ କରିପାରେ। ଦୂତ ବେଶରେ ଆସିବାର ଅସଲ ଉଦ୍ଦେଶ୍ୟ ଏବେ ଧରାପଡ଼ିଯାଇଛି ।

ପ୍ରତିବାଦ କରୁଥିଲେ ଭୀଷ୍ମଦେବ । କୃଷ୍ଣଙ୍କ ପ୍ରତି ଦୁର୍ଯ୍ୟୋଧନଙ୍କ ଏଭଳି କଟୁକ୍ତି ତାଙ୍କପାଇଁ ଅସହ୍ୟ ଥିଲା ।

ହଠାତ୍ ସଭାକକ୍ଷରେ ଘଟିଗଲା ଏକ ଅଲୌକିକ ଦୃଶ୍ୟ । କୃଷ୍ଣଙ୍କ ଜଳନ୍ତ ଆଖି ଦୁଇଟିରୁ ସତେଯେମିତି ଉଦ୍‌ଗାରିତ ହେଉଥିଲା ଅଗ୍ନି । ଶରୀର ଅବୟବ କ୍ରମଶଃ ଫୁଲିଫୁଲି ଉଠୁଥିଲା । କ୍ଷଣକ ମଧ୍ୟରେ ଆବିର୍ଭାବ ହୋଇଗଲା ଏକ ଦିବ୍ୟମୂର୍ତ୍ତି । ସମସ୍ତେ ସ୍ତବ୍ଧ, ଚକିତ । କାହାରି ପାଟିରୁ ସ୍ଫୁରୁ ନଥାଏ ଭାଷା । ଏ କ'ଣ ସେମାନେ ଦେଖୁଛନ୍ତି ସଭାଗୃହରେ ଏକ ଦିବ୍ୟ ଚତୁର୍ଦ୍ଧା ମୂରତି । ଚରିଆଡ଼ ଚନ୍ଦନ କସ୍ତୁରୀର ବାସନାରେ ମହମହ ହୋଇ ଉଠୁଥିଲା ସଭାସ୍ଥଳ । ମହାରାଜଙ୍କ ଅନ୍ଧ ଚକ୍ଷୁରେ ପ୍ରତିବିମ୍ବିତ ହୋଇଉଠୁଥିଲା କୃଷ୍ଣଙ୍କର ଏ ଅପୂର୍ବ ମୂର୍ତ୍ତି । ଭୟାର୍ତ୍ତ ହୋଇପଡ଼ିଥିଲେ ମହାରାଜ । ହାତଯୋଡ଼ି ବିନମ୍ର ସ୍ୱରରେ ପ୍ରାର୍ଥନା କରୁଥାନ୍ତି । ହେ ବାସୁଦେବ କୃଷ୍ଣ ମୋର ଅଧମପୁତ୍ର ଦୁର୍ଯ୍ୟୋଧନଙ୍କୁ କ୍ଷମା କରିଦିଅନ୍ତୁ । ଅଜ୍ଞାନତାବଶତଃ ଆପଣଙ୍କୁ ଅପମାନିତ କରିଛି । ଦୁର୍ଯ୍ୟୋଧନଙ୍କ ତରଫରୁ ମୁଁ ପ୍ରାର୍ଥନା କରୁଛି କରୁଣା କରନ୍ତୁ । ଆପଣ ସେହି ପୂର୍ବ ଶରୀରକୁ ଫେରିଆସନ୍ତୁ । ମୁଁ କିଛି ଭାବିପାରୁ ନଥିଲି । ଅନ୍ଧ ମହାରାଜ ଦୃଷ୍ଟିହୀନ ହୋଇ ମଧ୍ୟ କୃଷ୍ଣଙ୍କ ରୂପକୁ ତେବେ ଅନୁଭବ କରିପାରୁଛନ୍ତି । ଉପସ୍ଥିତ ସମସ୍ତଙ୍କ ମୁହଁରୁ ସବୁ ଶୁଣି ସେ ବେଶ୍ ଉପଲବ୍ଧି କରିପାରୁଛନ୍ତି କୃଷ୍ଣଙ୍କ ବିରୋଧାଚରଣ କରିବାର କି ଭୟଙ୍କର ପରିଣତି ?

ଗର୍ଜି ଉଠୁଥିଲେ କୃଷ୍ଣ କ୍ଷମା, କ୍ଷମା କାହାକୁ କରାଯାଏ । ଯିଏ କ୍ଷମାର ଅର୍ଥ ମଧ୍ୟ ବୁଝିନାହାଁନ୍ତି। ସତ୍ୟ, ନ୍ୟାୟକୁ ପଳପଳ କରି ହତ୍ୟା କରିଛନ୍ତି ସେଭଳି ଅପରାଧିକୁ କ'ଣ କେବେ କ୍ଷମା କରିପାରିବେ, ବିବସ୍ତ୍ରା ଦ୍ରୌପଦୀଙ୍କର ଆଖିରୁ ଝରିପଡୁଥିବା ଅଶ୍ରୁ ? ବାରୁଣାବନ୍ତର ଜତୁଗୃହର ଅନଳଶିଖା ? ଭବିଷ୍ୟତ ଇତିହାସ କ'ଣ କେବେ ଏଭଳି କ୍ଷମା କରିପାରେ ଏଭଳି ଜଘନ୍ୟ ଅପରାଧିକୁ । ହସ୍ତିନାପୁରର ଇତିହାସ ପୃଷ୍ଠାରେ ଯିଏ ଗୋଟିଏ ପରେ ଗୋଟିଏ କଳଙ୍କିତ ଅଧ୍ୟାୟ ସୃଷ୍ଟିକରି ଚାଲିଛି । ତାଙ୍କୁ କ'ଣ କେହି କ୍ଷମା କରିପାରେ । ବରଂ ନିଜ କଳା କୃତକର୍ମ ପାଇଁ ଏବେଠାରୁ ପ୍ରସ୍ତୁତ ହୋଇରହନ୍ତୁ ।

ଏସବୁ ଦୃଶ୍ୟ ଦେଖି ମୁଁ ନିଜେ ସ୍ତମ୍ଭୀଭୂତ । ମୋ ମନରେ ନାନା ଚିନ୍ତା । ସବୁ ଚିନ୍ତାର କାରଣ କେବଳ କୃଷ୍ଣ । ବେଶ୍ କିଛିଦିନ ମୋ ଅବଚେତନ ମନରେ କେବଳ କୃଷ୍ଣ ହିଁ ଆସ୍ଥାନ ଜମାଇ ଦେଇଥିଲେ । ମୋର ଯେମିତି ମନେ ହେଉଥିଲା କୃଷ୍ଣରୂପୀ ବଳୟ ମୋ ଚାରିପଟେ ଘେରି ରହିଥିଲା। ଆଉ ମୁଁ, ତାହାରି ମଧ୍ୟରେ ଘୂରିଘୂରି ଅଣନିଃଶ୍ୱାସୀ ହୋଇ ପଡୁଥିଲି ।



- ତେୟାଳିଶ -

ସେଦିନ ସଭାକକ୍ଷରେ କୃଷ୍ଣଙ୍କର ଦିବ୍ୟରୂପ ଦର୍ଶନ କରି ଏକାଏକା ମୁଁ ଫେରୁଥିଲି । ଭାବୁଥିଲି କେବଳ କୃଷ୍ଣଙ୍କ କଥା । ବାସ୍ତବରେ ସେ ସାଧାରଣ ନୁହଁନ୍ତି, ଅସାଧାରଣ । ମାନବର ଉର୍ଦ୍ଧ୍ୱରେ ମହାମାନବ । ତାଙ୍କଭଳି ଜଣେ ସୁପୁରୁଷଙ୍କୁ ପାଣ୍ଡବମାନେ ପାଇପାରିଛନ୍ତି । ଏହା କ'ଣ କମ୍ ସୌଭାଗ୍ୟର କଥା ।

କିନ୍ତୁ, ମିତ୍ର ଦୁର୍ଯ୍ୟୋଧନ ଏ କ'ଣ କଲେ ? ସମଗ୍ର ସଭାରେ କୃଷ୍ଣଙ୍କୁ ଅପମାନିତ କଲେ, ଭର୍ତ୍ସନା କଲେ । ଏମିତି ଏକ ଉଦାସ ମନ ନେଇ ମୁଁ ଅନ୍ୟମନସ୍କ ଥିବାବେଳେ ପଛରୁ ଶୁଣିଲି କାହାର ଡାକ "ଆସ କର୍ଣ୍ଣ, ମୋ ରଥରେ ବସ। ମୁଁ ତୁମକୁ ତୁମ ଭବନରେ ଛାଡ଼ିଦେଇ ଆସିବି।"

ପଛକୁ ଅନାଇ ଦେଖିଲି ସ୍ୱୟଂ କୃଷ୍ଣ ମୋତେ ଡାକୁଛନ୍ତି । ତାଙ୍କ ଡାକରେ ଏତେ ଆନ୍ତରିକତା, ଏତେ ଆକର୍ଷଣ ଥିଲା ଯେ ମୁଁ ତରଳିଗଲି । ତାଙ୍କ ନିର୍ଦ୍ଦେଶରେ ରଥରେ ଯାଇ ବସିଲି । ରଥ ଆଗେଇ ଚାଲିଥିଲା । ରଥ ଯେତିକି ଯେତିକି ଆଗେଇ ଚାଲିଥିଲା, ମୋ ମନର ଉଦ୍‌ବିଗ୍ନତା ସେତେ ସେତେ ବଢ଼ି ଚାଲିଥିଲା । କ'ଣ ପାଇଁ ମୋତେ ଡାକିଲେ ? କାହିଁକି ଡାକିଲେ ? ମୁଁ ବା ତାଙ୍କର କିଏ ?

ଗଙ୍ଗାକୂଳରେ ଆମ ରଥ ଚାଲୁଥିଲା । ଗୋଟିଏ ନିରୋଳା ସ୍ଥାନ ଦେଖି କୃଷ୍ଣ ସାରଥିଙ୍କୁ ଇଂଗିତ ଦେଲେ ରଥ ଅଟକାଇବାକୁ । ଆମେ ଦୁହେଁ ଓହ୍ଲାଇଲୁ । କୃଷ୍ଣ ମୋ ହାତରେ ହାତରଖି କହିଲେ ଆସ କର୍ଣ୍ଣ, ଆଉ ଟିକିଏ ଆଗକୁ ଆସ। ତାଙ୍କର ଦିବ୍ୟ ସ୍ପର୍ଶ ମୋ ସାରାଦେହରେ ଯେମିତି ବିଜୁଳିର ଚମକ ଖେଳାଇ ଦେଉଥିଲା । ପରିବେଶ ଥିଲା ବେଶ୍ ନିର୍ଜନ । ତାରି ମଧ୍ୟରେ ଆମେ ଦୁହେଁ ସୁଖଦୁଃଖର ଆଳାପ ମଧ୍ୟରେ ବେଶ୍ କିଛିସମୟ ବିତାଇ ଦେଲୁ । ଗଂଗାତୀରର ଏକ ଅଶ୍ୱତ୍ଥ ବୃକ୍ଷର ଶୀତଳ ଛାୟାରେ ଆମେ ଦୁହେଁ ବସିଲୁ । ମୋ କାନ୍ଧରେ ହାତରଖି କୃଷ୍ଣ କହିଲେ, କର୍ଣ୍ଣ, ତୁମକୁ ଆଜି ସାଥିରେ କାହିଁକି ଡାକି ଆଣିଲି, ସେକଥା ମୋତେ ତ ପଚାରିଲ ନାହିଁ । ତୁମେ ଦୁର୍ଯ୍ୟୋଧନର ପରମ ମିତ୍ର । ତେଣୁ ତୁମ ମନରେ ସନ୍ଦେହ ଥାଇପାରେ । ଦୁର୍ଯ୍ୟୋଧନ ଯେତେବେଳେ ମୋତେ ଅପମାନିତ କରୁଛନ୍ତି, ମୁଁ ମଧ୍ୟ ତୁମକୁ ସେପରି କିଛି କରିପାରେ । ମୁଁ କିନ୍ତୁ ସେମିତି କିଛି ବି କରିବି ନାହିଁ । ମୁଁ କେବଳ ତୁମ ଆଗରେ ତୁମ ଜୀବନର ଏକ ଦାରୁଣ ସତ୍ୟ ପ୍ରକାଶ କରିଦେବାକୁ ଚାହେଁ, ଯାହା ତୁମକୁ ବହୁତ ଆଘାତ ଦେଇପାରେ । ଅଥବା ତୁମେ ତାକୁ ସହଜରେ ଗ୍ରହଣ କରିପାରିବ କି ନା ତାହା ମଧ୍ୟ ମୁଁ ଜାଣେନା । ମାତ୍ର ସେ ସତ୍ୟ ପ୍ରକାଶ କରିଦେବାକୁ ମୁଁ ମୋର କର୍ତ୍ତବ୍ୟ ବୋଲି ମନେକରେ ।

ମୋତେ ତେଣୁ ଭୁଲ୍ ବୁଝିବନି କର୍ଣ୍ଣ । ଅପ୍ରିୟ ହେଲେ ମଧ୍ୟ ସେ ସତ୍ୟକୁ ଜାଣିବାର ଆବଶ୍ୟକତା ନିଶ୍ଚିତ ରହିଛି ।

ମୁଁ କିଛି ଭାବିପାରୁ ନଥିଲି । ଏମିତି କ'ଣ ଗୋପନୀୟ ସତ୍ୟ ମୋ ଜୀବନରେ ରହିଛି ଯାହା ମୋ ସହିବା ଶକ୍ତିର ବାହାରେ । ମୋତେ ତ ଜନ୍ମରୁ ଅନେକ ସହିବାକୁ ପଡ଼ିଛି । ନୀଚକୁଳରେ ଜନ୍ମର ଅଭିଶାପଠାରୁ ଆରମ୍ଭ କରି ଗୁରୁ, ବ୍ରାହ୍ମଣଙ୍କ ଅଭିଶାପ ନିଆଁରେ ଜଳିଜଳି ଆସିଛି । ତାପରେ ମଧ୍ୟ ଏମିତି କ'ଣ ବାକି ରହିଯାଇଛି ଯେ, ଯାହା ମୋ ପାଇଁ ଅସହ୍ୟ ।

ଦେଖ ରାଧେୟ, ତୁମେ ଅଧିରଥ ଓ ରାଧାମାତାଙ୍କ ପାଳିତ ସନ୍ତାନ । ହେଲେ ତୁମର ଜନ୍ମିତ ପିତାମାତା କିଏ ତାହା ଜାଣିବାପାଇଁ ତୁମ ମନରେ କେବେ କ'ଣ ଆକାଂକ୍ଷା ଜାଗେନି । ସେଇ ଜନ୍ମର ରହସ୍ୟ ପେଡ଼ି ଖୋଲିଦେବା ପାଇଁ ତୁମକୁ ଏକାନ୍ତରେ ଡାକିଆଣିଛି କର୍ଣ୍ଣ ।

ତା'ମାନେ, ଆପଣ ମୋ ପିତାମାତାଙ୍କୁ ଚିହ୍ନିଛନ୍ତି ।

ଖାଲି କ'ଣ ଚିହ୍ନିଛି ଭଲଭାବରେ ଜାଣିଛି ମଧ୍ୟ । ତୁମେ ମୋର ପିଉସୀ କୁନ୍ତୀଦେବୀଙ୍କ ଜ୍ୟେଷ୍ଠ ସନ୍ତାନ । ସୂର୍ଯ୍ୟଦେବ ତୁମର ପିତା । ତୁମେ ଜ୍ୟେଷ୍ଠ କୌନ୍ତେୟ । କର୍ଣ୍ଣ ତୁମେ ଜ୍ୟେଷ୍ଠ କୌନ୍ତେୟ ।

ନା ନା ଏହା ଅସମ୍ଭବ । ଏସବୁ ମିଥ୍ୟା । ମୋର ପିତା ଅଧିରଥ, ମାତା ରାଧା । ଏହା ବ୍ୟତୀତ ଆଉ କୌଣସି ସତ୍ୟକୁ ସ୍ୱୀକାର କରିପାରିବି ନାହିଁ । ଆପଣ ଅଯଥାରେ ମୋତେ ବିଚଳିତ କରନ୍ତୁ ନାହିଁ, ପରିହାସ କରନ୍ତୁ ନାହିଁ।

ବିଶ୍ୱାସ କର କର୍ଣ୍ଣ । ଏହା ମୋର ପରିହାସ ନୁହେଁ, ନିରାଟ ସତ୍ୟ । ଯେତେ ଆଘାତ ପାଇଲେ ମଧ୍ୟ ଏ ସତ୍ୟକୁ ତୁମକୁ ଗ୍ରହଣ କରିନେବାକୁ ପଡ଼ିବ। ତୁମେ ରାଧେୟ ନୁହେଁ କୌନ୍ତେୟ ।

କୌନ୍ତେୟ ! କୌନ୍ତେୟ ! କୌନ୍ତେୟ । ସାରା ଶରୀରରେ ମୋର କମ୍ପନ ସୃଷ୍ଟି ହେଉଥିଲା। କର୍ଣ୍ଣମୂଳରେ ପ୍ରତିଧ୍ୱନିତ ହେଉଥିଲା ସେଇ ଗୋଟିଏ ଶବ୍ଦ କୌନ୍ତେୟ ! କୌନ୍ତେୟ ! କୌନ୍ତେୟ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ଆଜିର କବିତା



### ପ୍ରେମ

**ସୁନନ୍ଦା ମହାନ୍ତି**

ପ୍ରେମ ଏକ ନୈସର୍ଗିକ ଫୁଲ
ଦୁନିଆଁ ବଗିଚାରେ
ପ୍ରେମ ଫୁଲ ଫୁଟିଲେ ହୃଦୟ
ଜୀବନେ ଜୁଆରେ ।

ପ୍ରେମ ଜୁଆର ଅନ୍ତର ଭିତରେ
ସମ୍ମୋହନ ଭରେ
ପ୍ରେମ ପାଇଁ ବଞ୍ଚିଛି ଦୁନିଆଁ
ପୁଲକ ଗୋଳକରେ ।

ପ୍ରେମ ଚିରନ୍ତନ ତଥା ଶାଶ୍ୱତ
ସୂର୍ଯ୍ୟ ଚନ୍ଦ୍ର ପରେ
ପ୍ରେମ ଏକ ସାତରଙ୍ଗି ପକ୍ଷୀ
ମିଠା ସ୍ୱର କାକଳୀରେ ।

ପ୍ରେମ ଅଷ୍ଟ ଋତୁ ଟିଏ ପୃଥିବୀରେ
ସାତଋତୁ ପରେ
ପ୍ରେମ ଋତୁ, ଆଜି କାଲି ଆସନ୍ତାକାଲି
ସଜୀ ନିର୍ଜୀ ଭିତରେ ।

ପ୍ରେମ ନଥିଲେ ବଞ୍ଚିବା ଭାରି ମୁସ୍କିଲ
ନୟନ ଫେଡ଼ି ଦେଖ ଥରେ
ପ୍ରେମ ପାଇଁ ପରିବାର ମାୟା ମୋହ
ସମାଜ ନାମରେ ।

ପ୍ରତ୍ୟେକ ପଦାର୍ଥ ବସ୍ତୁ ଭିତରେ ହିଁ ପ୍ରେମ
ଦେଖ ହୃଦୟ ଦର୍ପଣରେ
ପ୍ରେମ ବୋଧେ ଆନ୍ତରିକତା ଓ ଶାଳୀନତା
ପରସ୍ପର ପରିପୂରକରେ ।

ପ୍ରେମ ନିଶ୍ଚୟ ପରିପକ୍ୱତା ଓ ପ୍ରତିଧ୍ୱନି
ସବୁରି ହୃଦ ପାହାଡ଼ରେ
ପ୍ରେମ ରେ ଭକ୍ତ ଓ ଭଗବାନ ଦୁହେଁ ବନ୍ଧା
ଗୋଟିଏ ରଜ୍ଜୁରେ ସତରେ ।

+ ସାକ୍ଷୀଗୋପାଳ , ପୁରୀ
(ମୋ)୭୦୦୮୯୪୨୨୧୫

### ଭାଷା ଏକ ଦରଦୀ ହୃଦୟର

**ଦୀପ୍ତି ମିଶ୍ର**



ମିଛ ସଂପର୍କକୁ ନେଇ
କାହିଁ ଏତେ ଆଡ ରଷା
ଅଦରଦ ପଣିଆ..
ଜାଣିଛ ନା ସମୟରେ
ନିଜ ଛାଇ ବି ଅସ୍ତିତ୍ୱ ହରେଇ ବସେ
ଅଙ୍କୁଶ ଟାଣ ହେଲେ ।

ବିଶ୍ୱକୁ ମଧୁମୟ କରି
ଗଢି ତୋଳି ବାରେ
ସୁନ୍ଦରୀ ନୀଳ କଇଁ
କଳ୍ପନାରେ ପ୍ରେମ କରିବସେ
ଦୂର ନିଳାଭ ଗଗନରେ

ହସୁ ଥିବା ଜହ୍ନର ଜୋଛନାକୁ
ଦେହରେ ମାଖି ..

ଶୋଷର ବା ଶେଷ କାହିଁ ?
ବେଳେ ବେଳେ ନଈ ନୁହେଁ
ସାଗରକୁ ବି ଆସିବାକୁ ହୁଏ
ନଈ ପାଖକୁ
ତାର ଅମାପ ସ୍ନେହ
ଅଜାଡ଼ି ଦେବାକୁ ।

♥ ବାରିପଦା

## ସମ୍ପର୍କର ଗଣ୍ଠି

### ଝିଅମାନେ ଉଶୃଙ୍ଖଳିତ ହେବାର କାରଣ ମା'

**ଶ୍ୱେତା ରାଉତ୍**

ଏବେ ସୋସିଆଲ୍ ମିଡିଆର ପ୍ରଭାବ ଅତିମାତ୍ରାରେ ମଣିଷକୁ ପ୍ରଭାବିତ କରୁଛି। ସବୁଠୁ ବଡ ଦୁଃଖର କଥା ଆମ ହିନ୍ଦୁ ସଭ୍ୟତାରେ ଯେତେବେଳେ ଆମେ ଝିଅକୁ ଘରର ଲକ୍ଷ୍ମୀ ବୋଲି କହିଥାନ୍ତି ଏବଂ କନ୍ୟାରତ୍ନ କହି ଶ୍ରଦ୍ଧା କରିଥାନ୍ତି,ସେଇ ଝିଅମାନେ ଏବେ ସମାଜ ପାଇଁ ରାକ୍ଷସୀ ସାଜୁଛନ୍ତି,ରତ୍ନ ନୁହେଁ ବରଂ କଳା ଅଙ୍ଗାର ହୋଇ ସମାଜକୁ କଳଙ୍କିତ କରୁଛନ୍ତି। ସବୁ ଝିଅ ସମାନ ନୁହନ୍ତି, କିନ୍ତୁ ଅର୍ଦ୍ଧାଧିକ ଝିଅମାନଙ୍କ ଉଶୃଙ୍ଖଳିତ ଆଚରଣ ସବୁ ଝିଅଙ୍କ ସଂସ୍କାର ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରେ। ଅବଶ୍ୟ ଝିଅମାନଙ୍କ ଏଭଳି ଆଚରଣ ପାଇଁ କେବଳ ସେମାନଙ୍କ ଦୋଷ କୁହାଯାଇନପାରେ, ପ୍ରକୃତ ଦୋଷ ହେଉଛି ମାଆର। ମାଆ ଦ୍ୱାରା ଲାଳନପାଳନର ଅଭାବ, ଶିକ୍ଷା ସଂସ୍କାରର ଅଭାବ, ସଚେତନତାର ଅଭାବ ପିଲାମାନଙ୍କୁ ଅବାଟକୁ ନେଇଥାଏ।

ଆଗରୁ ଗୋଟେ ଯୌଥ ପରିବାରରେ ଝିଅଟିଏ ଯଦି ଭୁଲ୍ ବାଟକୁ ଯାଏ, ପରିବାରରେ ସମସ୍ତେ ଆକଟ କରୁଥିଲେ। ବାପା, ଦାଦା, ଜେଜେ ବାପାଙ୍କ ସାମନାରେ ବିନା ଓଢଣିରେ ଝିଅଟିଏ ବାହାରୁନଥିଲା। ଏବେ ପରିବାର ସଦସ୍ୟଙ୍କ ସାମନାରେ ହେଉ କି ବାହାର ଦୁନିଆ ସାମନାରେ, ଯେକୌଣସି ସ୍ଥାନରେ ବି ଯେଉଁଭଳି ଆପତ୍ତିଜନକ ପୋଷାକ ପିନ୍ଧି ଝିଅମାନେ ବାହାରୁଛନ୍ତି ନକହିବା ଭଲ। ଲଜ୍ଜା ନାରୀର ଭୂଷଣ, ଅଲଜ୍ଜ୍ୟା ହେଲେ କଥା ସରିଲା।

ଏମିତି ଜଣେ ସମ୍ପର୍କୀୟଙ୍କୁ ତାଙ୍କ ଝିଅର ଅତି ଛୋଟ ଏବଂ ଦୃଷ୍ଟିକଟୁ ହେଉଥିବା ଭଳି ପୋଷାକ ନପିନ୍ଧାଇବାକୁ ଜଣେ ନାରୀ ହିସାବରେ ଏବଂ ଝିଅର ସଂସ୍କାର ପାଇଁ ମୁଁ ପରାମର୍ଶ ଦେଲି, କିନ୍ତୁ ମାଆଟି ମୋର ପରାମର୍ଶକୁ ଭାବିଲେ ମୁଁ ଈର୍ଷା କରୁଛି ଏବଂ ସଙ୍ଗେ ସଙ୍ଗେ ମୋତେ ଅପମାନିତ କଲାଭଳି କହିଲେ ଆଜିକାଲି ଗାଁ'ରେ ଆହୁରି ଛୋଟ ଛୋଟ ଡ୍ରେସ୍ ପିନ୍ଧିଲେଣି। ତାଙ୍କ ଇଙ୍ଗିତରୁ ମୁଁ ବୁଝି ସାରିଥିଲି ଝିଅକୁ ଅର୍ଦ୍ଧଲଗ୍ନ ଡ୍ରେସ୍ ପିନ୍ଧେଇବା ବି ଆଧୁନିକତା ହେଲାଣି ଏବଂ ମାଆମାନେ ହିଁ ଝିଅମାନଙ୍କୁ ଫ୍ୟାସନ୍ ଦ୍ୱାହୀରେ ଏମିତି ସଜାଉଛନ୍ତି।

ଆମ ଓଡିଆ ଚଳଚ୍ଚିତ୍ରରେ ଆପଣମାନେ ଦେଖିଥିବେ, ସେଥିରେ ଗୋଟେ ଦୃଶ୍ୟ ଅଛି 'ଝିଆରିଟିଏ ତା ପୁରୁଷବନ୍ଧୁ ସହିତ ସବୁଦିନ ନିଜ ଘରେ ଲୁଚି ଲୁଚି ମିଶୁଛି ଏବଂ ଅନେକ ଖରାପ ପିଲାଙ୍କ ସହିତ ମିଶୁଥିବାର ଦେଖି ଖୁଡି ଆକଟ କରିଛି, କିନ୍ତୁ ଝିଆରି ମାନିନାହିଁ। ବାରମ୍ବାର ଝିଅଟି ଖରାପ ପିଲାଙ୍କ ସହିତ ମିଶି ଉଶୃଙ୍ଖଳିତ ହେଉଛି ଏବଂ ଖୁଡି ପରିବାରର ସମ୍ମାନ ପାଇଁ ଝିଅକୁ ବିରୋଧ କଲାବେଳେ, ଝିଅଟି ଅତି ଚାଲାକରେ ଖୁଡି ଉପରେ ଗୁଡାଏ ଆରୋପ ଆଣି ପରିବାର ସାମନାରେ ଅପଦସ୍ତ କରୁଛି, ତାର କେଉଁ ପିଲା ସହିତ ଖରାପ ସମ୍ପର୍କ ନାହିଁ ବରଂ ଖୁଡିର ଚରିତ୍ର ଖରାପ ବୋଲି ବାପା ମାଆ ତଥା ପରିବାର ସମସ୍ତଙ୍କ ସମ୍ମୁଖରେ ଚାଲ ଖେଳୁଛି। ଏ ଦୃଶ୍ୟ କେବଳ ଚଳଚ୍ଚିତ୍ରର ନୁହେଁ, ଅନେକ ପରିବାରରେ ଝିଅମାନଙ୍କ ଉଶୃଙ୍ଖଳତାକୁ କାଳେ ବାପା ମାଆଙ୍କ ସାମନାରେ କିଏ ପ୍ରକାଶ କରିଦେବ, ତା ପୂର୍ବରୁ ଝିଅମାନେ ଚାଲାକର ସହିତ ବାପା ମାଆଙ୍କୁ ସତମିଛ କହି, ଟିହାଇ ସେ ସଦସ୍ୟଙ୍କୁ ଏତେ ଖରାପ ପ୍ରମାଣିତ କରିଦେଉଛନ୍ତି ଯେ ପିଲାମାନଙ୍କ ଛଳନାକୁ ବିଶ୍ୱାସ କରି ବାପା ମାଆ, ନିଜ ପିଲା ଠିକ୍ ଆଉ ଅନ୍ୟମାନେ ଭୁଲ୍ ବା ପିଲାଙ୍କ ପ୍ରତି ଈର୍ଷା କରୁଛନ୍ତି ବୋଲି ଆରୋପ କରୁଛନ୍ତି। ଅନ୍ଧଭଳି ପିଲାଙ୍କ ଉଶୃଙ୍ଖଳତାକୁ ସମର୍ଥନ ଦେଇ ବାପା ମାଆ ପିଲାଙ୍କୁ ଆହୁରି ଉଦ୍ଧତ ହେବାକୁ ପ୍ରୋତ୍ସାହିତ କରୁଛନ୍ତି।

ଝିଅମାନେ ଆମର ଲଜ୍ଜା, ଆମର ରତ୍ନ, ଆମର ସମ୍ପତ୍ତି। ସେମାନଙ୍କୁ ଶ୍ରଦ୍ଧାରେ, ଆଚରଣରେ, ସ୍ୱଭାବରେ, ସଂସ୍କାରରେ ଦେବୀ ଭଳି ଗଢି ତୋଳିବାର ଦାୟିତ୍ୱ ପ୍ରଥମତଃ ଜଣେ ମାଆର। ମାଆମାନେ ଥରେ ଚିନ୍ତା କରନ୍ତୁ, ଝିଅମାନଙ୍କୁ ସବୁଦିନ କାନ୍ଧରେ ବସେଇ ଯାତରା ଦେଖେଇଲା ଭଳି ନୁହେଁ ଜୀବନ। ଶାଶୁଘରକୁ ଗଲେ କେମିତି ସମସ୍ତଙ୍କୁ ବୁଝି, ସମସ୍ତଙ୍କ ମନ ନେଇ ଚଳିବେ, ଶ୍ରଦ୍ଧାଭାଜନ ହେବେ ସେଇ ସଂସ୍କାର ଦିଅନ୍ତୁ। ନିଜର ଅଧିକାର ଆଳରେ ଶାଶୁଘରେ ସ୍ୱାମୀ ଓ ପରିବାର ସହିତ ଲଢି ସମ୍ପତ୍ତି ମିଳିଯାଇପାରେ କିନ୍ତୁ ସମ୍ମାନ,



ଶ୍ରଦ୍ଧା, ସମ୍ପର୍କର ମିଠା ଅନୁଭୂତି, ଜୀବନର ସ୍ୱାଦ ସବୁକିଛି ହରେଇ ବସିବେ, ଯାହା କେବଳ ତ୍ୟାଗ, ସଂସ୍କାର, କରୁଣା ଏବଂ ସୁକର୍ମ ଦ୍ୱାରା ପ୍ରାପ୍ତ ହୋଇଥାଏ। ମାଆମାନେ ଝିଅକୁ ଆଦର କରନ୍ତୁ କିନ୍ତୁ ଆକଟ କରିବା ଭୁଲନ୍ତୁ ନାହିଁ, ସ୍ନେହ ଦିଅନ୍ତୁ ହେଲେ ଜିଦିଖୋର କରନ୍ତୁ ନାହିଁ, ସ୍ୱାଧୀନତା ଦିଅନ୍ତୁ ହେଲେ ଝିଅର ଦୁର୍ବ୍ୟବହାରକୁ ସମର୍ଥନ ଦିଅନ୍ତୁ ନାହିଁ। ଝିଅଟିଏ ଯଦି ନିଜ ଘରେ ଉଗ୍ର ଆଧୁନିକତା ହୋଇ ପରିବାରରେ ଅସମ୍ମାନ କରେ ତେବେ ଶାଶୁଘରେ ତାଣ୍ଡବଲୀଳା କରି ବାପା ମାଆଙ୍କ ମୁହଁରେ କେବଳ ଚୂନକାଳି ବୋଳିବା ଛଡା ଆଉ କିଛି କରି ପାରିବ ନାହିଁ।ଝିଅକୁ ସୁଧାରିବା ମାଆର କର୍ତ୍ତବ୍ୟ। ଓଡିଆରେ ଗୋଟେ ଲୋକୋକ୍ତି ଅଛି'ମାତା ଘେନି ଦୁହିତା'। କେବଳ ଜନ୍ମ କରିଦେଲେ ମାଆର କର୍ତ୍ତବ୍ୟ ସରିଯାଏନା, ପିଲାଙ୍କୁ ସୁସଂସ୍କାରୀ, ଦକ୍ଷ, ନମ୍ର, କର୍ମଶୀଳ, ଶ୍ରଦ୍ଧାଭାଜନ କରାଇପାରିଲେ ତାହାହିଁ ହୁଏ ପ୍ରକୃତ ମାଆର ଧର୍ମ ଓ ସମାଜ ପ୍ରତି ଅବଦାନ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଲ୍ୟବୋଧ ରକ୍ଷାକରିବା ନିତାନ୍ତ ଜରୁରୀ : ନିରଞ୍ଜନ

ଭୁବନେଶ୍ୱର,୧୬/୨ (ନି.ପ୍ର): ମହାତ୍ମା ଗାନ୍ଧୀଙ୍କର ଭାରତ ବର୍ଷରେ ଆଜି ଯେଉଁଭଳି ଭାବରେ ହିଂସା, ଦ୍ୱେଷ, ଘୃଣା, ଦୁର୍ନୀତି, ଭ୍ରଷ୍ଟାଚାର ଓ ନାରୀ ନିର୍ଯ୍ୟାତନା ହୁ ହୁ ହୋଇ ବଢ଼ିଚାଲିଛି, ତଦ୍ୱାରା ମହାତ୍ମା ଗାନ୍ଧୀ, ନେହେରୁ, ପଟେଲ ଇତ୍ୟାଦି ମହାମନିଷଙ୍କର ସ୍ୱପ୍ନକୁ ଯେ ଆମେ ପ୍ରତିଦିନ କୁଠାରଘାତ କରୁଛୁ,ଏହା ମୋତେ ବ୍ୟକ୍ତିଗତ ଭାବେ ବହୁ ବ୍ୟଥିତ କରୁଛି। ଆମେ ସମସ୍ତେ ଯେଉଁମାନେ ରାଜନୀତି କରୁଛୁ, ଏବଂ ସାଧାରଣ ଜୀବନରେ ଅଛୁ, ସେମାନଙ୍କର ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ବିନା ଏଭଳି ଦୁର୍ନୀତି, ହିଂସା, ଭ୍ରଷ୍ଟାଚାର ବୃଦ୍ଧି ସମ୍ଭବ ହୋଇପାରିବ ନାହିଁ। କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ।

ସେ କହିଛନ୍ତି ଯେ ଏ ରାଜ୍ୟରେ ୨୨ ବର୍ଷର ବିଜେଡ଼ି ସରକାର କେବଳ ଲୋକମାନଙ୍କୁ ପ୍ରତିଶ୍ରୁତି ଓ ପ୍ରତାରଣାଛଡ଼ା ସାଧାରଣ ଜନତାଙ୍କର ସମସ୍ୟାକୁ ଦୂର କରିବାରେ ଅସମର୍ଥ ହୋଇଛି। ସୋରରେ ଜଣେ ବୟସ୍କ ପୂର୍ବତନ ବିଧାୟକ ବର୍ତମାନର ସୋର ବିଜେଡ଼ି ବିଧାୟକ ପର୍ଶୁରାମ ଧଡ଼ାଙ୍କୁ ପଂଚାୟତକୁ ଆସିଥିବା ଅର୍ଥ ବାବଦରେ ପ୍ରଶ୍ନଟିଏ ପଚାରିଥିଲେ। ଏଥିଯୋଗୁଁ ବିଜେଡ଼ି ବିଧାୟକପୂର୍ବତନ ବିଧାୟକଙ୍କୁ ମାରିବା ଓ ତାଙ୍କୁ ଅପମାନିତ କରିବା ଆମ ଗଣତନ୍ତ୍ର ପ୍ରତି ଉପହାସ କି ନାହିଁ? ମୁଖ୍ୟମନ୍ତ୍ରୀ ସ୍ୱଚ୍ଛତାର ଡିଣ୍ଡିମ ପିଟୁଛନ୍ତି ଯଦି ଏ ରାଜ୍ୟର ଶାସନ ବ୍ୟବସ୍ଥା ସ୍ୱଚ୍ଛ ତାହାହେଲ ଅଙ୍ଗନୱାଡ଼ି କର୍ମଚାରୀ, କନେଷ୍ଟବଳ, କିରାଣୀ ଓ ଏମାନଙ୍କ ପାଖରୁ କୋଟି କୋଟି ଟଙ୍କାର ଆୟବର୍ହିଭୂତ ସଂପତି ଆସୁଛି କେଉଁଠୁ? ଯଦି ଏମାନଙ୍କ ପାଖରୁ ଏତେ ଟଙ୍କା ବାହାରୁଛି ତାହାହେଲେ ୨୨ ବର୍ଷର ସରକାରଙ୍କର ଏମଏଲଏ, ମନ୍ତ୍ରୀ ଓ ଦଳର ବିଭିନ୍ନ ଛାମୁଆ ତଥା ବଡ଼ ବଡ଼ ବାବୁମାନଙ୍କ ପାଖରେ କେତେ ଶହ କୋଟି ଟଙ୍କା ଅଛି । ଏସବୁର ହିସାବ ନବୀନ ବାବୁ ୨୨ ବର୍ଷଭିତରେ ଥରୁଟିଏ ଦେଲେ ନାହିଁ। ପରିବର୍ତନ ଆପେ ଆପେ ଆସେ ନାହିଁ ଜନସାଧାରଣଙ୍କ ଦ୍ୱାରା ପରିବର୍ତନ ହିଁ ଆସେ। ତେଣୁ ଓଡ଼ିଶାବାସୀ ଏକ ଯୋଗ୍ୟ ପ୍ରାର୍ଥୀଙ୍କୁ ବିଚାର କରି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ନିର୍ବାଚିତ କରିବାକୁ ସେ ଅନୁରୋଧ କରିଛନ୍ତି। ଲୋକ ବୁଝିଥିଲେ କଂଗ୍ରେସ ଭଲ ଭୋଟ ପାଇବ ଦୁର୍ନୀତି, ଭ୍ରଷ୍ଟାଚାର, ବାହୁବଳ ଓ ଅର୍ଥବଳ, ହିଂସା ଓ ନିର୍ଯ୍ୟାତନାକୁ ଯଦି ଆମେ ପୃଷ୍ଠପୋଷକତା କରିବୁ ଆମ ଗଣତନ୍ତ୍ର ନିଶ୍ଚୟ ଅଧିକରୁ ଅଧିକ ନିମ୍ନଗାମୀ ହେବ। ରାଜ୍ୟରେ ଓବିସିସି ମାନଙ୍କୁ ନେଇ ଉଭୟ ରାଜନୈତିକ ଦଳ ବହୁତ କୁମ୍ଭୀର କାନ୍ଦଣା କାନ୍ଦନ୍ତି କିନ୍ତୁ ଏହି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ତାଙ୍କର ହକ୍‌କୁ ରାଜ୍ୟ ସରକାର ଓ କେନ୍ଦ୍ରରେ ଥିବା ବିଜେପି ସରକାର ଦେବାରେ ବିଫଳ। କିନ୍ତୁ ଏହି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ କଂଗ୍ରେସ ୪୪.୭୮ ପ୍ରତିଶତ ଓବିସି ବର୍ଗରୁ ପ୍ରାର୍ଥୀ ଦେଇଛି। ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି ଆମେ ସମସ୍ତେ ରାଜନୀତି କରିବା ଉଚିତ ବୋଲି ଉପଦେଶ ଦେଇଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ।

ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଯଜ୍ଞେଶ୍ୱର ବାବୁ, ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ପିସିସି ମୁଖପାତ୍ର ରଜନୀ ମହାନ୍ତି, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ରାଜ୍ୟର ୧୨ ଜିଲ୍ଲାରେ ଦ୍ୱିତୀୟ ଡୋଜ୍ ଟିକାକରଣ ହାର କମ୍

ଭୁବନେଶ୍ୱର ,୧୬/୨ (ନି.ପ୍ର): ରାଜ୍ୟରେ ପ୍ରଥମ ଡୋଜ୍ ଟିକାକରଣ ଉତ୍ସାହଜନକ ଥିବା ଦ୍ୱିତୀୟ ଡୋଜ୍ ଟିକାକରଣରେ ବେଶ୍ ପଛରେ ରହିଛି। ଗତ ଜାନୁଆରି ମାସ ସୁଦ୍ଧା ରାଜ୍ୟରେ ଶତ ପ୍ରତିଶତ ଟିକାକରଣ କରିବା ଲାଗି ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ମଧ ୯୫ ପ୍ରତିଶତ ପର୍ଯ୍ୟନ୍ତ ପ୍ରଥମ ଡୋଜ୍ ଟିକାକରଣ ସମ୍ଭବ ହୋଇପାରିଛି। ୧୨ଟି ଜିଲ୍ଲାରେ ଦ୍ୱିତୀୟ ଡୋଜ୍ ଟିକାକରଣ ୭୮ ପ୍ରତିଶତ ଛୁଇଁପାରିଛି। ଏଥିରେ ଅଧିକାଂଶ ଆଦିବାସୀ ବହୁଳ ଜିଲ୍ଲା ରହିଛନ୍ତି। କୋଭିଡର ପରବର୍ତୀ ଲହରକୁ ଏଡ଼ାଇବା ଲାଗି କେନ୍ଦ୍ର ସରକାର ଟିକାକରଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଏ କ୍ଷେତ୍ରରେ ଓଡ଼ିଶା ଦେଶର ଅନେକ ରାଜ୍ୟ ତୁଳନାରେ ପଛରେ ପଡ଼ିଛି।

ଜାତୀୟ ସ୍ତରରେ ପ୍ରଥମ ଡୋଜ୍ ଟିକାକରଣ ୯୬ ପ୍ରତିଶତ ରହିଛି। ମାତ୍ର ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ଼ ଭଳି ରାଜ୍ୟରେ ପ୍ରଥମ ଡୋଜ୍ ପ୍ରାୟ ଶତ ପ୍ରତିଶତ ଥିବା ବେଳେ ଦ୍ୱିତୀୟ ଡୋଜ୍ ୯୦ ପ୍ରତିଶତରୁ ଅଧିକ ରହିଛି। ଏହା ତୁଳନାରେ ଓଡ଼ିଶାରେ ଦ୍ୱିତୀୟ ଡୋଜ୍ ଟିକାକରଣ ବେଶ୍ ଦୁର୍ବଳ ଦେଖିବାକୁ ମିଳିଛି। ଗତକାଲି ସୁଦ୍ଧା ଦେବଗଡ଼ରେ ୬୬ ପ୍ରତିଶତ, ବଲାଙ୍ଗୀରରେ ୬୮ ପ୍ରତିଶତ, ଗଜପତିରେ ୬୯ ପ୍ରତିଶତ, ନୂଆପଡ଼ା ଓ ନବରଙ୍ଗରେ ୭୧ ପ୍ରତିଶତ ଲେଖାଏ, ମୟୂରଭଞ୍ଜ-କେନ୍ଦ୍ରାପଡ଼ା ୭୫ ପ୍ରତିଶତ, ବୌଦ୍ଧ-ବରଗଡ଼ରେ ୭୪ ପ୍ରତିଶତ ଓ କଟକ-ଢେଙ୍କାନାଳ-କଳାହାଣ୍ଡି ଜିଲ୍ଲାରେ ୭୭ ପ୍ରତିଶତ ପର୍ଯ୍ୟନ୍ତ ଦ୍ୱିତୀୟ ଡୋଜ୍ ଟିକାକରଣ ହୋଇପାରିଛି।

ରାଜ୍ୟ କରୋନା ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ କହିଛନ୍ତି, ସଚେତନତ ସତ୍ତ୍ୱେ ଲୋକମାନେ ଟିକା ନେବାକୁ ସେତେଟା ଆଗ୍ରହ ପ୍ରକାଶ କରୁ ନାହାନ୍ତି। ରାଜ୍ୟରେ ଦୈନିକ ଟିକାକରଣ ୩ଲକ୍ଷରୁ ହ୍ରାସ ପାଇ ୨ଲକ୍ଷରେ ପହଞ୍ଚିଛି। ପ୍ରଥମ ଡୋଜ୍ ଟିକାକରଣ ହେଡ୍ କାଉଣ୍ଟ୍



ବା ମୁଣ୍ଡ ପିଚ୍ଛା ଲକ୍ଷ୍ୟ ହାସଲ ହେବା ପରେ ଏବେ ଦ୍ୱିତୀୟ ଡୋଜ୍ ଟିକାକୁ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ୧୮ବର୍ଷରୁ ଅଧିକ ୨୪ଲକ୍ଷ ଲୋକ ନିଜର ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି। ଦ୍ୱିତୀୟ ଡୋଜ୍ ଟିକାକରଣକୁ ବଢ଼ାଇବା ଲାଗି ରାଜ୍ୟ ସରକାର 'ଭ୍ୟାକ୍ସିନେସନ୍ ଅନ୍ ଡିମାଣ୍ଡ' ଅଭିଯାନ ଆରମ୍ଭ କରିଛନ୍ତି। ଏଥିପାଇଁ ଜିଲ୍ଲାସ୍ତରରେ ହେଲ୍‌ପଲାଇନ୍ ନମ୍ବର ଜାରି କରାଯାଇଛି। ମାତ୍ର ତାହା ଏ ପର୍ଯ୍ୟନ୍ତ ଲୋକପ୍ରିୟତା ହାସଲ କରିପାରି ନାହିଁ। ସେ ଆହୁରିମଧ କହିଛନ୍ତି ଯେ ରାଜ୍ୟରେ ବର୍ତମାନ ସୁଦ୍ଧା ଯେତିକି ସଂଖ୍ୟକ ଲୋକଙ୍କ ଦ୍ୱିତୀୟ ଡୋଜ୍ ଟିକା ନେବାର ସମୟ ଆସିଛି ତହିଁରୁ ୯୨ ପ୍ରତିଶତ ଟିକା ନେଇ ସାରିଲେଣି। ବଳକା ୬/୭ ପ୍ରତିଶତ ହିତାଧିକାରୀଙ୍କୁ ଟିକା ଦେବାକୁ ଗୁରୁତ୍ୱ ଦିଆଯାଉଛି ବୋଲି ଡା.ପାଣିଗ୍ରାହୀ କହିଛନ୍ତି। ରାଜ୍ୟରେ ଆଜି ୧ଲକ୍ଷ ୬୬ହଜାର ୬୭୨ ଲୋକଙ୍କୁ ଟିକା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ଏ ପର୍ଯ୍ୟନ୍ତ ୫କୋଟି ୯୬ ଲକ୍ଷ ୮୯ହଜାର ୯୪୮ଡୋଜ୍ ଟିକା ଦିଆଗଲାଣି। ଆସନ୍ତାକାଲି ୨୯୫୨ ଟିକାକରଣ ଅଧିବେଶନରେ ରାଜ୍ୟବ୍ୟାପୀ ଟିକାକରଣ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବିହନ ଚାଷକୁ ଗୁରୁତ୍ୱ ନାହିଁ: କ୍ଷତିରେ ଚାଷୀ

ଭୁବନେଶ୍ୱର,୧୬/୨ (ନି.ପ୍ର): ଅଣଧାନ ବିହନ ଚାଷ ହେଉନି। ବିହନ ନିଗମ ପକ୍ଷରୁ ଉତ୍ପାଦିତ ଧାନ ବିହନ ଆବଶ୍ୟକତା ମେଣ୍ଟାଇପାରୁ ନାହିଁ। ୨୦୨୨ ଖରିଫ ଚାଷରେ ଏହି ସ୍ଥିତିକୁ କିଭଳି ମୁକାବିଲା କରାଯିବ ତାହା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କୃଷି ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ଧାନ ଚାଷ ପାଇଁ ରାଜ୍ୟକୁ ୧୪ ଲକ୍ଷ କ୍ୱିଣ୍ଟାଲ ବିହନର ଆବଶ୍ୟକତା ହୁଏ। ଏଥିରୁ ବିହନ ନିଗମ ପକ୍ଷରୁ କେବଳ ୪ ଲକ୍ଷ କ୍ୱିଣ୍ଟାଲ ରିହାତିରେ ଦିଆଯାଏ। ବିଭିନ୍ନ କମ୍ପାନିରୁ ଚାଷୀ ଦେଢ଼ରୁ ୨ ଲକ୍ଷ କ୍ୱିଣ୍ଟାଲ ବିହନ କ୍ରୟ କରେ। ପ୍ରାୟ ୬ ଲକ୍ଷ କ୍ୱିଣ୍ଟାଲ ଚାଷୀ ନିଜେ ବିଭିନ୍ନ ଉପାୟରେ ବିହନ ସଂରକ୍ଷିତ କରି ରଖିଥାଏ କିମ୍ବା ଯୋଗାଡ଼ କରେ। ଝାରସୁଗୁଡ଼ା ଏବଂ କନ୍ଧମାଳ ବ୍ୟତୀତ ୨୮ଟି ଜିଲ୍ଲାରେ ବିହନ ଚାଷ କରାଯାଉଛି। ଏହା ସତ୍ତ୍ୱେ ନିଗମ ଚାଷୀଙ୍କ ଆବଶ୍ୟକତା ପୂରଣ କରିପାରୁ ନାହିଁ। ଯେଉଁ ବିହନ ମଧ ଯୋଗାଣ ହେଉଛି ତାହା ଠିକ୍ ସମୟରେ ଦିଆଯାଉନଥିବାରୁ ଚାଷୀ ହାଇବ୍ରିଡ କମ୍ପାନି ବିହନ ଆଡକୁ ମୁହାଁଉଛି। ଚାଷ ଖର୍ଚ ବଢୁଛି। ସାମାନ୍ୟ ପାଣିପାଗ ପରିବର୍ତ୍ତନରେ ରୋଗପୋକ ଲାଗୁଛି। ଦ୍ୱିତୀୟତଃ ରାଜ୍ୟରେ ଥିବା ୬ ହଜାର ପ୍ୟାକ୍ସ ଏବଂ ଡିଲରଙ୍କ ଜରିଆରେ ରିହାତିରେ ବିହନ ବିକ୍ରି କରାଯାଏ। ଏଥିପାଇଁ ସରକାର ୪୦ କୋଟି ଟଙ୍କା ସବ୍‌ସିଡି ଦେଇଥାଆନ୍ତି। ସରକାରୀ ବିହନ ଯେତେ ବିକ୍ରି ହେବ ଚାଷୀର ଖର୍ଚ ସେତେ କମ ହେବା ସହ ବିହନ ପ୍ରତିବଦଳ ବଢ଼ିବ। ମାତ୍ର ପ୍ୟାକ୍ସକୁ ଏହି ଟଙ୍କା ପ୍ରଦାନରେ ପ୍ରାୟ ୧ ବର୍ଷ ପର୍ଯ୍ୟନ୍ତ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଯାହା ସରକାରୀ ବିହନ ବିକ୍ରି ବୃଦ୍ଧିରେ ଅନ୍ତରାୟ ହେଉଥିବା କୁହାଯାଉଛି। ସରକାରୀ ନିଷ୍ପତ୍ତି ଅନୁସାରେ, ୨୦୧୬ ମସିହା ପରେ ଚଳିତ ବର୍ଷ ପୁନର୍ବାର ରିହାତିରେ ବିହନ ବିକ୍ରି କରାନଯାଇ ଗ୍ୟାସ ଭଳି ରିହାତି ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଯିବ ବୋଲି ଚର୍ଚ୍ଚା ହେଉଛି। ୨୦୧୬ ମସିହାରେ ଏଭଳି କରାଯିବାରୁ ସରକାରୀ ବିହନ ଚାହିଦା ହ୍ରାସ ପାଇଥିଲା ଏବଂ ପ୍ରତିବଦଳ ବିହନ ମିଳିନଥିଲା। ଏଥିଯୋଗୁଁ ସେହି ବ୍ୟବସ୍ଥା ବନ୍ଦ କରାଯାଇଥିଲା। ଚଳିତ ବର୍ଷ ଏହା କାର୍ଯ୍ୟକାରୀ ହେଲେ ଚାଷୀ ପାଇଁ ସମସ୍ୟା ହେବ। ଅସୁବିଧା ସତ୍ତ୍ୱେ ଧାନ ଚାଷ ହେଉଛି।

# ପଂଚାୟତ ନିର୍ବାଚନ ପାଇଁ ବିଜେପି ନେତୃବୃନ୍ଦଙ୍କ ରାଜ୍ୟବ୍ୟାପୀ ପ୍ରଚାର କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆସନ୍ତା କାଲି ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଅନୁଷ୍ଠିତ ହେବ। ଏହି ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପାର୍ଟୀ ତରଫରୁ ପ୍ରଚାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ବିଜେପିର ସମସ୍ତ ନେତୃତ୍ୱ ନିଜ ନିଜ ଅଂଚଳ ସମେତ ବିଭିନ୍ନ ଅଂଚଳ ଗସ୍ତ କରି ପ୍ରଚାର କାର୍ଯ୍ୟ କରୁଛନ୍ତି । ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି କଟକ ଜିଲ୍ଲା ସାଲେପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ପ୍ରଚାର କରିଛନ୍ତି । ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ମୟୁରଭଂଜ ଜିଲ୍ଲାର କରଞ୍ଜିଆ, ରାଇରଙ୍ଗପୁର, ବାରିପଦା ଅଂଚଳର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପଦଯାତ୍ରା ଓ ଘରକୁ ଘର ବୁଲି ଭୋଟ ପ୍ରଚାର କରିଛନ୍ତି । ଅନ୍ୟତମ ରାଜ୍ୟ ସଂପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାର ଘୁମୁସୁର (ଗଞ୍ଜାମ), ଖଲ୍ଲିକୋଟ, କନ୍ଧମାଳ, ନୟାଗଡ, ପୁରୀ (ବ୍ରହ୍ମଗିରି) ଜିଲ୍ଲାର ବିଭିନ୍ନ ଗ୍ରାମାଂଚଳ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପରେ ଆଜି କେନ୍ଦ୍ରାପଡା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେହିପରି ଅନ୍ୟତମ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଚିଲିକା ନିର୍ବାଚନମଣ୍ଡଳୀରେ ଏବଂ ରବି ନାଏକ କୁଚିଣ୍ଡା ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି । କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ମୟୁରଭଞ୍ଜ ଜିଲ୍ଲାର ସୁଲିଆପଡା, ବାଙ୍ଗିରିପୋଷି, ରାଇରଙ୍ଗପୁର, ମୋରଡା, ସାରସକଣା ଆଦି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରିଛନ୍ତି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ସୁନ୍ଦରଗଡ ଜିଲ୍ଲାର ସଦର, ପାନପୋଷ, ଲାଠିକଟା, ବଣାଇ, ଲହୁଣିପଡା, କୋଇଡା ଅଂଚଳରେ ପ୍ରଚାର କାର୍ଯ୍ୟ କରିଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡଙ୍ଗୀ ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ, ବସ୍ତା, ବଡସାହି ଅଂଚଳରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେହିପରି ସାଂସଦ ବସନ୍ତ ପଣ୍ଡା କଳାହାଣ୍ଡି ଓ ନୂଆପଡା; ସାଂସଦ ସଙ୍ଗୀତା ସିଂହଦେଓ ବଲାଙ୍ଗୀର; ସାଂସଦ ଅପରାଜିତା ଷଡଙ୍ଗୀ ଖୋର୍ଦ୍ଧା; ସାଂସଦ ସୁରେଶ ପୂଜାରୀ ବରଗଡ ଓ ଝାରସୁଗୁଡାଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ।

ବରିଷ୍ଠ ନେତା ଓ ପୂର୍ବତନ ମନ୍ତ୍ରୀ କେ.ଭି.ସିଂହଦେଓ ବଲାଙ୍ଗୀର ଜିଲ୍ଲା ଏବଂ ମନମୋହ ସାମଲ ଏବଂ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଭଦ୍ରକ ଜିଲ୍ଲାରେ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କେନ୍ଦୁଝର ଜିଲ୍ଲାରେ; ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର ଗଜପତି ଓ ଗଂଜାମ ଜିଲ୍ଲାରେ; ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ପୁରୀ, କଟକ ସଦର, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାରେ; ଏସସି ମୋର୍ଚ୍ଚା ରାଜ୍ୟ ସଭାପତି ଡ.ବିଭୁ ତରାଇ ପୁରୀ ଓ ଜଗତସିଂହପୁର ଜିଲ୍ଲାରେ ଏବଂ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କଟକ, ଘୁମୁସୁର ଓ ପୁରୀ; ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ପ୍ରଚାର କାର୍ଯ୍ୟକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ସଂପାଦିକା ତଥା ଅଭିନେତ୍ରୀ ପିଙ୍କି ପ୍ରଧାନ ଭଦ୍ରକ ଜିଲ୍ଲାର ଚାନ୍ଦବାଲି, ଧାମନଗରରେ; କେନ୍ଦ୍ରାପଡାରେ ଅଭିନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀତମ ଦାସ; ଅଭିନେତ୍ରୀ ତଥା ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ଅନୁ ଚୌଧୁରୀ ଘୁମୁସୁର ଓ ଗଞ୍ଜାମ ଜିଲ୍ଲା; ପ୍ରଖ୍ୟାତ ଚଳଚିତ୍ର ଅଭିନେତା ଓ ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି କୋରାପୁଟ ଓ ନବରଙ୍ଗପୁର ଜିଲ୍ଲା; ଓଡିଆ ସିନେ ଜଗତର ପ୍ରଖ୍ୟାତ କମେଡିଆନ ହରିହର ମହାପାତ୍ର ଅନୁଗୁଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ ରାୟଗଡା ଓ ଗଜପତି; ରାଜ୍ୟ ସହ ପ୍ରଭାରୀ ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଂଚଳ ଗସ୍ତ କରି ପ୍ରଚାର କାର୍ଯ୍ୟ କରିଛନ୍ତି ।

# ପଂଚାୟତ ନିର୍ବାଚନରେ ପୋଲିଙ୍ଗ ଓ ପ୍ରାର୍ଥୀଙ୍କ ଏଜେଂଟଙ୍କ ପାଇଁ କୋଭିଡ କଟକଣା କୋହଳ କରାଯାଉ : ବିଜେପି

ଭୁବନେଶ୍ୱର,୧୬/୨ (ନି.ପ୍ର): ରାଜ୍ୟରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଆଦୌ ସ୍ୱଷ୍ଟ ନୁହେଁ। ଶାସକ ଦଳ ଏବଂ ଶାସକ ଦଳର କର୍ମୀମାନଙ୍କୁ ସୁହାଇଲା ଭଳି ଆଇନ କାନୁନ ପ୍ରଚଳିତ କରୁଥିବାବେଳେ ସାମୂହିକ ସ୍ୱାର୍ଥ ଓ ହିତକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର । ରାଜ୍ୟ ସରକାରଙ୍କ ଏଭଳି ଦୋମୁହାଁ ନୀତି ଅତ୍ୟନ୍ତ ନିନ୍ଦନୀୟ ଏବଂ ଜନବିରୋଧୀ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ କହିଛନ୍ତି ।

ଓମିକ୍ରନ ଓ କରୋନା ସଂକ୍ରମଣର ଦୃତ ହ୍ରାସ କାରଣରୁ ନିର୍ବାଚନ କମିଶନ ପ୍ରଚାର ପାଇଁ କଟକଣାକୁ କୋହଳ କରିଛନ୍ତି। ଆସନ୍ତା କାଲି ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ପଂଚାୟତ ନିର୍ବାଚନ ଭୋଟ କେନ୍ଦ୍ରଗୁଡିକରେ ପୋଲିଙ୍ଗ ଏଜେଂଟ ଏବଂ ପ୍ରାର୍ଥୀ ଏଜେଂଟଙ୍କ ପାଇଁ ବର୍ତମାନ ସୁଦ୍ଧା କୌଣସି କଟକଣା କୋହଳ କରାଯାଇନାହିଁ । ପୋଲିଙ୍ଗ ଏବଂ ପ୍ରାର୍ଥୀଙ୍କ ଏଜେଂଟ ପାଇଁ ଆରଟିପିସିଆର / ଆରଏଟି ପରୀକ୍ଷା ବାଧ୍ୟତାମୁଳକ କରାଯାଇଛି । ଏହା ଦ୍ୱାରା ନିର୍ବାଚନ ପରିଚାଳନା ଓ ଭୋଟ ଦାନ କାର୍ଯ୍ୟକ୍ରମ ପ୍ରଭାବିତ ହେବାର ବହୁତ ଆଶଂକା ଥିବା କାରଣରୁ ଉଦ୍ଦିଷ୍ଟ କଟକଣାକୁ କୋହଳ କରାଯିବା ପାଇଁ ଭାରତୀୟ ଜନତା ପାର୍ଟୀ ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅନୁରୋଧ କରାଯାଇଛି । ଏହି ପ୍ରସଙ୍ଗକୁ ନିଜେ ନିର୍ବାଚନ କମିଶନ ହୃଦବୋଧ କରିଛନ୍ତି ଏବଂ ବିହୀତ ପଦକ୍ଷେପ ଗ୍ରହଣ କରିବାର ପ୍ରତିଶୃତି ଦେଇଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ କହିଛନ୍ତି

ଏହି ପ୍ରତିନିଧି ଦଳରେ ବିଜେପି ଲିଗାଲ ସେଲର ରବିଶଂକର ପଟ୍ଟନାୟକ, ଜୟନ୍ତ ଜେନା ଏବଂ ମହେନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ଚୂଡ଼ାନ୍ତ ମୂଲ୍ୟାଙ୍କନ ପାଇଁ କାୟାକଳ୍ପ ଦଳର ଏମ୍ସ ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର,୧୬/୨ (ନି.ପ୍ର): ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଜାତୀୟ ପ୍ରତିଷ୍ଠାନ (ଏନଆଇଏଚଏଫଡବ୍ଲ୍ୟୁ) ନୂଆଦିଲ୍ଲୀରୁ ଆସିଥିବା କାୟାକଳ୍ପ ଦଳ ଚୂଡ଼ାନ୍ତ ମୂଲ୍ୟାଙ୍କନ ନିମନ୍ତେ ଏମ୍ସ ଭୁବନେଶ୍ୱର ପରିଦର୍ଶନ କରିଛନ୍ତି। ଏନଆଇଏଚଏଫଡବ୍ଲ୍ୟୁର ଚାରିଜଣ ସଦସ୍ୟଙ୍କୁ ନେଇ ଗଠିତ ଏହି ଟିମ୍ ଏମ୍ସକୁ ଗତକାଲି ଏବଂ ଆଜି ଦୁଇଦିନିଆ ଗସ୍ତ କରିଥିଲେ। ଏହି ଦଳରେ ଡ. ମିରାମ୍ବିକା ମହାପାତ୍ର, ଡକ୍ଟର ଦୀନେଶ ପାଲ, ଡକ୍ଟର ରୂପେଶ ଗୁପ୍ତା ଏବଂ ଡକ୍ଟର ମୁକେଶ କୁମାର ରାୟ ଥିଲେ। ପ୍ରଥମ ଦିନରେ ଏହି ଟିମ ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ମୁକେଶ ତ୍ରିପାଠୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଏହି ଜାତୀୟ ପ୍ରତିଷ୍ଠାନ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ୍ ଅଧୀକ୍ଷକ ପ୍ରଫେସର ଏସ୍.ଏନ୍ ମହାନ୍ତି, ଡିଡିଏ ପି.କେ ରାୟ, ପ୍ରଫେସର ଏବଂ ହେଡ୍ ହସ୍ପିଟାଲ୍ ପ୍ରଶାସନ ଏବଂ କାୟାକଳ୍ପ ନୋଡାଲ୍ ଅଧିକାରୀ, ଡ. ଜବାହର ଏସ.କେ ପିଲ୍ଲାଇ, ଡକ୍ଟର ସ୍ୱେତା ସିଂ, ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡକ୍ଟର ବିନୋଦ ପାତ୍ର, ଡ. ଅରବିନ୍ଦ ସିଂ ଏବଂ ଅଶୋକ କୁମାର ଜେନା ପ୍ରମୁଖ ସାମିଲ ଥିଲେ। ପରବର୍ତୀ ସମୟରେ ଟିମ୍ ଓପିଡ଼ି, ଆଇପିଡ଼ି, ଅପରେସନ କକ୍ଷ, ଆଇସିୟୁ, ଟ୍ରମା ଏବଂ ଜରୁରୀ ଓଟି, ଫାର୍ମାସି, ସିଏସଏସଡି, ରୋଷେଇ ଘର ଆଦି ପରିଦର୍ଶନ କରିଥିଲେ। ହସ୍ପିଟାଲର ରକ୍ଷଣାବେକ୍ଷଣ, ପରିମଳ ଏବଂ ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସଂକ୍ରମଣ ନିୟନ୍ତ୍ରଣ, ସହାୟତା ସେବା ଏବଂ ସ୍ୱଚ୍ଛତା ରକ୍ଷା ନେଇ ବ୍ୟାପକ ପଦକ୍ଷେପ ଆଦିକୁ ନିରୀକ୍ଷଣ କରିଥିଲେ। ଏତଦ୍ ବ୍ୟତୀତ ଏହି ଟିମ୍ ହସ୍ପିଟାଲର ବିଭିନ୍ନ କ୍ଷେତ୍ର ବୁଲି ଦେଖିବା ସହିତ କର୍ମଚାରୀ ଏବଂ ରୋଗୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ଦୁଇ ଦିନିଆ ଗସ୍ତ ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତ ଏହି କାୟାକଳ୍ପ ଦଳ ଏମ୍ସ ଭୁବନେଶ୍ୱରର ରୋଗୀ ଅନୁକୁଳ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଦେଶର ଅନ୍ୟାନ୍ୟ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱଚ୍ଛତା, ଜନସ୍ୱାସ୍ଥ୍ୟ ସୁବିଧା କ୍ଷେତ୍ରରେ ନିରନ୍ତର ଅଭ୍ୟାସ ସୃଷ୍ଟି କରିବାରେ ଉଦାହରଣ ସୃଷ୍ଟି କରିଥିବା କାୟାକଳ୍ପ ଦଳ ପକ୍ଷରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏମ୍ସ ଭୁବନେଶ୍ୱର ପୂର୍ବରୁ କ୍ରମାଗତ ତିନିଥର କାୟାକଳ୍ପ ପୁରସ୍କାର ହାସଲ କରି ଜାତୀୟ ସ୍ତରରେ ଓଡ଼ିଶାର ଟେକ ରଖିଛି। ସ୍ୱଚ୍ଛ ଭାରତ ମିଶନର ପରିବ୍ୟାପ୍ତ ନିମନ୍ତେ କାୟାକଳ୍ପ ପୁରସ୍କାର ଯୋଜନା ୧୫ ମେ,୨୦୧୫ ରେ ଆରମ୍ଭ କରାଯାଇଥିଲା। ଜନସ୍ୱାସ୍ଥ୍ୟ ସେବାରେ ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସଂକ୍ରମଣ ନିୟନ୍ତ୍ରଣ ଅଭ୍ୟାସକୁ ଉନ୍ନତ ତଥା ପ୍ରୋତ୍ସାହିତ କରିବା ଏବଂ ଆଦର୍ଶ ପ୍ରଦର୍ଶନ ସୁବିଧାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ଆରମ୍ଭ କରାଯାଇଥିଲା।

# ପଣ୍ୟ ବୋଝେଇରେ ପୂର୍ବତଟ ରେଳପଥର ୨୦୦ ନିୟୁତ ଟନ ମାଇଲ ଖୁଂଟ ଅତିକ୍ରମ

ଭୁବନେଶ୍ୱର,୧୬/୨ (ନି.ପ୍ର): ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ମାସ ୧୪ ତାରିଖ ଅର୍ଥାତ୍ ୧ ଏପ୍ରିଲ ୨୦୨୧ରୁ ୧୪ ଫେବୃଆରୀ, ୨୦୨୨ ମଧ୍ୟରେ ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷର ସମାନ ସମୟ ଅବଧି ତୁଳନାରେ ପଣ୍ୟ ବୋଝେଇ କ୍ଷେତ୍ରରେ ପ୍ରାୟ ୨୬.୬୭ ନିୟୁତ ଟନ ଅଧିକ ବୋଝେଇ କରି ୧୫% ବୃଦ୍ଧି ପଞ୍ଜିକରଣ କରି ୨୦୦ ନିୟୁତ ଟନ ମାଇଲଖୁଂଟ ହାସଲ କରିଛି। ଏହି ସମୟ ମଧ୍ୟରେ, ପୂର୍ବତଟ ରେଳପଥ ଗତ ଆର୍ଥିକ ବର୍ଷର ସମାନ ଅବଧିରେ ୧୭୩.୮୨ ନିୟୁତ ଟନ ପଣ୍ୟ ବୋଝେଇ ତୁଳନାରେ ୨୦୦.୫୦ ନିୟୁତ ଟନ ପଣ୍ୟ ପରିବହନ କରିପାରିଛି। ଏଠାରେ ଉଲ୍ଲେଖ କରାଯାଉଅଛି ଯେ ପୂର୍ବତଟ ରେଳପଥ ଏହି ସଫଳତା ହାସଲ କରିବା ପାଇଁ ଗତ ଆର୍ଥିକ ବର୍ଷର ୩୬୦ ଦିନ ତୁଳନାରେ ମାତ୍ର ୩୨୦ ଦିନ ମଧ୍ୟରେ ଉଲ୍ଲେଖନୀୟ ପ୍ରଦର୍ଶନ ହାସଲ କରିଛି। ୨୦୦ ନିୟୁତ ଟନ ପଣ୍ୟ ବୋଝେଇ ହାସଲ କରିବା ପାଇଁ ଏହି ରେଳପଥ ୨୦୧୯-୨୦ ଆର୍ଥିକ ବର୍ଷରେ ୩୬୬ ଦିନରେ ଆଣିପାରିଥିବାବେଳେ ୨୦୨୦-୨୧ ଆର୍ଥିକ ବର୍ଷରେ ୩୬୦ ଦିନ ସମୟ ନେଇଥିଲା। ପୂର୍ବତଟ ରେଳପଥର ସମସ୍ତ ତିନୋଟି ରେଳମଣ୍ଡଳ ଯଥା ଖୋର୍ଦ୍ଧାରୋଡ଼, ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳର ଉଲ୍ଲେଖନୀୟ ପ୍ରଦର୍ଶନ ହେତୁ ଏହି ଉଲ୍ଲେଖନୀୟ ପଣ୍ୟ ବୋଝେଇ ହାସଲ କରିବା ସମ୍ଭବ ହୋଇ ପାରିଛି। ଏହି ଅବଧି ମଧ୍ୟରେ ପୂର୍ବତଟ ରେଳପଥ ୧୧୩.୩୫ ନିୟୁତ ଟନ କୋଇଲା, ଇସ୍ପାତ କାରାଖାନାଗୁଡ଼ିକ ପାଇଁ ୭.୦୬ ନିୟୁତ ଟନ କଂଚାମାଲ, ୧୮.୪୬ ନିୟୁତ ଟନ ଆଇରନ୍ ଆଣ୍ଡ ଷ୍ଟିଲ୍, ୨୭.୨୨ ନିୟୁତ ଟନ୍ ଲୁହାପଥର, ୧.୧୩ ନିୟୁତ ଟନ ସିମେଂଟ, ୨.୫୬ ନିୟୁତ ଟନ ଖାଦ୍ୟ ଶସ୍ୟ, ୫ ନିୟୁତ ଟନ ସାର, ୨.୩୪ ନିୟୁତ ଟନ ଖଣିଜ ତୈଳ ଏବଂ ୨୩.୩୭ ନିୟୁତ ଟନ କଂଟେନର ଦ୍ୱାରା ପରିବହନ ସାମଗ୍ରୀ ସହିତ ଅନ୍ୟାନ ପଣ୍ୟ ପରିବହନ କରିପାରିଛି।

# ରାଜ୍ୟରେ ଲିଙ୍ଗଗତ ସମାନତାକୁ ସୁଦୃଢ଼ କରିବା ପାଇଁ ଜେ-ପାଲ୍ ସହିତ ହେବ ଚୁକ୍ତିନାମା

ଭୁବନେଶ୍ୱର ,୧୬/୨ (ନି.ପ୍ର): ରାଜ୍ୟରେ ଲିଙ୍ଗଗତ ସମାନତାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ରାଜ୍ୟ ଜେ-ପାଲ୍ ସହିତ ଏକ ଅଣଆର୍ଥିକ ଚୁକ୍ତି ସ୍ୱାକ୍ଷର କରିବାକୁ ଯାଉଛି। ବିଦ୍ୟାଳୟ ଯାଉଥିବା କିଶୋରକିଶୋରୀମାନଙ୍କ ମଧ୍ୟରେ ଲିଙ୍ଗଗତ ମନୋଭାବ ଏବଂ ଆଚରଣ ପରିବର୍ତନ କରି ଏହା ଲିଙ୍ଗଗତ ସମାନତାକୁ ତ୍ୱରାନ୍ୱିତ କରିବ। ଏହି କାର୍ଯ୍ୟକ୍ରମଟି ଷଷ୍ଠରୁ ଦଶମ ଶ୍ରେଣୀ ପାଇଁ ବିଦ୍ୟାଳୟ ପାଠ୍ୟକ୍ରମରେ ଲିଙ୍ଗଗତ ସମାନତା ପାଠ୍ୟକ୍ରମକୁ ଏକୀକରଣ ଉପରେ ଧ୍ୟାନ ଦେଇଥାଏ । ଲିଙ୍ଗଗତ ସମାନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ୫-'ଟି' ସ୍କୁଲ ଟ୍ରାନ୍ସଫର୍ମେସନ୍ ପ୍ରୋଗ୍ରାମର ଲକ୍ଷ୍ୟ ସହିତ ସିଙ୍କ୍ରୋନାଇଜେସନ୍ ଯାହା ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାରେ ସାହାଯ୍ୟ କରିବା ଏବଂ ଜୀବନର ସମସ୍ତ ଆହ୍ୱାନର ସମ୍ମୁଖୀନ ହେବାକୁ ଆତ୍ମବିଶ୍ୱାସରେ ଆଗକୁ ବଢ଼ିବା । ଏହି କାର୍ଯ୍ୟକ୍ରମ ଶିକ୍ଷା ବର୍ଷ ୨୦୨୨ଠାରୁ କାର୍ଯ୍ୟକାରୀ ହେବ। ପାଠ୍ୟକ୍ରମ ଚଳିତ ବର୍ଷ ସାମାଜିକ ଅଧ୍ୟୟନ ଏବଂ ଏହାର ସହଯୋଗୀ ବିଷୟଗୁଡ଼ିକ ପାଇଁ ଭୁଗୋଳ, ଇତିହାସ, ରାଜନୀତି ବିଜ୍ଞାନ ପାଇଁ ଏକ ସପ୍ଲିମେଂଟାରୀ ପାଠ୍ୟପୁସ୍ତକ ଭାବରେ ଆସିବ ଏବଂ ଏହା ସରକାରଙ୍କ ଦ୍ୱାରା ଛପା ହେବ। ୨୦୨୩ ପରଠାରୁ ପାଠ୍ୟକ୍ରମଗୁଡ଼ିକ ବିଦ୍ୟମାନ ଏସ୍‌ସିଇଆରଟି ସାମାଜିକ ଅଧ୍ୟୟନ ଏବଂ ଏହାର ସହଯୋଗୀ ବିଷୟ ଯେପରିକି ଭୁଗୋଳ, ଇତିହାସ, ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକ ସହିତ ଏକୀଭୂତ ହେବ। ଭାଗୀଦାରି ଦଳ ପାଠ୍ୟକ୍ରମର ଉପଯୋଗିତା ପାଇଁ ଆଂଚଳିକ ପରିପ୍ରକାଶକୁ ବୁଝିବା ନିମନ୍ତେ ଓଡ଼ିଶାର ୫ଟି ଜଲ୍ଲା ମଧ୍ୟରେ ଏକ ଗଠନମୂଳକ ଅଧ୍ୟୟନ କରିବେ। ଜେ-ପାଲ୍ ଦକ୍ଷିଣ ଏସିଆ ପ୍ରଭାବ ଏବଂ କାର୍ଯ୍ୟକାରିତା ମାପିବାରେ ସରକାରଙ୍କୁ ସମର୍ଥନ କରୁଥିବା ପ୍ରମୁଖ ଜ୍ଞାନ ଏବଂ ଶିକ୍ଷଣ ସହଯୋଗୀ ହେବ। ଲିଙ୍ଗଗତ ସମାନତା ପାଠ୍ୟକ୍ରମ ଗଠନମୂଳକ ଅନୁସନ୍ଧାନ ମାଧ୍ୟମରେ ସ୍ଥାନୀୟ ପ୍ରସଙ୍ଗରେ ଅନୁକୂଳ ଏବଂ ଉପଯୋଗୀ ହେବ। ସହଭାଗୀ ଦଳ ବିଭାଗ ସହିତ ଲିଙ୍ଗସମ୍ବଳିତ ସଂଯୋଜକମାନଙ୍କୁ ମାଷ୍ଟର ଟ୍ରେନର ଭାବରେ ତାଲିମ ଦେବା ପାଇଁ କାର୍ଯ୍ୟ କରିବେ, ଯେଉଁମାନେ ପ୍ରଶିକ୍ଷକ ପ୍ରଶିକ୍ଷଣ ମଡେଲ୍ ବ୍ୟବହାର କରି ରାଜ୍ୟର ସମସ୍ତ ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରେ ସାମାଜିକ ଅଧ୍ୟୟନ ଶିକ୍ଷକମାନଙ୍କୁ ପାଠ୍ୟକ୍ରମକୁ କ୍ୟାସ୍‌କେଡ୍ କରିବାକୁ କ୍ଷମତାପ୍ରାପ୍ତ ହେବେ। ଏହି ମାଷ୍ଟର ଟ୍ରେନରମାନେ ଜିଲ୍ଲା ଶିକ୍ଷା ଏବଂ ତାଲିମରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିବେ। ମାଷ୍ଟର ଟ୍ରେନର ଏବଂ ଶିକ୍ଷକମାନେ ମୂଳ ଲିଙ୍ଗ ଏବଂ ଅନ୍ତର୍ଭୁକ୍ତ ଧାରଣା, ନିର୍ଦ୍ଦେଶାବଳୀ ଡିଜାଇନ୍ ଧାରଣା, ସୁବିଧା କୌଶଳ ଏବଂ ରୋଲଡ୍ ଆଉଟ୍ ହେବାକୁ ଥିବା ପାଠ୍ୟକ୍ରମରେ ବିଷୟ ଆଭିମୁଖ୍ୟ ଉପରେ ତାଲିମ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମର କାର୍ଯ୍ୟକାରିତା ପାଇଁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପାଙ୍କୁ ରାଜ୍ୟ ନୋଡାଲ୍ ଅଫିସର ଭାବେ ନିଯୁକ୍ତି ଦିଆଯାଇଛି।

# ଗତ ୨୪ ଘଣ୍ଟା ମଧ୍ୟରେ ୮୫୨ କରୋନା ପଜିଟିଭ ଚିହ୍ନଟ: ୧୮୧ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୧୬/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୮୫୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪୯୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୩୫୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୧୮୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧୬ ଜଣ, ବାଲେଶ୍ୱରରୁ ୨୫ ଜଣ, ବରଗଡ଼ରୁ ୧୧ ଜଣ, ଭଦ୍ରକରୁ ୧୬ ଜଣ, ବଲାଙ୍ଗୀରରୁ ୭ ଜଣ, ବୌଦ୍ଧ ଜିଲ୍ଲାରୁ ୧୨, କଟକରୁ ୬୪ ଜଣ, ଦେବଗଡ଼ରୁ ୧୭ ଜଣ, ଢେଙ୍କାନାଳରୁ ୧୭ ଜଣ, ଗଜପତିରୁ ୩୩, ଗଞ୍ଜାମରୁ ୯ ଜଣ, ଜଗତସିଂହପୁରରୁ ୨୮ ଜଣ, ଯାଜପୁରରୁ ୪୦ ଜଣ, ଝାରସୁଗୁଡ଼ାରୁ ୧୦ ଜଣ, କଳାହାଣ୍ଡିରୁ ୧୧ ଜଣ, କନ୍ଧମାଳରୁ ୨୬ ଜଣ, କେନ୍ଦ୍ରାପଡ଼ାରୁ ୧୪ ଜଣ, କେଉଁଝରରୁ ୧୫ ଜଣ, ଖୋର୍ଦ୍ଧାରୁ ୧୧୩ ଜଣ, କୋରାପୁଟରୁ ୯୦ ଜଣ, ମାଲକାନଗିରିରୁ ୩ ଜଣ, ମୟୁରଭଞ୍ଜରୁ ୨୬ ଜଣ, ନବରଙ୍ଗପୁରରୁ ୨୦, ନୟାଗଡ଼ରୁ ୧୭ ଜଣ, ନୂଆପଡ଼ାରୁ ୨୫ ଜଣ, ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୧୩ ଜଣ, ସମ୍ବଲପୁରରୁ ୩୯ ଜଣ, ସୋନପୁରରୁ ୧୦, ସୁନ୍ଦରଗଡ଼ରୁ ୮୯ ଜଣ ଓ ଷ୍ଟେଟ ପୁଲରୁ ୨୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୭୯, ୮୯୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨, ୬୧, ୪୬୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୯, ୪୩୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

## ଭୋଟବାକ୍ସ ଲକ୍ ନ ହେବାରୁ କର୍ମଚାରୀ ହଇହଟା : କୋଟସାହିରେ ଭୁଲ ମାଗିଲା ପୋଲିସ୍

ଜଳେଶ୍ୱର,୧୬/୦୨ (ନି.ପ୍ର): ଜଳେଶ୍ୱର ବ୍ଲକର କେତେକ କାଁଭାଁ ଘଟଣାକୁ ନେଇ ଆଜି ପଂଚାୟତ ନିର୍ବାଚନରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗୋପିମୋହନପୁର ପଂଚାୟତର ୬ନଂ ବୋଥ୍ ଗୋପିମୋହନପୁର ଓ ୧ ନଂ ବୋଥ୍ ମହିସାମୁଣ୍ଡାରେ ଭୋଟବାକ୍ସ ଲକିଂ ନ ହେବାରୁ ସମସ୍ୟା ସୃଷ୍ଟି ହୋଇଥିଲା । ଭୋଟକାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ତାଲା ନ ପଡିବାରୁ ବାରମ୍ବାର ଦୀନକୃଷ୍ଣ କଲେଜର ରିସିଭିଂ ସେଣ୍ଟରରୁ ୪ଥର ନୂଆ ଲକ୍ ନିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇ ପାରିନଥିଲା । ଶେଷରେ ଜିପିଓ ମୟାଧର ମଲ୍ଲିକ ଘଟଣାସ୍ଥଳକୁ ଯାଇ ଭୋଟବାକ୍ସର ତାଲା ବନ୍ଦ କରିଥିଲେ । ଫଳରେ ଦୀର୍ଘ ସମୟପରେ ସେଠାରୁ କର୍ମଚାରୀମାନେ ଫେରିଥିଲେ। ଏହି ଲକିଂ ହେଉନଥିବା ଘଟଣାକୁ ନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଥିଲା । ସେହିପରି କୋଟସାହି ପଂଚାୟତରେ ଜନୈକ ଯୁବକ ବୋଥ୍ ନଂ ୧୦ରେ ୨ଜଣ ଯୁବକକୁ ନେଇ ଭୋଟ ଦେବାକୁ ଉଦ୍ୟତ ହେଉଥିବା ବେଳେ ପୋଲିସ୍‌ହାତରେ ଧରାପଡିଥିଲେ । ଫଳରେ ପୋଲିସ୍ ଉତ୍ତମ ମଧ୍ୟମ ଦେବାରୁ ସ୍ଥାନୀୟ ଲୋକେ ପୁଲିସ୍ ବିରୋଧରେ ବିକ୍ଷୋଭ ପ୍ରକାଶ କରିଥିଲେ । ଘଟଣାସ୍ଥଳକୁ ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଓ ଆଇଆଇସି ରୋଜାଲିନ୍ ବେହେରା ଯାଇଥିଲେ । ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟଲାଗି ଭୁଲ ମାଗିଥିବା ଜଣାଯାଇଛି ।

# ଦିବ୍ୟାଙ୍ଗଙ୍କ ପାଇଁ ନିଃଶୁଳ୍କ ନିଯୁକ୍ତିମେଳା

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ଦିବ୍ୟାଙ୍ଗଙ୍କ ପାଇଁ ଜାତୀୟ କ୍ୟାରିଅର ସର୍ଭିସ ସେଣ୍ଟର (ଏନସିଏସସିଡିଏ) ପକ୍ଷରୁ ଏକନିଃଶୁଳ୍କ ନିଯୁକ୍ତିମେଳା ଆୟୋଜନ କରାଯିବ । ଭୁବନେଶ୍ୱରର ଡକ୍ଟର ରେଡ୍ଡୀ ଫାଉଣ୍ଡେସନ ସହଯୋଗରେ ଏହି ନିଯୁକ୍ତିମେଳା ଆୟୋଜନ କରାଯାଉଛି । ଆସନ୍ତା ୨୨ ତାରିଖ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଭୁବନେଶ୍ୱର ପୋଖରୀପୁଟ ଗଣ୍ଡମୁଣ୍ଡାସ୍ଥିତ ଏନସିଏସସିଡିଏ ପରିସରରେ (ମଧୁସୂଦନଦାସ ପାର୍କ ନିକଟସ୍ଥ) ଏହି ନିଯୁକ୍ତିଶିବିର ଅନୁଷ୍ଠିତହେବ । ଏଥିରେ ୧୨ରୁ ଅଧିକ କମ୍ପାନୀ ପ୍ରାୟ ୫୦୦ରୁ ଅଧିକ ପଦବୀ ପାଇଁ ପ୍ରାର୍ଥୀଚୟନ କରିବେ। ଏଥିରେ ଡାଟାଏଣ୍ଟ୍ରି ଅପରେଟର, କଷ୍ଟମରକେୟାର ଏକଜିକ୍ୟୁଟିଭ, ସେଲସ୍ ଆସୋସିଏଟ୍, ଟେଲିମାର୍କେଟିଂ ଇଲେକ୍ଟ୍ରିକାଲ ଓ୍ୱେରିଂକମ୍ପୋନେଣ୍ଟ ଆସେମ୍ବ୍ଲି ଆଦି ପଦବୀପାଇଁ ପ୍ରାର୍ଥୀ ଚୟନ କରାଯିବ । ଦଶମ କିମ୍ବା ତଦୂର୍ଦ୍ଧ୍ୱ ଏବଂ ଆଇଟିଆଇ ଓ ଡିପ୍ଲୋମା ପ୍ରାର୍ଥୀମାନେ ଏହି ନିଯୁକ୍ତିମେଳାରେ ଅଂଶଗ୍ରହଣ କରିପାରିବେ । ବାକ୍ ଓ ଶ୍ରବଣବାଧିତ ଦିବ୍ୟାଙ୍ଗ, ସ୍ଥାନାନ୍ତର ହେବାକୁ ଅକ୍ଷମବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ । ନିଯୁକ୍ତି ଶିବିରରେ ସାମିଲହେବାଲାଗି ପ୍ରାର୍ଥୀମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ, ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ପାସପୋର୍ଟ ଫଟୋ, ବାୟୋଡାଟା ସହ ନାମପଞ୍ଜିକରଣ କରିପାରିବେ । ଅଧିକ ସୂଚନାପାଇଁ ୦୬୭୪-୨୩୫୨୩୧୭ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି ।

# ରାଜଧାନୀରେ ୨୪ ଘଂଟାରେ ୧୦୬ ପଜିଟିଭ୍

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ବୁଧବାର ଦିନ ୧୦୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୭୯ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୫୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୧୨୯ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୫୭୫୬ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୯୦୩୧ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୭୨ରେ ପହଂଚିଛି। ବର୍ତ୍ତମାନ ଆଉ ୫୫୩୨ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ଜଳେଶ୍ୱରବାସୀଙ୍କୁ ଧନ୍ୟବାଦ

ଜଳେଶ୍ୱର, ୧୬/୦୨ (ନି.ପ୍ର): ଜଳେଶ୍ୱର ପଞ୍ଚାୟତ ଅଧିନସ୍ଥ ୩୫ ଟି ପଞ୍ଚାୟତର ନିର୍ବାଚନ ଶେଷ ହୋଇଛି ଏବଂ ଏହି ନିର୍ବାଚନରେ ଜଳେଶ୍ୱରବକ୍ଷସୀ ଅତ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ ଓ ପରିପକ୍ୱତକ୍ଷର ସହିତ ଭାଗ ନେଇ ମତ ଦାନ କରିଥିବାରୁ ଜଳେଶ୍ୱରର କଂଗ୍ରେସ ନେତା ତଥା ରାଜ୍ୟ ପ୍ରବକ୍ତା ଶ୍ରୀ ସୁଦର୍ଶନ ଦାସ ଜଳେଶ୍ୱରର ଭୋଟର ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି । ସେ କହିଛନ୍ତି ଯେ, ରାଜ୍ୟର ଅନ୍ୟ ସ୍ଥାନ ମାନଙ୍କରେ ଯେଉଁଭଳି ହିଂସା ଓ ଗଣ୍ଡଗୋଳ ଦେହିବାକୁ ମିଳିଛି, ତାହା ଜଳେଶ୍ୱର ରେ ଦୃଷ୍ଟି ଗୋଚର ହୋଇ ନାହିଁ କ୍ଷ ଏହା ଜଳେଶ୍ୱର ର ସଚେତନ ନାଗରିକ ମାନଙ୍କର ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ସମ୍ମାନର ପରିଚାୟକ ବୋଲି ଶ୍ରୀ ଦାସ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ଖୁଆଡ୍ ପଞ୍ଚାୟତର ପୁରିନପାନି ଓ ଖୁଆଡ଼ ଗାଁ ର ୩, ୬,୭,୮ ଓ ୯ ନମ୍ବର ବୁଥ, ଶିଖରପୁର ପଞ୍ଚାୟତର ରାଜନଗର ବୁଥ, ଚମାର ଗାଁ ର କୁମୁଚିଆ ର ୨ ନମ୍ବର ଓ ଚାପଲା ର ୪ ନମ୍ବର ବୁଥ ରେ ଶାସକ ଦଳର ନେତା ଓ କର୍ମୀମାନେ ମତ ଦାନ କୁ ପ୍ରଭାବିତ କରିବା ପାଇଁ ଧମକ ଚମକ ସହିତ ଜାଲିଆତି ମଧ କରିଥିଲେ । ଏହାକୁ ଶ୍ରୀ ଦାସ ନିନ୍ଦା କରିଛନ୍ତି । କୁଟସାହି ପଞ୍ଚାୟତରେ କଂଗ୍ରେସ କର୍ମୀଙ୍କ ଉପରେ ଆକ୍ରମଣ ଓ ଚମାରଗାଁରେ ଶାସକ ଦଳର ଗୁଣ୍ଡାମାନେ କଂଗ୍ରେସ କର୍ମୀଙ୍କ ଉପରେ ଆକ୍ରମଣକୁ ଶ୍ରୀ ଦାସ ନିନ୍ଦା କରିବା ସହିତ ଏହାକୁ କାପୁରୁଷତା ବୋଲି କହିଛନ୍ତି । ଭୋଟ ଦାନ ଆରମ୍ଭ ହେବା ପରେ ଖୁଆଡ ଓ ଶିଖରପୁର ପଞ୍ଚାୟତରେ ଶାସକ ଦଳର କର୍ମୀ ମାନେ ଅରାଜକତା ଆରମ୍ଭ କରିବା ଖବର ପାଇ ଶ୍ରୀ ଦାସ ରାଜ୍ୟ ନିର୍ବାଚନ କମିଶନ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନିର୍ବାଚନ କମିଶନ ତୁରନ୍ତ ବିହିତ ପଦକ୍ଷେପ ନେଇଥିବାରୁ ସେ ନିର୍ବାଚନ କମିଶନ ର ଅଧିକାରୀ ତଥା ପୋଲିସ ପ୍ରଶାସନକୁ ମଧ ଧନ୍ୟବାଦ୍ ଅର୍ପଣ କରିଛନ୍ତି ।

## ରାଷ୍ଟ୍ରପତି କୋବିନ୍ଦ ଚାରି ଦେଶର ରାଜଦୂତଙ୍କ ପରିଚୟ ପତ୍ର ସ୍ୱୀକାର କଲେ

ନୂଆଦିଲ୍ଲୀ, ୧୬/୦୨ : ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ଦିନ ରାଷ୍ଟ୍ରପତି ଭବନରେ ଜୀବୁତୀ, ସର୍ବିୟା ଏବଂ ଉତର ମୈସେଡୋନିୟାର ରାଜଦୂତ ଏବଂ ତାଂଜାନିୟାର ଉଚ୍ଚାୟୁକ୍ତର ପରିଚୟ ପତ୍ର ସ୍ୱୀକାର କରିଛନ୍ତି। ରାଷ୍ଟ୍ରପତିଙ୍କ ଆଗରେ ନିଜର ପରିଚୟ ପତ୍ର ପ୍ରସ୍ତୁତ କରିଥିବାମାନଙ୍କ ମଧ୍ୟରେ ସଂଯୁକ୍ତ ଗଣରାଜ୍ୟ ତାଂଜାନିୟାର ଉଚ୍ଚାୟୁକ୍ତ ଅନୀସା କେ. ମବେଗା, ଜୀବୁତି ଗଣରାଜ୍ୟର ରାଜଦୂତ ଇସ୍ସେ ଅଦିଲ୍ଲାହୀ ଅସୋବେ, ସର୍ବିୟା ଗଣରାଜ୍ୟର ରାଜଦୂତ ସିନିସା ପାବିକ ଏବଂ ଉତର ମୈସେଡୋନିୟା ଗଣରାଜ୍ୟର ରାଜଦୂତ ସ୍ଲୋବୋଦାନ ଅଜୁନୌବ ସାମିଲ ଥିଲେ। ପରିଚୟ ପତ୍ର ପ୍ରସ୍ତୁତ କରିବା ପରେ ରାଷ୍ଟ୍ରପତି ଚାରି ଦୂତଙ୍କ ସହିତ ଅଲଗା ଅଲଗା ଆଲୋଚନା କରିଛନ୍ତି। ରାଷ୍ଟ୍ରପତି ତାଙ୍କୁ ତାଙ୍କୁ ନିଯୁକ୍ତି ପାଇଁ ଅଭିନନ୍ଦନ ଦେଇଥିଲେ ଏବଂ ଭାରତ ଦ୍ୱାରା ଦେଶ ସହିତ ବୁଝାମଣା କରି ସୌହାର୍ଦ୍ଦ୍ୟ ଏବଂ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ଏବଂ ସେମାନଙ୍କ ମଧ୍ୟରେ ପ୍ରତ୍ୟେକଙ୍କ ସହିତ ଭାରତର ବହୁଆୟାମୀ ସମ୍ବନ୍ଧ ଉପରେ ଆଲୋଚନା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଜେଲ୍ ଗଲେ ଅତିରିକ୍ତ....

୧୦ ଡିଏସପି ଓ ୧୩ ଜଣ ଇନସ୍ପେକ୍ଟରଙ୍କଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଟିମ୍ କଟକ, ଭୁବନେଶ୍ୱର, ଯାଜପୁର, ଜଗତସିଂହପୁର ଓ ନବରଙ୍ଗପୁରର ବିଭିନ୍ନ ସ୍ଥାନ ଚଢ଼ଉ କରିଥିଲା । ନବରଙ୍ଗପୁରର ଡାବୁଗାଁରେ ଥିବା ପୈତୃକ ଘର, କଟକର ମହାନଦୀ ବିହାର ଠାରେ ପୁଅ ତୁଷାର ମିଶ୍ର ଏବଂ ତରୁଣ ମିଶ୍ରଙ୍କ ଡ୍ରଗ୍ ଉତ୍ପାଦନ ୟୁନିଟ୍, କଟକ ତୁଳସୀପୁରରେ ଅବସ୍ଥିତ ତାଙ୍କର ଅଫିସ୍, ସରକାରୀ ମଧୁପାଟଣା ପୁଲିସ୍ ଥାନାରେ ଥିବା କ୍ୟାମ୍ପସରେ କ୍ୱାର୍ଟର୍ , ଭୁବନେଶ୍ୱର ରସୁଲଗଡ଼ସ୍ଥିତ ମନୋରମା ଇଷ୍ଟେଟରେ ଥ୍ରି ବିଏଚକେ ଫ୍ଲାଟ, ଯାଜପୁରର ବଡ଼ଚଣାରେ ଥିବା ଶଶୁର ଘର, ତାଳଗଡ଼ ସ୍ଥିତ ଫାର୍ମହାଉସ୍, ଚଣ୍ଡିଖୋଲ ବଜାରର ଧାନମଣ୍ଡଳରେ ମେଡିସିନ୍ ଦୋକାନ ସହିତ ଶାନ୍ତିଲତା କେୟାର ଏବଂ ନର୍ସିଂହୋମ ଓ ଟ୍ରାନ୍ସପୋର୍ଟ ଥିବା ସୂଚନା ଦେଇଛି ଭିଜିଲାନ୍ସ।

## ବିଧାନସଭା ନିର୍ବାଚନ ପରେ ....

ବୋଲି ଚର୍ଚ୍ଚା ହେଉଛି । ଅବଶ୍ୟ ରୁଷ ସୈନ୍ୟ ଫେରାଇବା ନେଇ ପଦକ୍ଷେପ ନେବା ପରେ ଏହି ଯୁଦ୍ଧ ଆଶଙ୍କା ଟିକିଏ କମିଯାଇଛି । ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ଏକ ଡଲାର ବଢିଲେ ଭାରତରେ ଲିଟର ପିଛା ଦର ୫୦ ପଇସା ବଢିଥାଏ । କିନ୍ତୁ ଦିପାବଳୀ ପରଠୁ ଅଶୋଧିତ ତେଲର ଦର ୨୫ ଡଲାର ବଢିଲାଣି କିନ୍ତୁ ଦେଶରେ ପେଟ୍ରୋଲ ଡିଜେଲର ଦର ସ୍ଥିର ରହିଛି ।

# ଗଡ଼ବାନ୍ଧୋଗୋଡ଼ାରେ ନିର୍ବାଚନୀ ହିଂସା, ଦୁଇ ଗୋଷ୍ଠୀ ମୁହାଁମୁହିଁ

ଘସିପୁରା, ୧୬ ଫେବୃଆରୀ (ହି.ସ.)- କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଗଡ଼ବାନ୍ଧୋ ଗୋଡ଼ା ଗ୍ରାମରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ଜଣାପଡିଛି । ସୂଚନାରୁ ଜଣାଯାଏ, ତ୍ରିସ୍ତରୀୟ ପଚାଂୟତ ନିର୍ବାଚନ ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀର ଗଡ଼ବାନ୍ଧୋଗୋଡ଼ାର ଭୋଟ୍ ଗ୍ରହଣ ସମୟରେ ବୁଥ୍ ସମ୍ମୁଖରେ ବିଧାୟକ ଗୋଷ୍ଠି ଓ ରାଜଚକ୍ର ଗୋଷ୍ଠୀ ମଧ୍ୟରେ ହାତା ହାତି ହୋଇଛି । ଭୋଟ୍ ହେବା ପୂର୍ବରୁ ଯଥେଷ୍ଟ ସଂଖ୍ୟାର ପୋଲିସ ପହଂଚି ନଥିବା କାରଣରୁ ଗଡ଼ବାନ୍ଧୋଗୋଡ଼ା ବୁଥରେ ଏପରି ବିଶୃଙ୍ଖଳା ଦେଖିବାକୁ ମିଳିଛି ବୋଲି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି, ପ୍ରତି ଥର ନିର୍ବାଚନ ସମୟରେ ବିଭିନ୍ନ ବୁଥରେ ବିଶୃଙ୍ଖଳା ପରିଲକ୍ଷିତ ହେଉଥିବା ବେଳେ ପୋଲିସର ଖାମଖିଆଲି ନୀତି ଯୋଗୁ ଏପରି ବିଶୃଙ୍ଖଳା ହେଉଛି ଯଦି ସୁରକ୍ଷା ଯୋଗାଇ ଦିଆ ନ ଯାଏ ପରିସ୍ଥିତି ବିଗିଡିବ ବୋଲି ଭୋଟର ଅଭିଯୋଗ କରିଛନ୍ତି ।

# ପଂଚାୟତ ନିର୍ବାଚନରେ ଶାସକ ଦଳର ହିଂସାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିନ୍ଦା

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ସମୟରେ ଶାସକ ଦଳର ହିଂସା ଓ ଅରାଜକତାକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ତୃଣମୂଳ ସ୍ତରରେ ଭୋଟ୍ ଦେବା ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଯାଇଛି । ଏହା ଆମର ଗଣତନ୍ତ୍ର ପାଇଁ ଏକ ଶୁଭ ସଙ୍କେତ। କିନ୍ତୁ ଆଜି ଧର୍ମଶାଳା, ଯାଜପୁର, ବ୍ରହ୍ମଗିରି, ଅନୁଗୋଳ, ହିନ୍ଦୋଳ, ଭଦ୍ରକ, କଣାସ, ଜଳେଶ୍ୱର, ବାଙ୍ଗିରିପୋଷୀ, ଭଟଲି ଓ ପାଟଣାଗଡ଼ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନୀ ହିଂସା ଘଟିଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ନିର୍ବାଚନୀ ହିଂସା ମଧ ଘଟିଛି । ଏହା ଚିନ୍ତାଜନକ ଓ ଦୁଃଖଦାୟକ। ହିଂସା ଦ୍ୱାରା ଗଣତନ୍ତ୍ରର ଏହି ମହାନ ପର୍ବରେ ବ୍ୟାଘାତ ଆସିବା ଅନୁଚିତ । ଶାସକ ଦଳର ହିଂସା ଓ ଅରାଜକତାକୁ ମୁଁ ଦୃଢ଼ ଭାବେ ନିନ୍ଦା କରୁଛି । ଓଡ଼ିଶା ପ୍ରଶାସନ ଠିକ୍ ଭାବରେ ନିଜର କାର୍ଯ୍ୟ କରିବା ସହ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ । ରାଜ୍ୟରେ ପଞ୍ଚାୟତ ସ୍ତରରେ ଆହୁରି ୪ଟି ପର୍ଯ୍ୟାୟରେ ମତଦାନ ହେବାକୁ ଯାଉଛି । ତେଣୁ ରାଜ୍ୟ ନିର୍ବାଚନ ଆୟୋଗ ନିର୍ବାଚନୀ ହିଂସାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ଏବଂ ଆଗାମୀ ପର୍ଯ୍ୟାୟରେ ମତଦାନ କିଭଳି ଶାନ୍ତିପୂର୍ଣ୍ଣ ହେବ ସେ ଦିଗରେ ଧ୍ୟାନ ଦେବେ ବୋଲି ମୁଁ ଆଶା କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶିବମୁନିଜୀଙ୍କର ୬୦ ତମ ଶ୍ରଦ୍ଧାଞ୍ଜଳି ଦିବସ ପାଳନ

ରୂପସା, ୧୬/୦୨ (ନି.ପ୍ର): ମଙ୍ଗଳବାର ଦିନ ୩ଘଟିକା ସମୟରେ ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଶିବମୁନିଜୀଙ୍କର ୬୦ତମ ଶ୍ରଦ୍ଧାଞ୍ଜଳୀ ସହିତ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ପରମପୂଜ୍ୟ ପିତୃଦେବ ଙ୍କ ୪୯ ତମ ଶ୍ରଦ୍ଧାଞ୍ଜଳୀ ମହା ସମାରୋହରେ ଆଶ୍ରମର କୋଷାଧକ୍ଷ ବ୍ରହ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନିଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ମୁଖ୍ୟ ବକ୍ତା ଯୋଗୀ ପରମାନନ୍ଦ ମୁନି, ଶିବମୁନିଜୀଙ୍କ ଜିବନୀ ଏବଂ ତାଙ୍କର ଦର୍ଶନ ସହିତ ପିତା ଦିବଙ୍ଗତ କ୍ଷେତ୍ରମୋହନ ବାରିକଙ୍କ ଜୀବନୀ, ତାଙ୍କର ସମସ୍ତଙ୍କ ପ୍ରତି ଶ୍ରଦ୍ଧା, ସ୍ନେହ, ଆଦର ଆଉ ଆଦର୍ଶ ନିତିମୟ ଜୀବନ ଉପରେ ଆଲୋକ ପାତ କରିଥିଲେ । ମୁନି ସଙ୍ଗୀତ ଗାନ କରିଥିଲେ ମୁନିମତୀ ଶକୁନ୍ତଳା ପରିଡ଼ା । ପ୍ରତିଦିନ ଯମ ନୀୟମ



ପାଳନ ପୂର୍ବକ ଯୋଗ ସାଧନର ଯଉଗିକ କ୍ରିୟା ଜାରି ରଖି ଚାଲିଲେ ଯେ କେହି ଶାରିରୀକ ସୁସ୍ଥ ତା ସହିତ ସୁଖ-ଶାନ୍ତି-ଆନନ୍ଦରେ କାଳାତିପାତ କରି ପାରିବ-ଏଥିରେ ସନ୍ଦେହର ଅବକାଶ ନାହିଁ । ଏହା ମୁନିରାଜ୍ଞୀ ସୁମତୀ ଦଳାଇ ପ୍ରକାଶ କରିଥିଲେ । ଫଟୋ ଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ ପରେ ସମୂହ ପ୍ରଣବ, ଶୁଭ ଭାବନା,ବେଦପାଠ,ଶାନ୍ତି ପାଠ କରାଯାଇଥିଲା ।ଉପସ୍ଥିତ ଥିଲେ, ମୁନି ଯୋଗେନ୍ଦ୍ର ବେହେରା, ସିନ୍ଧୁ ସିଂ, ଶ୍ରୀନାଥ ବେହେରା, କମଳାକାନ୍ତ ବେହେରା, ଗୌରହରି ବାରିକ, ମୁନି ମତୀ ମିନତୀ ମାଝୀ, ଲକ୍ଷୀମଣୀ ବେହେରା, ଝୁନୁ ଦଳାଇ, ସୁମତୀ ବେହେରା,ଫୁଲମଣୀ ବେହେରା, ଉର୍ମିଳା ରାଉଳ, ମଞ୍ଜୁଲତା ବେହେରା ଏବଂ ମୁନି କୁମାର ତାପସ ଇତ୍ୟାଦି । ଶେଷରେ ଚିତ୍ତରଞ୍ଜନ ବର ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ, ସମସ୍ତେ ଏକାମ୍ର ସ୍ୱାଦିଷ୍ଟ ମିଷ୍ଟାନ୍ନରେ ଆପ୍ୟାୟିତ ହୋଇଥିଲେ ।ଯୋଗୀ ପରମାନନ୍ଦ ବାରିକ ।

## ମନୋଜ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଂଟ : କେସିଏ ଚମ୍ପିୟାନ୍

ଭଦ୍ରକ, ୧୬/୦୨ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ଅନ୍ତର୍ଗତ ପଧାନୀ ସ୍କୁଲପଡ଼ିଆ ଠାରେ ମନୋଜ ମହାଳିକ ସ୍ମୃତି କମିଟି ପକ୍ଷରୁ ମନୋଜ ସ୍ମାରକୀ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଆଜି ଆଇନାଲ ମ୍ୟାଚରେ କେସିଏ ଧାମନଗର ଓ ବିଏମ୍‌ଏସ୍‌ଏସ୍ ଝାଡ଼ଙ୍ଗ ଯାଜପୁର ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍‌ଜିଣି ୨୦ଓଭରରେ ୪ଉଇକେଟ ହରାଇ ୨୫୩ରନ୍ କରିଥିବାବେଳେ ଯବାବରେ ବିଏମ୍‌ଏସ୍‌ଏସ୍ ଝାଡ଼ଙ୍ଗ ୨୦ଓଭରରେ ୯ଉଇକେଟ ହରାଇ ୧୯୦ରନ୍ କରି ପରାଜୟ ବରଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅଧାପକ ବିଜୟ ଦାସଙ୍କ ସଭାପତିତ୍ୱରେ ପଂଚୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକ, ପୂର୍ବତନ ପଂଚୟତ ସମିତି ଅଧକ୍ଷ ବିନୋଦ କୁମାର ନାୟକ ପୂର୍ବତନ ସମିତିସଭ୍ୟ ପ୍ରତାପ କୁମାର ସାମଲ, ସମିତିସଭ୍ୟ ମାନସ କୁମାର ବାରିକ ଓ ଧାମନଗର ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇ ଚମ୍ପିଆନ୍ ଓ ରନସ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ନିରାକାର ଧଳ, ଶରତ ସାହୁ, ହେମେନ୍ଦ୍ର ମହାନ୍ତି, ଶ୍ୟାମସୁନ୍ଦର ବାରିକ, ରବିନ୍ଦ୍ର ଜେନା, ସରୋଜ ଧଳ ଓ ଲଲାଟେନ୍ଦୁ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଖେଳରେ ପ୍ଲେୟର ଅଫ୍‌ଦ ମ୍ୟାଚ ସତ୍ୟକାନ୍ତ ଭରଦ୍ୱାଜ ପ୍ଲେୟାର ଅଫ୍‌ଦ ସିରିଜ କ୍ଷମାସାଗର ବଳ ମନୋନୀତ ହୋଇଥିଲେ। ଅମୀୟ ସାହୁ ଓ ସ୍ମୃତି ରଂଜନ ଧଳ ଅମ୍ପେୟାର ଥିବାବେଳେ ସନ୍ତୋଷ କୁମାର ଜେନା ଧାରାବିବରଣୀ ପ୍ରଦାନ କରିଥିଲେ। ଶେଷରେ ମାନସ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଖରପୁର ପଂଚାୟତରେ ବୁଥ୍ ଜବରଦଖଲ : ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀ

ଜଳେଶ୍ୱର, ୧୬/୨(ନିପ୍ର) : ଶିଖରପୁର ପଂଚାୟତରେ ଆଜି ସକାଳଠାରୁ ସଂଧ୍ୟାଯାଏ ବିଭିନ୍ନ ପିଛା ଛାଡୁନାହିଁ । ସକାଳେ ପଂଚାୟତର ରାଜନଗର ୪ନଂ ବୋଥ୍‌ରେ ଜିଲାପରିଷଦର ପୋଲିଂ ଏଜେଣ୍ଟବସାଇବାକୁ କେନ୍ଦ୍ର କରି ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ଏହାର ସାମୟିକ ସମାଧାନ ହୋଇଥିଲେ ମଧ୍ୟ ଶିଖରପୁର ବରାଳବାଲୁକେଶ୍ୱର ବିଦ୍ୟାଳୟରେ ଥିବା ୫ନଂ ବୋଥ୍‌ରେ ଅନୁରୂପଭାବେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏହାକୁ ଅଡି ଧରି ବସିବାରୁ ପ୍ରାୟ ଦେଢଘଣ୍ଟା ଧରି ଭୋଟ କାର୍ଯ୍ୟ ବନ୍ଦ ରହିଥିଲା । ଖବରପାଇ ବିଡିଓ ଅଶ୍ୱିନୀ ଦାସ, ତହସିଲଦାର ସ୍ମୃତିରଂଜନ ମଲ୍ଲିକ, ସ୍ୱତନ୍ତ୍ର ପୁଲିସ୍ ଭାରପ୍ରାପ୍ତ ଅଧିକାରୀ ଅଶୋକ ନାୟକ, ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମ୍ଭାର, ଥାନା ଆଇଆଇସି ରୋଜାଲିନ୍ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ । ସମସ୍ୟାର ସମାଧାନ ପରେ ଭୋଟକାର୍ଯ୍ୟ ଚାଲୁ ହୋଇଥିଲା । କିନ୍ତୁ ଭୋଟ ଗ୍ରହଣ ସଂଧ୍ୟା ପର୍ଯ୍ୟନ୍ତ ଚାଲୁଥିବାରୁ ଏହାରସୁଯୋଗ ନେଇ ସ୍କୁଲପଛ ପାଚେରି ଡେଇଁ କେତେକ ଦୁର୍ବୃତ୍ତ ଜୋରଜବରଦସ୍ତ ଭୋଟକେନ୍ଦ୍ରକୁ ପ୍ରବେଶ କରିଥିଲେ । କେତେକ ମୃତ ଓ ଅନୁପସ୍ଥିତ ଥିବା ଭୋଟରଙ୍କ ନାମରେ ଭୋଟିଂ କରିଥିବାର ଅଭିଯୋଗ ପରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଉତ୍ତେଜନା ରାତି ପର୍ଯ୍ୟନ୍ତ ଚାଲିଥିଲା । ଘଟଣାସ୍ଥଳରେ ତହସିଲଦାର ଓ ଆଇଆଇସି ଉପସ୍ଥିତ ଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନଥିଲା । ପ୍ରଶାସନ ଭୋଟବାକ୍ସକୁ ସିଲ କରିଥିଲେ ମଧ୍ୟ ସ୍ଥାନୀୟ ଭୋଟରମାନେ ପୋଲିଂପାର୍ଟି ଗାଡିକୁ ଘେରି ରଖିଛନ୍ତି । ସେଠାରେ ପୁନଃ ମତଦାନ ପାଇଁ ଦାବୀ କରାଯାଇଛି । ଖବର ଲେଖାହେବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇ ପାରିନାହିଁ ।


# ବିବେକାନନ୍ଦ ଶିକ୍ଷା କେନ୍ଦ୍ର

**ମାଣ୍ଡୁରକୁଳା, ହଳଦୀପାଳ, ବସ୍ତା, ବାଲେଶ୍ୱର**

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶିଶୁ ପ୍ରବେଶ (K.G-1) ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ମାଣ୍ଡୁରକୁଳା, ହଳଦୀପାଳ, ବସ୍ତା, ବାଲେଶ୍ୱର

ଯୋଗାଯୋଗ: ୯୪୩୭୮୩୩୬୨୧/ ୯୪୩୮୮୫୭୦୫୩



# ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର

ନାମଲେଖା ଚାଲିଛି

**ଲଙ୍ଗଳେଶ୍ୱର, ବାଲେଶ୍ୱର**

ଶିକ୍ଷାବର୍ଷ-୨୦୨୨-୨୩

ନାମଲେଖା ଚାଲିଛି

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶିଶୁ ପ୍ରବେଶ (K.G-1) ଶ୍ରେଣୀଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ଲଙ୍ଗଳେଶ୍ୱର, ବାଲେଶ୍ୱର

ଯୋଗାଯୋଗ: ୯୦୪୦୭୭୦୨୯୩/ ୯୧୭୮୬୩୩୨୨୯


## ଗତିନନାଙ୍କ ଜୋରଦାର ପ୍ରଚାର

ନୀଳଗିରି, ୧୬/୦୨ (ନି.ପ୍ର): ନୀଳଗିରି ବ୍ଲକର ଧୋବଶିଳା ପଂଚାୟତରେ ଖୋଦ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପଂଚାୟତ ହୋଇଥିବା ବେଳେ ଗତ ନିର୍ବାଚନ ରେ ଉକ୍ତ ପଂଚାୟତ ବିଜେପି ର ଦବଦବା ରହିଥିଲା । ମାତ୍ର ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ୧୩ନଂ. ଜୋନର ବିଜେଡିର ଜିଲ୍ଲା ପରିଷଦ ଭାବେ ଗତିକୃଷ୍ଣ ନନ୍ଦ ଓରଫ ଗତିନନା ଉକ୍ତ ପଂଚାୟତରେ ଜବରଦସ୍ତ ରାଲି କାରିଛନ୍ତି । ଉକ୍ତ ରାଲିରେ ଶତାଧିକ ଲୋକେ ଶଙ୍ଖ ବଜାଇ ଶଂଖ ପତାକା ଧରି ବିରାଧ ଶୋଭାଯାତ୍ରାରେ ପଂଚାୟତ ପରିକ୍ରମା କରିଛନ୍ତି । ପଂଚାୟତବାସୀ ଚିହ୍ନ ବଦଳାଇବା ପାଇଁ ସ୍ଥିର କରିଥିବା ବେଳେ ଗତି ନନାଙ୍କ ପ୍ରତି ଭୋଟର ଆକୃଷ୍ଟ ହେଉଥିବାର ଦେଖିବାକୁ ମିଳିଛି । ପଦ୍ମଗଡ଼ରେ ଶଙ୍ଖ ଧ୍ୱନି ଦେଖି ବିରୋଧି ବିଜେପି ଅବାକ ହୋଇ ପଡ଼ିଛନ୍ତି । ତେବେ ବିଜେପି ଗଡ଼ରେ ବିଜେଡିର ରଣହୁଙ୍କାର ଦେଖି ବିଜେପି ଏହାର ବିକଳ୍ପ ବ୍ୟବସ୍ଥା କରିବା ନେଇଯୋଜନା କରୁଥିବାର ଶୁଣିବାକୁ ମିଳୁଛି ।

## ସୁଶାନ୍ତ ଗୌଡଙ୍କ ଶହୀଦ ଦିବସ ପାଳିତ

ଗଞ୍ଜାମ, ୧୬ ଫେବୃଆରୀ (ହି.ସ.)- ସୁଶାନ୍ତ ଗୌଡଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବଡ ବଜାର ଥାନା ପରିସରରେ ଥିବା ତାଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବଡ ବଜାର ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଏଏସଆଇ ସୁଶାନ୍ତ ଦାସ, ଶହୀଦଙ୍କ ପିତା ନିରଞ୍ଜନ ଗୌଡ, ପୂର୍ବତନ କର୍ପୋରେଟର ରାକେଶ ସାହୁ, ଯୁବ ଆଇନଜୀବୀ ଅସିତ କୁମାର ସାବତ, ସନ୍ତୋଷ ସେଠୀ, ଭୃଗୁ ପଣ୍ଡା, ନିଳାଚଂଳ ବିଶୋୟୀ, ସିମାଚଂଳ ସାହୁ, ମୁନା ରେଡୀ, ଅନିଲ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଟିଏ ଦିନରେ ୮୫୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୫୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୭୯୮୯୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୮୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୬୧୪୬୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୯୪୩୩ ରହିଛି । ଆଜି ଚିହ୍ନଟ ହୋଇଥିବା ୮୫୨ ଜଣଙ୍କ ମଧ୍ୟରୁ ୪୯୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୫୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୧୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୬, ବାଲେଶ୍ୱର ଜିଲ୍ଲାରୁ ୨୫ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୨, କଟକରୁ ୬୪ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩୩, ଗଂଜାମ ଜିଲ୍ଲାରେ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୮, ଯାଜପୁରରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨୬ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୧୫, ଖୋର୍ଦ୍ଧାରୁ ୧୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୯୦ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ପରଲୋକରେ ବିଶିଷ୍ଟ କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକ

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ବିଶିଷ୍ଟ କବି, ସମାଲୋଚକ, ସଂପାଦକ ଏବଂ ଶିକ୍ଷାବିତ୍ ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କର ୬୯ ବର୍ଷ ବୟସରେ ପରଲୋକ ହୋଇଛି । ସେ ଗତ କିଛିଦିନ ଧରି ଅସୁସ୍ଥତା ହେତୁ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଜି ତାଙ୍କର ଦେହାନ୍ତ ହୋଇଥିବା ସୂଚନା ମିଳିଛି । ତାଙ୍କ ବିୟୋଗରେ ରାଜ୍ୟ ସାହିତ୍ୟ, ସାମ୍ବାଦିକତା ଓ ଶିକ୍ଷା ପରିସରରେ ଶୋକର ଛାୟା ଖେଳିଯାଇଛି । ୧୯୫୩ ମସିହାରେ ଜନ୍ମିତ ଡ. ହରପ୍ରସାଦ



ପରିଚ୍ଛା ପଟ୍ଟନାୟକ ଅବସର ପରେ ଦୈନିକ 'ସର୍ବସାଧାରଣ'ର ସଂପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ଇଂରାଜୀ ଭାଷା ସାହିତ୍ୟର ଅଧ୍ୟାପକ ଭାବେ ବୃତିଗତ ଜୀବନ ଆରମ୍ଭ କରିଥିବା ଡ.ପରିଚ୍ଛା ପଟ୍ଟନାୟକ ପରବର୍ତ୍ତୀ ସମୟରେ ଦୁଇ ଦୁଇ ଥର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଏବଂ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶକ ସଂସ୍ଥାର ନିର୍ଦ୍ଦେଶକ ଭାବେ ୨୦୧୧ରେ ଅବସର ଗ୍ରହଣ କରିଥିଲେ । ଏହା ବ୍ୟତୀତ ଅନୁବାଦ, ଗବେଷଣା ଓ ସଂପାଦନାରେ ତାଙ୍କର ଦକ୍ଷତା ରହିଥିଲା ସେ ଇଂରାଜୀ ଦୈନିକ 'ସନ୍‌ଟାଇମସ୍' 'ପ୍ରୋବିଟାସ୍' ଓ 'ଭର୍ଟେକ୍ସ' ସମେତ 'ଆବର୍ତ୍ତ' ଇତ୍ୟାଦି ପତ୍ରିକାର ସଂପାଦନା କରିଥିଲେ । ଗ୍ରୀକ୍ କବିତାର ଓଡ଼ିଆ ଅନୁବାଦ ସାଙ୍ଗକୁ ସେ ବିଶିଷ୍ଟ କବି ଓ ଗାଳ୍ପିକମାନଙ୍କର ଗଳ୍ପ ଓ କବିତାର ଚମତ୍କାର ଅନୁବାଦ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଂପାଦକ ଭାବରେ ସେ ଦୁଇଥର ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କର କବିତା ସଂକଳନ ମଧ୍ୟରେ ପିଙ୍କି କଥା (୧୯୭୬),ଏକା ଏକା ସନ୍ୟାସୀ (୧୯୮୧), ଅଥୟ ସୂର୍ଯ୍ୟ (୧୯୯୦), ଆୟୁଷ୍ମାନ ସମୟ (୧୯୯୫), ସବୁଅନ୍ଧାର ଆଜି ରାତିରେ (୧୯୯୬), ଜୀବନ ଜଙ୍ଘା (୨୦୦୪) ଓ ଅରଣ୍ୟରେ ଯେତେ ଦିନ (୨୦୦୭) ଅନ୍ୟତମ । କବିତା ସଂକଳନ 'ନଷ୍ଟ ହୋଇଯାଇଥିବା ମୋହ' ଲାଗି ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।

# ରୋଡ ସୋ ମାଧ୍ୟମରେ ଶକ୍ତି ପ୍ରଦର୍ଶନ କଲା ବିଜେଡି

ଖଇରା, ୧୬/୦୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ବିଭିନ୍ନ ଦଳ ଭିନ୍ନ ଉପାୟରେ ପ୍ରଚାର କରୁଛନ୍ତି । କିଏ ପଦଯାତ୍ରା ମାଧ୍ୟମରେ ତ କିଏ ସାଇକେଲରେ ତ ଆଉ କିଏ ବାଇକ ସୋ ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରି ଭୋଟଙ୍କ ମନ ଜିଣିବାକୁ ଭରପୁର ପ୍ରୟାସ କରୁଛନ୍ତି । ବିଜେଡି ବୁଧବାର ସାରଡାଙ୍ଗ,ଝିଙ୍କିରିଆ ତଥା ନୟାଖଣ୍ଡି ଇତ୍ୟାଦି ପଞ୍ଚାୟତରେ ବାଇକ ରାଲି ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ପ୍ରଥମେ ଝିଙ୍କିରିଆରେ ପର୍ଯଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରହୀ ଜିଲା ପରିଷଦ ପ୍ରାର୍ଥିନୀ ସୁଷମା



ମହାପାତ୍ର,ସରପଞ୍ଚ ପ୍ରାର୍ଥନୀ ବନସ୍ମିତା ମାଝୀ,ସମିତି ସଭ୍ୟା ପ୍ରାର୍ଥନୀ ଭାମା ଦାସଙ୍କ ସହ ଏକ ଖୋଲା ଜିପରେ ଭୋଗପୁର,ପାଇକାଲପୁର ଇତ୍ୟାଦି ଗ୍ରାମ ପରିକ୍ରମା କରିଥିଲେ । ଶତାଧିକ କର୍ମୀ ବାଇକ ସୋରେ ପ୍ରାର୍ଥୀ ମାନଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ । ପରେ ମନ୍ତ୍ରୀ ପାଣିଗ୍ରାହୀ ସାରଡାଙ୍ଗ ପଞ୍ଚାୟତ ଗସ୍ତ କରି ବାଇକ ରାଲିରେ ସାରଡାଙ୍ଗ ଗ୍ରାମ,ଶାସନ,କୁଳିପଦା,ଅରଖପଦା ଇତ୍ୟାଦି ଗ୍ରାମ ପରିକ୍ରମା କରି ଏକ ପଥପ୍ରାନ୍ତ ସଭାରେ ବିଜେଡି ବିକାଶର ଛବି ଉପରେ ଆଲୋକପାତ କରି ସାରଡାଙ୍ଗର ପ୍ରଗତିକୁ ଆଗେଇ ନେବାକୁ ସରପଞ୍ଚ ପ୍ରାର୍ଥୀ କବିତା ପଣ୍ଡିତ ଓ ସମିତି ସଭ୍ୟା ପ୍ରାର୍ଥିନୀ ବାସନ୍ତୀ ମାଝୀ ଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ ।ସେହିଭଳି ନୟାଖଣ୍ଡି ପଞ୍ଚାୟତରେ ୩ନଂ ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଜୟନ୍ତ କୁମାର ରାଉତ, ବିଜେଡି ସମର୍ଥୀତ ସରପଞ୍ଚ ପ୍ରାର୍ଥୀ ମୁକେଶ କୁମାର ଜେନା ଓ ସମିତିସଭ୍ୟା ପ୍ରାର୍ଥିନୀ ମାଳତି ବେହେରା ନିଜ ସମର୍ଥକଙ୍କ ସହ ନୟାଖଣ୍ଡି ଦଧିବାମନ ଜୀଉ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏକ ବାଇକ ରାଲିରେ ପଞ୍ଚାୟତ ପରିକ୍ରମା କରିଥିଲେ ।

## କରୋନାରୁ ସୁସ୍ଥ ହେଲେ ୧୬୩୯

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ରାଜ୍ୟରେ ଆଜି ୧ ହଜାର ୬୩୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୬୩ ହଜାର ୧୦୬ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୯୧ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୪୦ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । କଟକରୁ ୧୨୧, ରାୟଗଡ଼ାରୁ ୮୪, ବଲାଙ୍ଗୀରରୁ ୮୨, କୋରାପୁଟରୁ ୭୯, ଯାଜପୁରରୁ ୬୪, ଦେବଗଡ଼ରୁ ୫୫, ପୁରୀରୁ ୫୪, ଅନୁଗୁଳ ଓ ସୁବର୍ଣ୍ଣପୁରରୁ ୫୩ ଜଣ ଲେଖାଏଁ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି ବାଲେଶ୍ୱର, ଜଗତସିଂହପୁରରୁ ୪୯ ଲେଖାଏଁ, ଗଜପତିରୁ ୪୫, କଳାହାଣ୍ଡି, ମୟୂରଭଂଜରୁ ୪୦ ଲେଖାଏଁ, ନୟାଗଡ଼ରୁ ୩୭, ବୌଦ୍ଧରୁ ୩୧, କେନ୍ଦ୍ରାପଡ଼ାରୁ ୨୯, ଢେଙ୍କାନାଳ, ନବରଂଗପୁରରୁ ୨୩ ଲେଖାଏଁ, କନ୍ଧମାଳ, ନୂଆପଡ଼ଶରୁ ୨୨-୨୨, ଗଂଜାମ, କେନ୍ଦୁଝର, ସମ୍ବଲପୁରରୁ ୨୧ ଲେଖାଏଁ, ବରଗଡ଼, ଭଦ୍ରକରୁ ୨୧-୨୧, ମାଲକାନଗିରିରୁ ୬, ଝାରସୁଗୁଡ଼ାରୁ ୨ ଓ ରାଜ୍ୟପୁଲରୁ ୪୮ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି ।

# ବିକାଶର କଥା ମନେ ପକାଇ ଭୋଟ ଭିକ୍ଷା

ଖଇରା, ୧୬/୦୨ (ନି.ପ୍ର): ଖଇରା ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ତ୍ରିକୋଣୀୟ ମୁକାବିଲା ଅନୁଷ୍ଠିତ ହେଉଥିବା ବେଳେ ସମିତିସଭ୍ୟା ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ଅନୁଷ୍ଠିତ ହେଉଛି । ସରପଞ୍ଚ ପଦବୀ ପାଇଁ ବିଜେଡି ସମର୍ଥୀତ ପ୍ରାର୍ଥୀ ରଶ୍ମିବାଳା ବେହେରା,ଭାଜପା ସମର୍ଥୀତ ନିରୁପମା ମହାନ୍ତି ଓ ସ୍ୱାଧିନ ଭାବେ ମମତାଞ୍ଜଳୀ ତ୍ରିପାଠୀ ମଇଦାନକୁ ଓହ୍ଲାଇଛନ୍ତି । ସେହିଭଳି ସମିତିସଭ୍ୟା ପଦବୀରେ ବିଜେଡି ସମର୍ଥୀତ ପାର୍ବତୀ ବାରିକ ଓ ଭାଜପା ସମର୍ଥୀତ କମଳାମଣି ମହାନ୍ତି ଙ୍କ ମଧ୍ୟରେ ମୁକାବିଲା ହେଉଛି । ବିଜେଡିର ପାର୍ବତୀ ଓ ରଶ୍ମିବାଳା ନୁଆମୁହଁ ହୋଇଥିବାରୁ ଅନ୍ୟପ୍ରାର୍ଥୀଙ୍କ ତୁଳନାରେ ତାଙ୍କର ବିଜୟ ସମ୍ଭାବନା ଆଶା ଅଧିକ ବୋଲି ତାଙ୍କର ସମର୍ଥକ ମାନେ ଦାବି କରୁଛନ୍ତି । ୨ପ୍ରାର୍ଥୀ ଘର ଘର ବୁଲି ବିଜେଡି ସରକାର ସମୟରେ



ପଞ୍ଚାୟତରେ ନିର୍ମାଣ ହୋଇ ସାରିଥିବା ଏବଂ ବର୍ତ୍ତମାନ ନିର୍ମାଣ ଚାଲୁଥିବା ପ୍ରକଳ୍ପ ଗୁଡିକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ତଥା ଜିଲା ପରିଷଦ ପ୍ରାର୍ଥନୀ ରଶ୍ମିତା ମହାପାତ୍ରଙ୍କୁ କ୍ଷମତାରେ ବସାଇବାକୁ ନିବେଦନ କରିଥିଲେ । ବିଶେଷ କରି ବୁଢାଗଡିଆରେ ମାର୍କେଟ କମ୍ପ୍ଲେକ୍ସ,ବିଭିନ୍ନ ୱାର୍ଡକୁ କଂକ୍ରିଟ ରାସ୍ତା,ବଳଭଦ୍ରପୁର, ଗୋବିନ୍ଦପୁର, ପାଣିସାଉଁଳି, କଣ୍ଠାବଣିଆ, ନରମା, ଗଳଗାଁ, ବାରିକସାହି, ଜୟିପୁର, ରାମଚନ୍ଦ୍ରପୁର, ସମସରପୁର ଇତ୍ୟାଦି ଗ୍ରାମକୁ ବସୁଧା ଯୋଜନାରେ ଶୁଦ୍ଧ ପାନୀୟ ଜଳ ଯୋଗାଣ କରାଯିବା ନେଇ ଅବଗତ କରାଇଥିଲେ । ଗାଁ ଗହଳିରେ ପିଲା ଠାରୁ ବୁଢା ପର୍ଯ୍ୟନ୍ତ ତାଙ୍କ ଭାଷଣ ଶୁଣିବାକୁ ଭିଡ ଜମାଉଥିବାର ପରିଲକ୍ଷିତ ହୋଇଛି ।

# ୪୪୬ ବୋଥ୍‌ରେ ୧୪୩୭ ପ୍ରତିଦ୍ୱନ୍ଦିଙ୍କ ଭାଗ୍ୟ ସିଲ

ଜଳେଶ୍ୱର ୧୬/୨(ନିପ୍ର) : ଆଜି ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନର ପ୍ରଥମ ଦିନରେ ଜଳେଶ୍ୱର ବ୍ଲକର ଭୋଟ କାର୍ଯ୍ୟ ଶେଷ ହୋଇଛି । ମୋଟ ୪୪୬ଟି ବୋର୍ଥରେ ୧୪୩୭ଜଣ ପ୍ରତିଦ୍ୱନ୍ଦିଙ୍କର ଭାଗ୍ୟ ସିଲ ହୋଇ ଯାଇଛି । ଅପରାହ୍ନରେ ସବୁ ଭୋଟ ବାକ୍ସକୁ ସୁରକ୍ଷିତ ସ୍ଥାନରେ ଜମା ଦିଆଯିବାପରେ ସବୁ ପୁଲିଂ ପାର୍ଟିର କର୍ମଚାରୀ ଓ ସୁରକ୍ଷାବଳ ବସ୍ତା ବ୍ଲକ ନିର୍ବାଚନରେ ଭାଗ ନେବାକୁ ପଠା ଯାଇଛି । ପ୍ରକାଶଯୋଗ୍ୟ ଆସନ୍ତା ୧୮ ତାରିଖରେ ବସ୍ତାବ୍ଲକର ନିବୟାଚନ ଦିନଧାର୍ଯ୍ୟ ହୋଇଛି । ଦିନ ଗୋଟିଏ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବାପରେ ସବୁ ପୁଲିଂପାର୍ଟି ଭୋଟବାକ୍ସ ଓ ବଳିଥିବା ବେଲଟ ପେପର ଓ ଅନ୍ୟ ସରଞ୍ଜାମ ଦୀନକୃଷ୍ଣ କଲେଜଠାରେ ହୋଇଥିବା 'ରିସିଭିଂ ସେଣ୍ଟର'ରେ ଫେରାଇଥିଲେ । ଏଥିରେ ମୋଟ ୱାର୍ଡ ସଦସ୍ୟରେ ପ୍ରତିଦ୍ୱନ୍ଦିତା କରୁଥିବା ୧୧୧୧, ସରପଂଚରେ ୧୪୩ ଓ ସମିତି ସଦସ୍ୟରେ ୧୪୨ ଓ ଜିଲା ପରିଷଦରେ ୨୧ଜଣ ପ୍ରତିଦ୍ୱନ୍ଦିଙ୍କ ଭାଗ୍ୟ ଆଜି ସିଲ ହୋଇ ଯାଇଛି । କେତେକ ସ୍ଥାନରେ କାଁ, ଭାଁ ଗଣ୍ଡଗୋଳକୁ ବାଦ ଦେଲେ ଶାନ୍ତି ଶୃଙ୍ଖଳା ସହ ଜଳେଶ୍ୱରରେ ନିର୍ବାଚନ ଶେଷ ହୋଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି । ଅପରାହ୍ନ ୪ଟା ସୁଦ୍ଧା ୪୪୬ଟି ବୋଥ୍ କେନ୍ଦ୍ରରୁ ଭୋଟବାକ୍ସ ଆସିଥିବା ବେଳେ ସବୁ ଦଳକୁ ଆସନ୍ତା ୧୮ ତରିଖରେ ହେବାକୁ ଥିବା ବସ୍ତା ବ୍ଲକ ନିର୍ବାଚନ ଲାଗି ଏଠାରୁ ସିଧାସଳଖ ପଠାଯାଇଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଜିଲା ପ୍ରଶାସନ ପକ୍ଷରୁ ୧୧୩୬ ବୋଥ୍ ଲାଗି ୪୬ଟି ପୋଲିସ୍ ମୋବାଇଲ ପାର୍ଟି, ୫୬ଜଣ ପୋଲିସ୍ ଅଫିସର, ୧୪ଟି ବାଟାଲିୟନ ଫୋର୍ସ, ୧୬ଜଣ ହାବିଲ ଦାର, ୧୦୯ଜଣ ରିଜର୍ଭ ପୁଲିସ୍ ଓ ୧୦୨୭ଜଣ ହୋମଗାର୍ଡ ଓ ଗ୍ରାମରକ୍ଷୀଙ୍କୁ ପୁଲିସ୍ ବିଭାଗ ନିଯୁକ୍ତି ଦେଇଥିବା ବେଳେ ଆଜି ସେମାନେ ମଧ୍ୟ ବସ୍ତା ଅଂଚଳକୁ ଯାଇଥିବା ଜଣାଯାଇଛି । କୋଟସାହିର ୯, ୧୦, ୧୧, ୧୨ ବୋଥ୍, ନଛିମପୁରରେ ବୋଥ୍ ନଂ ୧୨, ଗୋପିମୋହନପୁର ୧ ଓ ୬, ଖୁଆଡରେ ୩, ୬, ୭,୮,୯ ଚମାରଗାଁ ରେ ୨, ୪, ଶିଖରପୁରର ୪, ୫ନଂ ୱାର୍ଡରେ ଭୋଟ ସମୟରେ ଗଣ୍ଡଗୋଳ, ଠେଲାପେଲା, ବାକ୍‌ବିତଣ୍ଡା ଇତ୍ୟାଦି ହୋଇଥିବା ଜଣାଯାଇଛି । କେତେକ ବୋଥ୍‌ରେ ଭୋଟର ସଂଖ୍ୟା ଅଧିକ ଥିବାରୁ ସେଠାରେ ଭୋଟ ଦାନ ନିର୍ଦ୍ଧିଷ୍ଟ ସମୟରେ ଶେଷ ହୋଇନଥିଲା । କିନ୍ତୁ ଶିଖରପୁର ପଂଚାୟତରେ ଲାଗିଥିବା ଗଣ୍ଡଗୋଳ ସମ୍ବାଦ ଲେଖା ହେବା ପର୍ଯ୍ୟନ୍ତ କୌଣସି ସମସ୍ୟାର ସମାଧାନ ହୋଇନଥିଲା ।

# ପ୍ରିଜାଇଡିଂ ଅଫିସରମାନେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ କରାଉଛନ୍ତି : ବିଜେପି

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆରମ୍ଭରୁ ଶାସକ ଦଳର ଗୁଣ୍ଡାଗର୍ଦ୍ଦି ଜରିଆରେ ଭୋଟ ହାତେଇବାର ହୀନ ଉଦ୍ଦେଶ୍ୟ ସାମ୍ନାକୁ ଆସିଛି । ଶାସକ ଦଳର ପ୍ରତ୍ୟକ୍ଷ ପ୍ରରୋଚନାରେ ପ୍ରିଜାଇଡିଂ ଅଫିସରମାନେ ବିଜୁ ଜନତା ଦଳ ପ୍ରାର୍ଥୀଙ୍କ ସପକ୍ଷରେ କାର୍ଯ୍ୟ କରୁଛନ୍ତି ଏବଂ ଜୋରଜବରଦସ୍ତ ଭୋଟ କରାଉଛନ୍ତି । ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅନ୍ତର୍ଗତ ବେଲପଡା ଜୋନ-୧୪ର ବାଗଡୋର ପଂଚାୟତର ଏକ ବୁଥର ପ୍ରିଜାଇଡିଙ୍ଗ ଅଫିସର ଏସ.ମହାଲିଙ୍ଗ ଖୋଲାଖୋଲି ଭାବେ ବିଜେଡି ସପକ୍ଷରେ ଭୋଟ ଦେବା ଭୋଟରମାନଙ୍କୁ ପ୍ରବର୍ତାଉଛନ୍ତି । ଏହା ସଂପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ଓ ଦଣ୍ଡନୀୟ । ତେଣୁ ସେହି ପ୍ରିଜାଇଡିଂ ଅଫିସରଙ୍କୁ ତୁରନ୍ତ ଚାକିରୀରୁ ବହିଷ୍କାର କରାଯାଇ ଅନ୍ୟ ଜଣଙ୍କୁ ଦାୟୀତ୍ୱ ପ୍ରଦାନ କରାଯିବାକୁ ବିଜେପି ପକ୍ଷରୁ ଦାବୀ କରାଯାଇଛି ବୋଲି ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ କହିଛନ୍ତି । ଗଜପତି ଜିଲ୍ଲାରେ ବିଜେଡିର ବାହୁବଳୀ ନେତା ତିରୁପତି ପାଣିଗ୍ରାହୀ ଶାସକ ବିଜେଡି ସପକ୍ଷରେ ବୁଥ୍ ଅକ୍ତିଆର କରିଲେ, ପ୍ରତ୍ୟେକ ବୁଥ୍ ପିଛା ୨୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି । ଏହାର ଭିଡିଓ ବର୍ତମାନ ଭାଇରାଲ ହୋଇସାରିଛି । ଏହା ଖୋଲାଖୋଲି ଭାବେ ଗଣତନ୍ତ୍ରର ହତ୍ୟା ଏବଂ ଦଣ୍ଡନୀୟ ଅପରାଧ । ନିର୍ବାଚନ କମିଶନ ତୁରନ୍ତ ବିହୀତ ପଦକ୍ଷେପ ନେଇ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ରାୟ ଦାବୀ କରିଛନ୍ତି । ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ କାର୍ଯ୍ୟ ସରିଛି ଏବଂ ସମସ୍ତ ପର୍ଯ୍ୟାୟ ନିର୍ବାଚନ ଶେଷ ହେବା ପରେ ଭୋଟ ଗଣତି ଆସନ୍ତା ୨୮ତାରିଖରେ ହେବ । ପର୍ଯ୍ୟାୟ କ୍ରମେ ଭୋଟିଂ ସମାପ୍ତ ହେବା ପରେ ସମସ୍ତ ଭୋଟ ବାକ୍ସକୁ ସ୍ୱତନ୍ତ୍ର ଷ୍ଟ୍ରଙ୍ଗ ରୁମରେ ରଖାଯିବାର ବ୍ୟବସ୍ଥା କରାଯାଇଛି । ଲମ୍ବା ସମୟ ଧରି ଷ୍ଟ୍ରଙ୍ଗ ରୁମରେ ରହିବାକୁ ଥିବା ଭୋଟ ବାକ୍ସର ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ନିଶ୍ଚିତ ଆବଶ୍ୟକ । କାରଣ ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳର ନେତା ଓ କର୍ମୀମାନେ ସରକାରୀ କଳକୁ ବ୍ୟବହାର କରି ଅଘଟଣ ଘଟାଇବାର ଯଥେଷ୍ଟ ସମ୍ଭାବନା ରହିଛି ।

## ଜିଲ୍ଲା ପରିଷଦ ସଭାପତି/ ଉପସଭାପତି ନିର୍ବାଚନ ପାଇଁ ସଂଶୋଧିତ ଆଇନ

ଭୁବନେଶ୍ୱର, ୧୬/୦୨ (ନି.ପ୍ର): ରାଜ୍ୟ ସରକାରଙ୍କ ପଂଚାୟତିରାଜ ବିଭାଗ ପକ୍ଷରୁ ୨୦୨୨ ଜାନୁଆରୀ ୭ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୫୯୩ ଅନୁସାରେ ରାଜ୍ୟ ସରକାର 'ଓଡ଼ିଶା ଜିଲ୍ଲା ପରିଷଦ ନିର୍ବାଚନ ଆଇନ-୧୯୯୪'କୁ ପରିବର୍ତନ କରି ସେଥିରେ ଅଧିନିୟମ ୫୧ (କ) ଯୋଗ କରିଛନ୍ତି । ସଂଶୋଧିତ ଆଇନ ବଳରେ ରାଜନୈତିକ ଦଳମାନେ ଦଳ ତରଫରୁ ଜଣେ ପ୍ରାଧିକୃତ ପ୍ରତିନିଧିଙ୍କୁ ନିଯୁକ୍ତ କରିବେ । ଜିଲ୍ଲା ପରିଷଦ ସଭାପତି/ ଉପସଭାପତି ନିର୍ବାଚନ ଦିନ ପ୍ରାଧିକୃତ ପ୍ରତିନିଧିମାନେ ଉପସ୍ଥିତ ରହିବେ ଓ ସଂପୃକ୍ତ ଦଳର ସଭ୍ୟସଭ୍ୟାମାନେ ଭୋଟ ଦେଇସାରି ସେହି ଦଳର ପ୍ରାଧିକୃତ ପ୍ରତିନିଧିଙ୍କୁ ବାଲାଟ ପେପର ଦେଖାଇବା ପରେ ଭୋଟ ବାକ୍ସରେ ପକାଇବେ । ସଂଶୋଧିତ ଆଇନ ଅନୁସାରେ ରାଜ୍ୟ ନିର୍ବାଚନ କମିଶନ ରାଜନୈତିକ ଦଳମାନଙ୍କ ଦ୍ୱାରା ପ୍ରାଧିକୃତ ପ୍ରତିନିଧି ନିଯୁକ୍ତି ନିମନ୍ତେ ଏକ ଫର୍ମ ନିର୍ଦ୍ଧାରଣ କରିଛନ୍ତି । ଜିଲ୍ଲା ପରିଷଦ ସଭାପତି/ ଉପସଭାପତି ନିର୍ବାଚନର ପୂର୍ବଦିନ ଅପରାହ୍ନ ୫.୩୦ ସୁଦ୍ଧା ରାଜନୈତିକ ଦଳମାନେ ପ୍ରାଧିକୃତ ପ୍ରତିନିଧି ନିଯୁକ୍ତି ପତ୍ର ସଂପୃକ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

# ପୂର୍ଣ୍ଣଚନ୍ଦ୍ର ପୁର ବିଦ୍ୟାଳୟ ପାଇଁ ଗୌରବ ଆଣିଲେ ଆଦିତ୍ୟ

ବାରିପଦା, ୧୬/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ସହରର ୧୯ ନମ୍ବର ୱାର୍ଡ ସ୍ଥିତ ପୂର୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଆଦିତ୍ୟ ହାଁସଦା ଜାତୀୟ ସ୍ତରୀୟ ଅନ ଲାଇନ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସୃଜନଶୀଳ ରୌପ୍ୟ ପୁରସ୍କାର ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ମହାନ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀଙ୍କ ୨୭୨ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଭାରତୀୟ ସୃଜନଶୀଳ କଳାକାର ଗ୍ରୁପ ଦ୍ୱାରା ଆୟୋଜିତ ଏହି ଜାତୀୟ ସ୍ତରୀୟ ଅନ ଲାଇନ ଚିତ୍ରାଙ୍କନ ପ୍ରତିଯୋଗିତା ଓ ପ୍ରଦର୍ଶନୀ ଚଳିତ ମାସ ୧୧ ରୁ ୧୪ ତାରିଖ



ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସେଥିମଧ୍ୟରୁ ଜୁନିଅର ଗ୍ରୁପରେ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଓଡ଼ିଶାରୁ ମୋଟ ୧୦ ଜଣ ଏହି ପୁରସ୍କାର ପାଇବାର ସୌଭାଗ୍ୟ ହାସଲ କରିଛନ୍ତି । ଆଦିତ୍ୟଙ୍କ ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ପ୍ରଶଂସା ମିଳିଛି ଓ ଏକଦା ପାରିବାରିକ ଅସୁବିଧା କାରଣରୁ ଆଧାରୁ ପାଠପଢ଼ା ଛାଡି ଦେଇଥିବା ଏହି ପ୍ରତିଭାବାନ ଛାତ୍ର ଜଣକ ଏବେ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଛାତ୍ରାବାସରେ ରହି ପାଠ ପଢୁଛନ୍ତି ଓ ସେ ଜଣେ ମେଧାବୀ ଛାତ୍ର ବୋଲି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଜଣାଇବାସହ ତାର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ତାର ପ୍ରତିଭାର ବିକାଶ ଦିଗରେ ବିଦ୍ୟାଳୟର କଳାଶିକ୍ଷକ ମହେଶ୍ୱର ମାର୍ଣ୍ଡିଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି ପ୍ରଧାନ ଶିକ୍ଷକଙ୍କ ସୂତ୍ରରୁ ପ୍ରକାଶ । ପୂର୍ବରୁ ବିଦ୍ୟାଳୟ କାନ୍ଥରେ ଆକର୍ଷଣୀୟ ଚିତ୍ର ଆଙ୍କି ସେ ବେଶ ପ୍ରଶଂସା ପାଇଛନ୍ତି ।


GOVT. OF ODISHA
OFFICE OF THE DIVISIONAL FOREST OFFICER,
BALASORE WILDLIFE DIVISION
At / P.O. :- Kuruda, Dist :- Balasore, Pin :- 756056
Mob No. : 9853489037, Email – dfo.balasorewl@odisha.gov.in

Order No.:- 0046/1F(Accounts)/F.No-40/2022
Balasore, dated the 15th February, 2022.

**e-Procurement Notice**
**Bid Identification No. DFO-BLS-03/2021-22**

| | | |
|---|---|---|
| 1. | Name of Works | Supply, Installation and Commissioning of HDPE Floating Jetty along with 10 Meter concrete walkway at Bichitrapur of Jaleswar Wildlife Range and at Rissia of Kuldiha Wildlife Range under Balasore Wild Life Division. |
| 2. | Approximate estimated cost | 19.00 Lakh |
| 3. | Class of Contractor | 'B' & 'C' Class (As Per Annexure) |
| 3. | Period of completion | 01 (One) Calendar month. |
| 4. | Tender Paper Cost | Rs.4, 000/- , towards cost of bid as mentioned in Annexure . |
| 5. | Date & Time of availability of bid document In the portal | Dt. 17/02/2022 at 11.00 A.M. |
| 6. | Last date/Time for receipt of bid in the portal | Dt. 24/02/2022 up to 5.00 P.M. |
| 7 | Date of opening Bid | Dt. 25/02/2022 at 11.00 A.M. |
| 8. | Name and address of the Office Inviting Bid | Divisional Forest Officer, Balasore Wildlife Division, Balasore. |

9. The bidders have to participate in ONLINE bidding only.
10. All other details can be seen from the e-procurement portal https:/www.tendersodisha.gov.in

OIPR : 08036/11/0006/2122

Divisional Forest Officer,
Balasore Wildlife Division


# ବାସ୍ତବଙ୍କ ଶତକ ବଳରେ ବିଜେଏମସିସି ବିଜୟୀ

ବାରିପଦା, ୧୬/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ ବିଜେଏମସିସି ଦଳ ମା (ଗ୍ରୀନ)କୁ ୧୫୯ ରନରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ବିଜେଏମସିସି ଦଳ ୪୦.୩ ଓଭରରେ ୪ ଉଇକେଟ ହରାଇ ୨୬୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ବାସ୍ତବ ମହାନ୍ତ ୧୦୦ ରନ ଓ ସଞ୍ଜୟ ବେହେରା ୬୧ ରନ କରିଥିଲେ । ଉତ୍ତରରେ ମା (ଗ୍ରୀନ) ଦଳ ୨୮.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର



୧୦୪ ରନ ହାସଲ କରିପାରିଥିଲେ । ଦଳ ପକ୍ଷରୁ ପ୍ରିତମ ଆଚାର୍ଯ୍ୟ ୧୭ ରନ କରିଥିବା ବେଳେ ବିପକ୍ଷ ଦଳର ସାନନ୍ଦ କୁମାର ଦାସ ୩ଟି ଉଇକେଟ ଅକ୍ତିଆର କରିଥିଲେ । ବାସ୍ତବ ମହାନ୍ତ ମ୍ୟାନ ଅଫ ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଜଗଦୀଶ ମହାକୁଡ଼ ଓ ସୁଶାନ୍ତ ମହାନ୍ତି ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଆଜିର ଖେଳକୁ ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା ଦେବାଶିଷ ମାର୍ଣ୍ଡି, ତଥା ସୁନୀଲ କୁମାର ନାୟକ, ଲକ୍ଷ୍ମଣ ମହାପାତ୍ର ଓ ବରୁଣ କୁମାର ଘୋଷ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସହ ସମ୍ପାଦକ ପ୍ରସଂଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ରବୀନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତା କାଲି ରାଇରଙ୍ଗପୁର ଓ ଡ଼ି ଆର କେ (ଏ) ମଧ୍ୟରେ ଖେଳ ହେବ ବୋଲି କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଜଣାଇଛନ୍ତି ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo